RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-270 • BHUBANESWAR • SATURDAY • 29 MARCH 2025 • PAGE-14 • ₹ 6.00

• ବର୍ଷ-୪୨ • ସଂଖ୍ୟା-୨୭୦ • ଭୁବନେଶ୍ୱର • ଶନିବାର • ୨୯ ମାର୍ଚ୍ଚ ୨୦୨୫ • ପୃଷ୍ଠା-୧୪ • ଟ.୬.୦୦




କାହାଣୀ ଲିକ୍: ଚର୍ଚ୍ଚାରେ ଶ୍ରଦ୍ଧା

ପୃଷ୍ଠା 9 ଦେଖନ୍ତୁ...



EVERY 2 MINUTES,* ONE STUDENT JOINS US
To pursue dream of becoming DOCTOR OR ENGINEER!
Don't be left out this admission session.

Aakash
Medical | IIT-JEE | Foundations

PROVEN. TRUSTED. UNMATCHED.

115484 AAKASHIANS QUALIFIED IN NEET (UG) 2024
AIR 1 — 720/720 — Mridul M Anand, 3 Year Classroom (Delhi State Topper)
AIR 1 — 720/720 — Ayush Naugraiya, 4 Year Classroom (Uttar Pradesh State Topper)
AIR 1 — 720/720 — Arghyadeep Dutta, 2 Year Classroom (West Bengal State Topper)
AIR 1 — 720/720 — Aryan Yadav, 1 Year Classroom (Uttar Pradesh State Topper)
AIR 1 — 720/720 — Palansha Agarwal, 2 Year Classroom (Maharashtra State Topper)
AIR 1 — 720/720 — Iram Quazi, 1 Year Classroom (Rajasthan State Topper)
and many more...

3081 AAKASHIANS QUALIFIED IN JEE (ADVANCED) 2024
AIR 25 — Rishi Shekher Shukla, 2 Year Classroom
AIR 67 — Krishna Sai Shishir, 4 Year Classroom
AIR 78 — Abhishek Jain, 4 Year Classroom
AIR 93 — Hardik Aggarwal, 2 Year Classroom
AIR 95 — Ujjwal Singh, 4 Year Classroom
AIR 98 — Rachit Aggarwal, 4 Year Classroom
and many more...

OUR CHAMPIONS FROM Aakash ODISHA (CLASSROOM PROGRAMS)
NEET 2024: Gautam, AIIMS, Delhi; Om Amrit, AIIMS, BBSR; Uttam, AIIMS, BBSR; and many more...
JEE 2024: Keshaw, IIT, Bombay; Debasish, IIT, Kanpur; Anuj, IIT, Kharagpur; and many more...

*Calculated basis the number of admissions taken from July 2023 to June 2024
Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

ADMISSIONS OPEN for OUR NEXT BATCH

| CLASS 8th Studying Students | CLASS 9th-10th Studying Students | CLASS 11th Studying Students | CLASS 12th Studying Students | CLASS 12th Appearing / Passed Students |
|---|---|---|---|---|
| Foundation Courses for School Exams / Olympiads | School Plus and Prep Plus Courses for School / Board Exams, Pre-NEET / Pre-JEE along with Olympiads | 2 Year Integrated Classroom Courses for NEET / JEE | 1 Year Integrated Classroom Courses for NEET / JEE | 1 Year Repeater / Dropper Courses for NEET / JEE |
| Batches Starting From: 4th April, 2025 | | Batches Starting From: 6th April, 2025 | Batches Starting From: 1st April, 2025 | Batches Starting From: 17th April - 9th May |

Appear for Instant Admission cum Scholarship Test (iACST)
Get up to 90% Total Scholarship*
SCAN TO ENROLL
Register now for FREE,
visit: iacst.aakash.ac.in
*T & C Apply

LIMITED SEATS
CRASH COURSE for NEET 2025
Batches Starting on: 31st March, 2025

Aakash INVICTUS
Advanced JEE Prep Program
Appear INVICTUS ADMISSION TEST
Get Upto 90% Scholarship
For Students going to Class VIII, IX, X, XI & XII
*For Bhoumanagar Branch Only
Invictus Admission Test Date: 30th March, 2025

Scan code to locate the nearest branch

**Call Your Nearest Branch:** **Bhubaneswar (Bhoumanagar):** 8800852494, 9337870700 **Bhubaneswar (Chandrasekharpur):** 8800874104, 9311734469 **Berhampur:** 8800502470, 9078884998 **Baleswar:** 8800538720, 7008000100 **Cuttack:** 8800849243, 9337355230 **Sambalpur:** 8448693770, 9338170700

**Newly Open -** **Angul:** 8093083557 **Balangir:** 8093083552 **CDA, Cuttack:** 8093083568 **Jajpur Road:** 9078677290 **Jeypore:** 8093083564 **Khandagiri:** 9938896677 **Rourkela:** 8093083553 **Samantarapur:** 8093083567

CALL (TOLL-FREE): 1800-102-2727
VISIT: aakash.ac.in
Scan the QR Code to Download Aakash App
GET IT ON Google Play
Aakash Medical | IIT-JEE | Foundations

ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com

## ଆଜିର ରାଶିଫଳ

ମେଷ: ମନ ପ୍ରସନ୍ନ ରହିବ। ବ୍ୟବସାୟୀଙ୍କୁ ବଡ଼ ଧରଣର ସଫଳତା ମିଳିପାରେ। ସମାଜସେବା ପାଇଁ ପ୍ରସ୍ତୁତ ରହିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ପରିବାରଲୋକଙ୍କ ସହ ସମୟ ବିତାଇବେ।

ବୃଷ: ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ଅର୍ଥ ସଞ୍ଚୟ କରିପାରିବେ। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

ମିଥୁନ: ବ୍ୟବସାୟରୁ ଲାଭବାନ ହୋଇପାରନ୍ତି। ଯାନବାହନ କିଣିବା ଯୋଗ ଅଛି। କୌଣସି କାର୍ଯ୍ୟକୁ ଶେଷ କରିବାରେ ବିଳମ୍ବ ହେବ। ଜୀବନ ସୁଖମୟ ହେବ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

କର୍କଟ: ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ। ଅଫିସ୍‌ରେ ମାନେ ନୂତନ ପ୍ରୋଜେକ୍ଟ ଉପରେ ଅଧିକ ଧ୍ୟାନ ଦେବେ। ଗୁରୁଜନଙ୍କ ପରାମର୍ଶ ଅନୁସାରେ କାମ କରନ୍ତୁ।

ସିଂହ: ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନହାନିର ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ।

କନ୍ୟା: କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

ତୁଳା: ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଜାଗା ତଥା ଯାନବାହନ କିଣିବା ପାଇଁ ମନ ବଳାଇବେ।

ବିଛା: ବୈବାହିକ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେବ।

ଧନୁ: ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

ମକର: କର୍ମଚପଳ ରହିବେ। ବାପାମାଆଙ୍କ ସହଯୋଗ ମିଳିବ। ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ।

କୁମ୍ଭ: କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାନୁରୂପ ଲାଭ ମିଳିବ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

ମୀନ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୮୫୭-ମଙ୍ଗଲ ପାଣ୍ଡେ ବାରାକ୍‌ପୁରରେ ଇଂରେଜ ଶାସନ ବିରୋଧରେ ବିଦ୍ରୋହ ଆରମ୍ଭ କଲେ।
- ୧୯୫୪-ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ ଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨-ଏନ୍‌ଟି ରାମାରାଓ ତେଲୁଗୁ ଦେଶମ୍ ପାର୍ଟି ଗଠନ କଲେ।
- ୨୦୦୪- ଆୟରଲ୍ୟାଣ୍ଡ କାର୍ଯ୍ୟସ୍ଥଳରେ ଧୂମପାନକୁ ନିଷିଦ୍ଧ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର ହେଲା।



## ‘ସ୍ତ୍ରୀ-୩’ର କାହାଣୀ ଲିକ୍ ଚର୍ଚ୍ଚାରେ ଶ୍ରଦ୍ଧା

ଶ୍ରଦ୍ଧା କପୁର ଓ ରାଜକୁମାର ରାଓଙ୍କ ‘ସ୍ତ୍ରୀ’ ସିରିଜ୍‌ର ଦୁଇଟି ଯାକ ଫିଲ୍ମ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏବେ ଦର୍ଶକେ ଏହାର ତୃତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ‘ସ୍ତ୍ରୀ ୩’ର କାହାଣୀ ଲିକ୍ ହୋଇଯାଇଥିବା ଚର୍ଚ୍ଚା ହେଉଛି। କେବଳ ସେତିକି ନୁହେଁ, ଶ୍ରଦ୍ଧାଙ୍କ ନାଁ ମଧ୍ୟ ଏଥିରେ ସାମ୍ନାକୁ ଆସିଛି। ଏଥିରେ ଶ୍ରଦ୍ଧାଙ୍କ ନାଁ ଗାୟତ୍ରୀ ରଖାଯାଇଛି ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। କିଛି ୟୁଜର୍ସ ଏହାକୁ ଗୁଜବ କହୁଥିବାବେଳେ ଆଉ କିଛି ଜଣ ଯଦି ଏହା ସତ ହୋଇଥାଏ, ପରବର୍ତ୍ତୀ ସମୟରେ ନିର୍ମାତା ଏହାର ନାମ ବଦଳାଇ ଦେବେ ବୋଲି କହିଛନ୍ତି। ଏଠାରେ ପ୍ରକାଶ ଥାଉ କି, ‘ସ୍ତ୍ରୀ’ ଫିଲ୍ମ ୨୦୧୮ ରେ ଆସିଥିଲା। ଅମର କୌଶିକ୍ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ। ଦିନେଶ ବିଜାନ୍ ଓ ରାଜ୍ ଆଣ୍ଡ ଡିକେ ଏହାର ପ୍ରଯୋଜନା ଦାୟିତ୍ୱରେ ଥିଲେ। ଏହାର ଦ୍ୱିତୀୟ ଫିଲ୍ମ ୨୦୨୪ରେ ଆସିଥିଲା। ଏହି ସିରିଜ୍‌ର ଦୁଇଟି ଯାକ ଫିଲ୍ମ ଭଲ ବିଜିନେସ୍ କରିଥିଲା।


## ପାହାଡ଼ ଦେଖାଇ ଲକ୍ଷ ଲକ୍ଷ ରୋଜଗାର



କାଥାରେ ଅଛି, ଟଙ୍କା ଉଡ଼ୁଛି, ଧରିପାରିଲେ ହେଲା। ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ଚୀନ୍‌ର ୨୬ ବର୍ଷୀୟ ଯୁବକ ଶିୟାଓ ଚେନ। ସେ କୌଣସି ଚାକିରି କି ବ୍ୟବସାୟ କରିନାହାନ୍ତି, ସ୍ୱାଧୀନ ଭାବରେ କାର୍ଯ୍ୟକରି ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି। ଚୀନ୍‌ର ପ୍ରସିଦ୍ଧ ତାଇ ପର୍ବତକୁ ଆସୁଥିବା ପର୍ଯ୍ୟଟକଙ୍କୁ ରାସ୍ତା କଢ଼ାଇବା ଚେନ୍‌ଙ୍କ ମୁଖ୍ୟ କାମ। ଏବାବଦରେ ସେ ବାର୍ଷିକ ୩୬ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଯାତ୍ରା ପୂରା କରିବାକୁ ୧୦୦୦ଟି ପାହାଚ ଚଢ଼ିବାକୁ ହୋଇଥାଏ। ବେଳେବେଳେ ଚେନ୍ ପର୍ଯ୍ୟଟକମାନଙ୍କୁ ତାଙ୍କ କାନ୍ଧରେ ବସାଇ ପାହାଡ଼ ପାଖକୁ ନେଇ ଯାଆନ୍ତି। ଏଥିପାଇଁ ସେ ୮୩ ଡଲାର ତଥା ଭାରତୀୟ ମୁଦ୍ରାରେ ୭୦୦୦ଟଙ୍କା ପାରିଶ୍ରମିକ ନିଅନ୍ତି। ଗୋଟିଏ ଦିନରେ ସେ ଦୁଇଥର ପାହାଡ଼ ଚଢ଼ି ମାସକୁ ତିନି ଲକ୍ଷ ଟଙ୍କା ରୋଜଗାର କରନ୍ତି। ତେଣୁ କର୍ପୋରେଟ୍ ଅଫିସ୍ କର୍ମଚାରୀଙ୍କ ଦରମାଠାରୁ ଚେନ୍‌ଙ୍କ ଦରମା ବହୁତ ଅଧିକ। ଏଭଳି ଭାବେ ସେ ବାର୍ଷିକ ୩୬ ଲକ୍ଷ ଟଙ୍କା ଆୟ କରନ୍ତି। ନିଜ କାମକୁ ନେଇ ଚେନ୍ କୁହନ୍ତି, ‘ମୁଁ ୨୫ରୁ ୪୦ ବର୍ଷୀୟ ପର୍ଯ୍ୟଟକଙ୍କୁ ପାହାଡ଼ର ଶିଖର ଯାଏଁ ନେଇଯାଏ। ଆଉ ବୟସ୍କ ବ୍ୟକ୍ତିଙ୍କୁ ନିଜ କାନ୍ଧରେ ବସାଇ ନେଇଥାଏ। ଏଥିପାଇଁ ଲୋକେ ମୋତେ ଭଲ ପାରିଶ୍ରମିକ ଦିଅନ୍ତି।’ ଏଠାକୁ ଆସୁଥିବା ପର୍ଯ୍ୟଟକ ପ୍ରଥମେ ଚେନ୍‌ଙ୍କୁ ଖୋଜନ୍ତି। ନିଜ ବୃତ୍ତିକୁ ଆଗକୁ ନେବା ତଥା ପର୍ଯ୍ୟଟକଙ୍କୁ ସମସ୍ତ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଚେନ୍ ଏବେ ଲୋକ ରଖିଛନ୍ତି। ରିଲ୍ସ ଦୁନିଆରେ ମଧ୍ୟ ଚେନ୍ ବେଶ୍ ଲୋକପ୍ରିୟ। ସେ ନିଜ କାମ ସମ୍ବନ୍ଧୀୟ ଭିଡିଓକୁ ପ୍ରାୟତଃ ସାମାଜିକ ଗଣମାଧ୍ୟମରେ ସେୟାର କରୁଥାନ୍ତି। ଲୋକେ ମଧ୍ୟ ଚେନ୍‌ଙ୍କ ଭିଡିଓକୁ ଦେଖିବାକୁ ପସନ୍ଦ କରନ୍ତି। ସୂଚନା ଥାଉ କି, ତାଇ ପର୍ବତକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିଛି।

## ଏଆଇ ବଢ଼ାଉଛି ଏକାକୀତ୍ୱ

ଏବେ ସ୍କୁଲ, କଲେଜଠାରୁ ଆରମ୍ଭ କରି ହସ୍‌ପିଟାଲ ପର୍ଯ୍ୟନ୍ତ ଏଆଇ ଚାଟ୍‌ବଟ୍‌ର ଉପଯୋଗ ହେଉଛି। କମ୍ ସମୟ ମଧ୍ୟରେ ଏହା ଲୋକଙ୍କ କାମକୁ ସହଜ ଓ ସରଳ କରିପାରୁଛି। ତେବେ ଏହାର ମାତ୍ରାଧିକ ବ୍ୟବହାର ବିପଜ୍ଜନକ ବୋଲି କୁହାଯାଉଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି, ଏଆଇ ଚାଟବଟ୍‌ର ଅଧିକ ବ୍ୟବହାର ଯୋଗୁଁ ଏକାକୀତ୍ୱ ବୃଦ୍ଧି ପାଉଛି। କେବଳ ସେତିକି ନୁହେଁ, ଲୋକଙ୍କର ସାମାଜିକ ମିଳାମିଶା ଓ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା ଅଭ୍ୟାସ ହ୍ରାସ ପାଉଛି। ତେବେ ଓପନ୍ ଏଆଇ ଏବଂ ଏମ୍‌ଆଇଟିର ଗବେଷଣାରୁ ଏହି କଥା ସାମ୍ନାକୁ ଆସିଛି। ଚାଟ୍‌ଜିପିଟି ସହିତ ନିତିଦିନ ଅଧିକ ସମୟ ଅତିବାହିତ କରୁଥିବା ଲୋକେ ଭାବନାତ୍ମକ ଭାବେ ଅଲଗା ହୋଇଥାନ୍ତି। ଏଭଳି ଲୋକ ଅନ୍ୟମାନଙ୍କ ସହିତ ମିଳାମିଶା କମ୍ କରନ୍ତି। ଫଳରେ ସେମାନେ ଏକଲାପଣର ଶିକାର ହୁଅନ୍ତି। ଏହି କାରଣ ଯୋଗୁଁ ଅନ୍ୟ ଲୋକଙ୍କ ସହ ମିଶିବାରେ ସେମାନଙ୍କଠାରେ ସମସ୍ୟା ବୃଦ୍ଧି ପାଏ। ଅଧ୍ୟୟନରୁ ଏକଥା ସାମ୍ନାକୁ ଆସିଛି ଯେ, ଅଧିକ ସାମାଜିକ ମିଳାମିଶାରେ ରହୁଥିବା ଲୋକେ ଭାବାନାତ୍ମକ ସ୍ତରରେ ବେଶ୍ ଦୃଢ଼ ହୋଇଥାନ୍ତି। ହେଲେ ଚାଟ୍‌ବଟ୍ ଉପରେ ଅଧିକ ଭରସା



କରୁଥିବା ଲୋକ ତୁଳନାତ୍ମକ ଭାବେ ଅଧିକ ଏକାକୀତ୍ୱ ଓ ଅସହାୟ ଅନୁଭବ କରନ୍ତି। ସେହିପରି ପୂର୍ବରୁ ଦୀର୍ଘ ସମୟ ହେବ ଗବେଷକମାନେ ଏଆଇ ଚାଟ୍‌ବଟ୍ ଯୋଗୁଁ ମଣିଷଠାରେ ଦେଖାଦେଉଥିବା ପରିବର୍ତ୍ତନ ଉପରେ ଗବେଷଣା କରି ଆସୁଛନ୍ତି। ମାନସିକ ରୋଗ ଓ ଏକାକୀତ୍ୱକୁ ସାମ୍ନା କରୁଥିବା ଯୁବପିଢ଼ିଙ୍କଠାରେ ଏଆଇ ଚାଟ୍‌ବଟ୍‌ର ବଢ଼ୁଥିବା ବ୍ୟବହାରକୁ ଦେଖି କିଛି ଗବେଷକ ଚିନ୍ତାପ୍ରକଟ କରିଛନ୍ତି। ତେବେ ନୂତନ ଗବେଷଣା ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଗବେଷକମାନେ କହିଛନ୍ତି। ତା’ସହିତ ଏହା ମଣିଷଙ୍କ ବ୍ୟବହାର ଉପରେ କିଭଳି ପ୍ରଭାବ ପକାଉଛି, ସେକଥା ଜାଣିବା ପାଇଁ ଚେଷ୍ଟା କରାଯାଉଛି। ଅବଶ୍ୟ ଏଆଇର ବ୍ୟବହାର ମଜାଦାର ହେଲେ ବି ଏହାର ଅନ୍ୟ ଦିଗକୁ ଅଣଦେଖା କରିବା ଅନୁଚିତ ବୋଲି ଗବେଷକମାନେ କହିଛନ୍ତି।

# ସୁମନ

### ସକାଳ ଶିଶୁ କୁଇଜ୍-୧୫୭

(୧) ଭାରତ ମହାସାଗରର ଗଭୀରତମ ଅଞ୍ଚଳର ନାମ କ’ଣ?
ଉତ୍ତର : ______

(୨) ରମଣ ରଶ୍ମିର ଆବିଷ୍କାର କିଏ କରିଥିଲେ?
ଉତ୍ତର : ______

(୩) ‘ଟୀକା ଗୋବିନ୍ଦଚନ୍ଦ୍ର’ କିଏ ରଚନା କରିଛନ୍ତି?
ଉତ୍ତର : ______

(୪) ସାବରମତୀ ଆଶ୍ରମ ଭାରତର କେଉଁ ରାଜ୍ୟରେ ଅଛି?
ଉତ୍ତର : ______

(୫) କାହାକୁ ୟୁରୋପର ଫଳ ବଗିଚା କୁହାଯାଏ?
ଉତ୍ତର : ______

ଗତ ସପ୍ତାହର କୁଇଜ୍ ବିଜେତା
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ
- ସଞ୍ଜୟ କୁମାର ମାଝୀ, ନବରଙ୍ଗପୁର
- ଦେବାଶିଷ କର, ଆଙ୍କପଦା, ଭଦ୍ରକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### ଉତ୍କଳ ଦିବସ

ଛୁଟି ଦିନେ ଆଜି କୁଆଡ଼େ ଯାଉଛୁ
ଜେଜେ ପଚାରିଲେ ମାମାକୁ,
ସଜବାଜ ହୋଇ କୁଆଡ଼େ ଯାଉଛୁ
ପିନ୍ଧି ତୋର ନୂଆ ଜାମାକୁ।
ହସିହସି ମାମା କହିଲା ଜେଜେଙ୍କୁ
ଜାଣିନ କି ଆଜି କଅଣ,
ପ୍ରତ୍ୟେକ ଓଡ଼ିଆ ଆଜି ଦିନଟିକୁ
କରୁଛନ୍ତି ପରା ସ୍ମରଣ।
ଉଣେଇଶ ସହ ଛତିଶ ମସିହା
ଅପ୍ରେଲ ପହିଲା ଦିନରୁ
ସ୍ୱତନ୍ତ୍ର ପ୍ରଦେଶ ହୋଇଲା ଓଡ଼ିଶା
ଭୁଲି ଗଲଣିକି ମନରୁ।
ସେହିଦିନ ଠାରୁ ଅପ୍ରେଲ ପହିଲା
ପାଳନ କରୁଛି ଓଡ଼ିଶା,
ଚାରିଆଡ଼େ ସଭା ସମିତି କରନ୍ତି
ଭାଇ, ବନ୍ଧୁ, ସାହି ପଡ଼ିଶା।
ଆମ ଓଡ଼ିଶାର ପୂର୍ବ ନାମ ଥିଲା
ଓଡ୍ର, କଳିଙ୍ଗ, ଉତ୍କଳ
ବୀରଜାତି ଭାବେ ପରିଚିତ ଥିଲା
ଜାଣିଛନ୍ତି ପରା ସକଳ।
ମଧୁ, ଗୋପବନ୍ଧୁ, ଫକିରମୋହନ
କୃଷ୍ଣଚନ୍ଦ୍ରଗଜପତି
ସ୍ୱତନ୍ତ୍ର ଉତ୍କଳ ଗଢ଼ିଛନ୍ତି ବୋଲି
ମନେପଡ଼େ ତାଙ୍କ ସ୍ମୃତି।
ସେଥିପାଇଁ ଆମେ ଯାଉଛୁ ଆଜି
ହାତେ ଧରି ଫୁଲ, ଚନ୍ଦନ,
ପାଳନ କରିବୁ ଉତ୍କଳ ଦିବସ
ଏକ ସ୍ୱରେ ଦେଇ ସ୍ଲୋଗାନ।■



ତପନ କୁମାର ସ୍ୱାଇଁ
ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ - ୯୦୪୦୦୩୩୩୯୦

### ଉତ୍କଳର ଜନ୍ମଦିନ

ଏପ୍ରିଲ ମାସ ଏକ ତାରିଖ
ଉତ୍କଳର ଜନ୍ମଦିନ
ବନ୍ଦେ ଉତ୍କଳ ଜନନୀ ଗୀତ
ସର୍ବେ କରିବେ ଗାନ।
ସେଦିନ ପରା ଆମ ଓଡ଼ିଶା
ସ୍ୱତନ୍ତ୍ର ରାଜ୍ୟ ହୋଇ
ଇତିହାସରେ ଟେକ ରଖିଲା
ଉତ୍କଳ ନାମ ନେଇ।
ବୀର ସନ୍ତାନ ଏକାଠି ହୋଇ
କଲେ ମହତ କାମ
ଗୋପବନ୍ଧୁ ଓ ମଧୁବାବୁଙ୍କ
ସଫଳ ହେଲା ସ୍ୱପ୍ନ।
ଆମରି ଭାଷା ଆମ ସାହିତ୍ୟ
ଦେଶେ ପାଇଲା ମାନ
ଶାସ୍ତ୍ରୀୟ ଭାଷା ସୂଚୀରେ ସିଏ
ପାଇଲା ଷଷ୍ଠ ସ୍ଥାନ।
ସେହି ମହାନ ଦିନକୁ ଆମେ
ପାଳୁଛୁ ପ୍ରତି ବର୍ଷ
ଧନୀ ଦରିଦ୍ର ସଭିଏଁ ପାଳୁ
ମୁଖେ ଫୁଟେଇ ହସ।
ସେ ଶୁଭ ଦିନେ ଆସ ସଭିଏଁ
ହୋଇବା ଏକ ମେଳ
ମାତୃଭୂମିର ବିକାଶ ପାଇଁ
କରିବେ ହୃଦେ ପଣ।■



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ଜୀବେଦୟା ପରମ ଧର୍ମ





ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସମୟର ଘଟଣାଟି। ଆରାଧନା ପାତ୍ର ତୃତୀୟ ଶ୍ରେଣୀର ପଢୁଥିବା କୁନି ଝିଅଟିଏ। ମଧ୍ୟାହ୍ନରେ ସବୁଦିନ ବିଦ୍ୟାଳୟରେ ଖାଇଲାବେଳେ ତା’ ନଜର ପଡ଼େ ସେଇ ପାଖରେ ବୁଲୁଥିବା କୁକୁରଟି ଉପରେ। ଏଣୁ ଆରାଧନା ବଳକା ଖାଦ୍ୟକୁ ସେଇ କୁକୁରକୁ ଦିଏ। ଏମିତି କୁକୁରଟି କେତେଥର ଆରାଧନା ଠାରୁ ଖାଦ୍ୟ ପାଇଲା ପରେ ସବୁଦିନ ତାକୁ ଚାହିଁ ରହିଥାଏ। ଅଳ୍ପ, ବେଶୀ ଯାହା ପାଇଲେ ବି କୁକୁରଟି କୃତକୃତ୍ୟ ହୁଏ। ଆରାଧନା ମଧ୍ୟ ସେ କୁକୁରକୁ ଗଣ୍ଡାଏ ନ ଦେଲେ ଖୁସି ହୁଏ ନାହିଁ। ଏମିତି କୁକୁର ଓ ଆରାଧନା ମଧ୍ୟରେ ଏକ ସ୍ନେହର ସଂପର୍କ ଗଢ଼ି ଉଠିଥାଏ। ରବିବାର ଓ ଅନ୍ୟାନ୍ୟ ଛୁଟିଦିନରେ କୁକୁରଟି କ’ଣ ଖାଏ କେଜାଣି? ଆରାଧନା ମନ ତେଣେ ଘର ପାଖରେ ଗୁଡ଼େଇ ହୁଏ। ସବୁଦିନ ପରି ସେଦିନ ମଧ୍ୟ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ଆରାଧନା ଥାଳିଟି ନେଇ ବିଦ୍ୟାଳୟ ପାଖ ଯାଇଛି, ଆଡ଼ିରେ ଯାହା ଭାତ ଥିଲା ସେ କୁକୁରକୁ ଦେଇଛି। କେହି ପୋଖରୀ ପାଖରେ ନ ଥିଲା ବେଳେ ଥାଳି ଧୋଉଧୋଉ ଗୋଡ଼ ଖସିଯାଇ ପାଣିରେ ପଡ଼ିଯାଇଛି ଆରାଧନା। ଗଭୀର ପୋଖରୀ, ଉଠି ନ ପାରି ସେ ଖାଲି ବୁଡ଼ୁଛି ଉଠିବାକୁ ଚେଷ୍ଟା କରୁଛି। ମାତ୍ର ଆସିପାରୁନି କି ପାଟିରେ ପାଣି ପଶି ଡାକି ପାରୁନି। ମାତ୍ର ଦାନା ଖାଉଥିବା କୁକୁରଟି ଏ ଘଟଣା ଦେଖି ଖୁବ୍ ଜୋରରେ ଭୁକୁଛି। ଅନ୍ୟ ପିଲେ କୁକୁରକୁ ଦୂରରୁ ଦେଖୁଛନ୍ତି ସିନା, ଆରାଧନାକୁ ଦେଖି ପାରୁ ନ ଥାନ୍ତି। ମାତ୍ର କୁକୁରଟି ଏଥର ଭୁକି ଭୁକି ପାଣିରେ ପଡ଼ିଥିବା ଆରାଧନା ପାଖକୁ ଡିଆଁ ମାରିଦେଲା। କୁକୁର ମଧ୍ୟ ବୁଡ଼ୁଛି, ଉଠୁଛି। ପିଲାଏ କୁକୁର ପାଣିରେ ପଡ଼ିଗଲା ବୋଲି ପୋଖରୀ ପାଖକୁ ଧାଇଁ ଆସି ଆରାଧନାକୁ ପାଣିରେ ବୁଡ଼ି ଯାଉଥିବାର ଦେଖି ଡାକ ପକାଇଲେ। ଗୁରୁଜୀ ଓ ପିଲାମାନେ ଆରାଧନା ଓ ସେ କୁକୁରଟିକୁ ଉଦ୍ଧାର କଲେ। ସମସ୍ତେ ଆଶ୍ଚର୍ଯ୍ୟ ହେଲେ କୁକୁରଟିର ଏପରି କାର୍ଯ୍ୟ ଦେଖି। ବୁଝିଲେ ପିଲେ, ଯିଏ ଲୁଣ ଖାଇଥାଏ, ସେ ଗୁଣ ଗାଇଥାଏ। ସବୁବେଳେ ସବୁ ଜୀବଙ୍କୁ ଦୟା ଦେଖାଇବା ଉଚିତ। ଫଳରେ ଜୀବେଦୟା ପରମଧର୍ମର ସାର୍ଥକତା ପ୍ରତିପାଦନ ହେବ।■



ଶିବ ପ୍ରସାଦ ରାଉତ
ବଛଦା, ଜଗନ୍ନାଥପୁର, ଭଦ୍ରକ
ମୋ- ୯୪୩୭୭୯୬୭୨୧


### କୁନି ହାତରେ ତୂଳୀ




ଶ୍ରୀୟାଦିତା ରାୟ
ଚତୁର୍ଥ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା






ମିହିକା ଶାହ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର



ରିତିକରାଜ ବାରିକ
ଷଷ୍ଠ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା





ଆର୍ଯ୍ୟନ ଦାସ
ସପ୍ତମ ଶ୍ରେଣୀ
ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍
ଭୁବନେଶ୍ୱର

### ପ୍ରହେଳିକା

- ଏମିତି ଅଟଇ ରାଜ୍ୟଟେ ସିଏ
ଭାଷା ଭିତ୍ତିରେ ଯେ ଗଠିତ ହୁଏ
୧୯୩୬ ଯେ ମସିହା ଥିଲା
ଏପ୍ରିଲ୍ ଏକରେ ଗଠିତ ହେଲା
ଦେଶରେ ବଢ଼ିଲା ତାହାରି ମାନ
ମିଳିଲା ତାହାକୁ ସ୍ୱତନ୍ତ୍ର ସ୍ଥାନ
ନଦନଦୀ ଭରା ରାଜ୍ୟଟି ସିଏ
ନାମଟି ତାହାର କହିବ କିଏ?
ଉ- ଓଡ଼ିଶା



- ଏପ୍ରିଲ ମାସର ଏକ ତାରିଖ
ହଟି ଯାଇଥିଲା ଓଡ଼ିଆ ଦୁଃଖ
ଓଡ଼ିଶା ରାଜ୍ୟର ଜନମ ଦିନ
ପାଳୁଛନ୍ତି ତାକୁ ଓଡ଼ିଆ ଜନ
ଗର୍ବ ଓ ଗୌରବର ଦିବସଟିଏ
ନାମଟି ତାହାର କହିବ କିଏ?
ଉ-ଉତ୍କଳ ଦିବସ

- ରାଜଧାନୀ ଅଟେ ରାଜ୍ୟର ସିଏ
ସ୍ମାର୍ଟ ସହର ହୋଇଛି ଯିଏ
ସବୁଜ ଶ୍ୟାମଳ ଭାରି ସୁନ୍ଦର
ମନ୍ଦିର ମାଳିନୀ ନାମଟେ ତା’ର
ଚାଲେ ଭୁବନକୁ ସାଥିରେ ନେଇ
କିଏ ସେ ପାରିବ ତା’ ନାମ କହି?
ଉ-ଭୁବନେଶ୍ୱର

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫




ଇଣ୍ଡିଆନ୍ ଗ୍ରାଁ ପ୍ରିରେ ପ୍ରଜ୍ଞାଙ୍କୁ ରୌପ୍ୟ

▶ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-270 ◆BHUBANESWAR ◆SATURDAY ◆29 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୭୦ ◆ଭୁବନେଶ୍ୱର ◆ଶନିବାର ◆୨୯ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

**ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି):** ଏକ ଗୁରୁତପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଆଜି କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ) ଏବଂ ପେନ୍‌ସନଭୋଗୀଙ୍କ ପାଇଁ ମହଙ୍ଗା ସହାୟତା(ଡିଆର୍)ରେ ୨ ପ୍ରତିଶତ ବୃଦ୍ଧି ଘଟାଇଛନ୍ତି। ଏହି ବୃଦ୍ଧି ୨୦୨୫ ଜାନୁଆରୀ ପହିଲାଠାରୁ ପିଛିଲା ଭାବେ ଲାଗୁ ହେବ। ତେବେ ଗତ ୭ ବର୍ଷ ମଧ୍ୟରେ କେନ୍ଦ୍ରୀୟ କର୍ମଚାରୀଙ୍କ ଡିଏରେ ଏହା ସର୍ବନିମ୍ନ ବୃଦ୍ଧି ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ବର୍ତ୍ତମାନର ୫୩ ପ୍ରତିଶତ ମୂଳ ବେତନ/ପେନସନ ଉପରେ ୨ ପ୍ରତିଶତ ବୃଦ୍ଧି କରାଯାଇଛି, ଯାହାଦ୍ୱାରା ମହଙ୍ଗା ଦର ଭରଣା କରାଯାଇପାରିବ। ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ଉଭୟରେ ବୃଦ୍ଧି ଫଳରେ ସରକାରୀ ରାଜକୋଷ ଉପରେ ବାର୍ଷିକ ୬୬୧୪.୦୪ କୋଟି ଟଙ୍କାର ବୋଝ ପଡ଼ିବ। ଏହାଦ୍ୱାରା ପ୍ରାୟ ୪୮.୬୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୬.୫୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହି ବୃଦ୍ଧି ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗର ସୁପାରିସ ଆଧାରରେ ମଞ୍ଜୁର ଫର୍ମୁଲା ଆଧାରରେ କରାଯାଇଛି। ଶିଳ୍ପ ଶ୍ରମିକଙ୍କ ▶ପୃଷ୍ଠା-୭

**ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ**

**ରାଜକୋଷ ଉପରେ ବାର୍ଷିକ ୬୬୧୪.୦୪ କୋଟିର ବୋଝ**

## ମେ ୧୫ରେ ପ୍ରକାଶ ପାଇବ +୨ ପରୀକ୍ଷା ଫଳ

**ଭୁବନେଶ୍ୱର, ୨୮।୩ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା-୨୦୨୫ ଶେଷ ହୋଇଛି। ଆସନ୍ତା ୨ ତାରିଖରୁ ପରୀକ୍ଷା ଖାତାର ମୂଲ୍ୟାଙ୍କନ ଆରମ୍ଭ ହେବ। ମୂଲ୍ୟାଙ୍କନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଖାତା ଦେଖୁଥିବା ଶିକ୍ଷକଙ୍କ ଉପରେ ପରିଷଦ କଡ଼ା ନଜର ରଖିଛି। ଆସନ୍ତା ମେ" ୧୫ ତାରିଖ ସୁଦ୍ଧା ସଠିକ ସମୟରେ ପରୀକ୍ଷାଫଳ ବାହାରିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଉଚ୍ଚ ମାଧ୍ୟମିକ ପରିଷଦ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ରାଜ୍ୟରେ ଚଳିତବର୍ଷ ୩ ଲକ୍ଷ ୯୩ ହଜାର ୬୧୮ ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ମୂଲ୍ୟାଙ୍କନ ପାଇଁ ନିଯୁକ୍ତ ହୋଇଛନ୍ତି। ଅତ୍ୟଧିକ ଖରା ଯୋଗୁଁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଖାତା ଦେଖିବାକୁ ଆସୁନାହାନ୍ତି। ତେଣୁ ଫଳପ୍ରକାଶରେ ବିଳମ୍ବକୁ ରୋକିବା ପାଇଁ ମୂଲ୍ୟାଙ୍କନ କେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯାଇଛି। ପରୀକ୍ଷକଙ୍କ ସୁବିଧା ଦୃଷ୍ଟିରୁ ସେମାନଙ୍କୁ ନିଜ ଜିଲ୍ଲାରେ ହୋଇଥିବା ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଉଛି। ୩୫, ୪୦ ଓ ୫୦ ▶ପୃଷ୍ଠା-୭

**ମୂଲ୍ୟାଙ୍କନରେ ୮ ହଜାର ଶିକ୍ଷକ**

**ସାଧାରଣ ପରୀକ୍ଷାର୍ଥୀଙ୍କ ସହ ପ୍ରକାଶ ପାଇବ ମାଲ୍‌ପ୍ରାକ୍ଟିସ ଛାତ୍ରଛାତ୍ରୀଙ୍କ ଫଳ**



# ଭୂକମ୍ପ: ଦୋହଲିଗଲା ମ୍ୟାଁମାର୍

### ୧୫୦ରୁ ଅଧିକ ମୃତ; ଶତାଧିକ ନିଖୋଜ

### ଥାଇଲାଣ୍ଡ ଛାରଖାର୍

**ନାପିତ୍ୟ, ୨୮।୩ (ଏଜେନ୍ସି):** ଏକ ଶକ୍ତିଶାଳୀ ଭୂକମ୍ପ ଝଟ୍‌କାରେ ଦୋହଲିଯାଇଛି ମ୍ୟାଁମାର୍, ଥାଇଲାଣ୍ଡ। ୭.୭ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପର ପ୍ରଭାବ ଏତେ ଭୟଙ୍କର ଥିଲା ଯେ, ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ତାସ୍ ଘର ପରି ନିମିଷକ ମଧ୍ୟରେ ଭୁଶୁଡ଼ି ପଡ଼ିଥିଲା। ଚାହୁଁଚାହୁଁ ରାଜରାସ୍ତା ବିଦୀର୍ଣ୍ଣ ହୋଇ ସୃଷ୍ଟି ହୋଇଥିଲା ପାତାଳଛୁଆଁ ଫାଟ। ସାଙ୍ଗାଇଙ୍ଗର ଇରାୱାଡି ନଦୀରେ ଥିବା ମ୍ୟାଁମାର୍‌ର ଦ୍ୱିତୀୟ ବୃହତ୍ତମ ପୋଲଟି ଭୁଶୁଡି ପଡ଼ିଥିଲା। ଏହି ଭୂକମ୍ପରେ ଅନେକ ସହର ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। ୧୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ଶତାଧିକ ନିଖୋଜ ଅଛନ୍ତି। ବିଭିନ୍ନ ସ୍ଥାନରେ ଭଗ୍ନାବଶେଷ ତଳେ ବହୁ ସଂଖ୍ୟାରେ ଲୋକ ଫସି ରହିଥିବାର ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳୁ ଧନଜୀବନ ଖୋଜୁଛନ୍ତି। ବିପର୍ଯ୍ୟୟକୁ ଦେଖି ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଦେଶରେ ଜରୁରିକାଳୀନ ସ୍ଥିତି ଜାରି କରିଛନ୍ତି।

**ତୀବ୍ରତା ୭.୭**




- **ତାସ୍ ଘର ପରି ଭୁଶୁଡ଼ିଲା ନଭଶ୍ଚୁମ୍ବୀ ଅଟ୍ଟାଳିକା**
- **ଜାତୀୟ ରାଜପଥରେ ପାତାଳଛୁଆଁ ଫାଟ**
- **ଥାଇଲାଣ୍ଡରେ ୧୫ ମୃତ; ଅନେକ ନିଖୋଜ**
- **୩୦ ମହଲା କୋଠା ଭୁଶୁଡି ୮୦ ନିଖୋଜ**
- **ମ୍ୟାଁମାର ଓ ଥାଇଲାଣ୍ଡରେ ଜରୁରିକାଳୀନ ସ୍ଥିତି**
- **ଭାରତ ସମେତ ୫ ଦେଶରେ ଝଟ୍‌କା ଅନୁଭୂତ**
- **ଶୋକ ବ୍ୟକ୍ତକଲେ ମୋହନ, ନବୀନ**

ମ୍ୟାଁମାର୍‌ର ମୋନ୍ୟା ସହରରୁ ୫୦ କିମି ଦୂରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୧୦ରୁ ୩୦ କିମି ତଳେ ସୃଷ୍ଟି ହୋଇଥିବା ଏହି ଭୂକମ୍ପର ଝଟ୍‌କା ଭାରତ, ଥାଇଲାଣ୍ଡ, ଭିଏତନାମ, ବାଂଲାଦେଶ, ଚୀନ୍‌ରେ ମଧ ଅନୁଭୂତ ହୋଇଛି। ଶୁକ୍ରବାର ସକାଳ ୧୧ଟା ୫୦ରେ ହୋଇଥିବା ଭୂକମ୍ପ ୧୨ ମିନିଟ ମଧ୍ୟରେ ଛଅ ଥର ଅନୁଭୂତ ହେବାସହ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବହୁ ଧନଜୀବନ ହାନୀ ହେବାସହ ଅନେକ ▶ପୃଷ୍ଠା-୭

## ରାଜ୍ୟ ଯୋଜନା ବୋର୍ଡ ପଙ୍ଗୁ

### ୮ ମାସ ପରେ ବି ନିର୍ଦ୍ଧାରଣ ହୋଇପାରୁନି ମାର୍ଗଦର୍ଶିକା

**ଭୁବନେଶ୍ୱର, ୨୮।୩ (ସମିସ):** ୮ ମାସ ହେଲା ଭଙ୍ଗ ହେଲାଣି ରାଜ୍ୟ ଯୋଜନା ବୋର୍ଡ; ମାତ୍ର ଏଯାଏ ଏହାର ପୁନର୍ଗଠନ ନିମନ୍ତେ ସରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ମଧ୍ୟ ନିଯୁକ୍ତି କରାଯାଇ ନାହିଁ। ଫଳରେ ରାଜ୍ୟ ବିକାଶର ନକ୍ସା ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନରେ ପ୍ରମୁଖ ଭୂମିକା ନିଭାଉଥିବା ରାଜ୍ୟ ଯୋଜନା ବୋର୍ଡ ଏବେ ଏକପ୍ରକାର ପଙ୍ଗୁ ପାଲଟି ଯାଇଛି।

ଯୋଜନା ପ୍ରଣୟନ, ତାହାର ମୂଲ୍ୟାୟନ ଓ ରୂପାୟନ, କାର୍ଯ୍ୟକାରିତା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ରାଜ୍ୟ ଯୋଜନା ବୋର୍ଡର ଦାୟିତ୍ୱ। ଏଥିସହ ବୋର୍ଡ, ରାଜ୍ୟର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଓ ଉନ୍ନୟନ ପାଇଁ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ପଞ୍ଚବାର୍ଷିକ ତଥା ବାର୍ଷିକ ଯୋଜନା ପ୍ରଣୟନ ପାଇଁ ଦୀର୍ଘ ମିଆଦ, ସ୍ୱଳ୍ପ ମିଆଦ ନୀତି ମାର୍ଗଦର୍ଶିକା ପ୍ରଦାନ କରିଥାଏ। ମାତ୍ର ଏହାକୁ ନିଷ୍କ୍ରିୟ କରି ରଖାଯିବା ଦ୍ୱାରା ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ଓ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ବାଧାପ୍ରାପ୍ତ ହୋଇଛି। ଏହା ସତ୍ତ୍ୱେ ଯୋଜନା ବୋର୍ଡ ପୁନର୍ଗଠନ ନେଇ ସରକାରଙ୍କ ପକ୍ଷରୁ ସେପରି କିଛି ତତ୍ପରତା ପ୍ରକାଶ ପାଇନାହିଁ। ଏପରିକି ସରକାର ଏ ସଂକ୍ରାନ୍ତରେ ବିଶେଷଜ୍ଞମାନଙ୍କ ସହ ବିଚାରବିମର୍ଶ ଜାରି ରଖିଛନ୍ତି ବୋଲି କୁହାଯାଉଛି। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହାକୁ ପରୋକ୍ଷରେ ସ୍ୱୀକାର କରିଛନ୍ତି। ଯୋଜନାବୋର୍ଡର୍ ପୁନର୍ଗଠନ ସଂକ୍ରାନ୍ତରେ ଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ଯୋଜନା ବୋର୍ଡ କେବେ ପୁନର୍ଗଠନ ହେବ ତାହା ନିର୍ଦ୍ଧାରଣ ହୋଇନାହିଁ ବୋଲି ଉତ୍ତର ରଖିଛନ୍ତି। ସେ କହିଛନ୍ତି ଯେ ବୋର୍ଡର ବୈଠକ କେତେ ଅବଧି ମଧ୍ୟରେ ଅନୁଷ୍ଠିତ ହେବ ସେ ସମ୍ପର୍କରେ କୌଣସି ନିର୍ଦ୍ଦେଶନାମା ଆସି ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ନୂଆ ସରକାର ଆସିବାର ମାସକ ପରେ ଜୁନ୍ ମାସରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ରାଜ୍ୟ ଯୋଜନା ବୋର୍ଡକୁ ଭଙ୍ଗ କରିଥିଲେ। ଏହା ସହିତ ଖୁବ୍ ଶୀଘ୍ର ଏହାର ପୁନର୍ଗଠନ ହେବ ବୋଲି ମଧ ଶାସକ ଦଳ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଅଦ୍ୟାବଧି ସେ ସମ୍ପର୍କିତ ଆଲୋଚନା ଶେଷ ହୋଇନାହିଁ କିମ୍ବା ମାର୍ଗଦର୍ଶିକା ଜାରି ହୋଇନାହିଁ। ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀର ମାନ୍ୟତା ମିଳିଥାଏ ଓ ସାଧାରଣତଃ ସରକାରଙ୍କ ବିଶ୍ୱସ୍ତ ▶ପୃଷ୍ଠା-୭

**ଜୁଲାଇ ମାସରେ ଭଙ୍ଗ କରିଥିଲେ ନୂଆ ସରକାର**

## ଡିଜି, ଡିସିପିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

**ଭୁବନେଶ୍ୱର, ୨୮।୩ (ସମିସ):** ଓଡ଼ିଶା ପୁଲିସ ଡିଜି ୱାଇ.ବି.ଖୁରାନିଆ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ବିରୋଧରେ ସଂସଦରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି କୋରାପୁଟ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା। ଏ ସଂକ୍ରାନ୍ତରେ ସେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ତାଙ୍କ ଅଭିଯୋଗକୁ ସ୍ୱାଧିକାର କମିଟିକୁ ପଠାଇବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।


ଗତ ୨୬ ତାରିଖରେ ସାଂସଦ ସପ୍ତଗିରି ଉଲ୍ଲାକା ଓଡ଼ିଶା ବିଧାନସଭା ମଧ୍ୟକୁ ପ୍ରବେଶ କରିବା ବେଳେ ପୁଲିସ ତାଙ୍କୁ ବଳପୂର୍ବକ ଭାବରେ ରୋକିଥିଲା। ଜଣେ ସାଂସଦ ଭାବରେ ବିଧାନସଭାକୁ ପ୍ରବେଶ ତାଙ୍କ ସାମ୍ବିଧାନିକ ଅଧିକାର ହୋଇଥିଲେ ହେଁ ପୁଲିସ ତାଙ୍କୁ ଭିତରକୁ ଯିବାକୁ ଦେଇ ନ ଥିଲା। ନିଜକୁ ସେ ସାଂସଦ ବୋଲି ପରିଚୟ ଦେଇଥିଲେ ହେଁ ଏହାକୁ ପୁଲିସ ଶୁଣି ନ ଥିଲା, ଅନ୍ୟପକ୍ଷରେ ତାଙ୍କୁ ଭୁବନେଶ୍ୱରସ୍ଥିତ ରିଜର୍ଭ ପୁଲିସ ଅଫିସରେ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବେଆଇନ ଭାବେ ଅଟକ ରଖିବା ସହ ଧସ୍ତାଧସ୍ତି କରିଥିଲା। ଯାହାଫଳରେ ସେ ଉକ୍ତଦିନ ▶ପୃଷ୍ଠା-୭

**ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖିଲେ ସାଂସଦ ସପ୍ତଗିରି**

## ମାର୍ଚ୍ଚରେ ରେକର୍ଡ ତାତି

### ଝାରସୁଗୁଡ଼ାରେ ୪୩, ରାଜଧାନୀରେ ୪୦.୨

**ଭୁବନେଶ୍ୱର, ୨୮।୩ (ସମିସ):** ଆଜିଠୁ ସାରା ରାଜ୍ୟରେ ତାତି ବଢ଼ିଛି। କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ଗତ କିଛି ଦିନ ଧରି ରାଜ୍ୟରେ କମ୍ ତାତି ଅନୁଭୂତ ହେଉଥିବାବେଳେ ଆଜିଠାରୁ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ୪୦ଡିଗ୍ରୀ ଉପରେ ରହିଛି। ଚଳିତ ବର୍ଷ ପ୍ରଥମ ଥର ରାଜଧାନୀରେ ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ବି ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ଝାରସୁଗୁଡାରେ ତାପମାତ୍ରା ୪୩ ଡ଼ିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁର ୪୧.୬, ହୀରାକୁଦ ୪୧.୨ , ରାଉରକେଲା ୪୦.୪, ଚାନ୍ଦବାଲି ୪୦.୪, ଭୁବନେଶ୍ୱର ୪୦.୨, ବାଲେଶ୍ୱର ୩୯ ଓ କେନ୍ଦୁଝର ତାପମାତ୍ରା ୩୮.୧ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ସମ୍ବଲପୁର ଓ ଝାରସୁଗୁଡ଼ାରେ ହିଟ୍ ୱେଭ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର ଓ ଝାରସୁଗୁଡ଼ାରେ ପ୍ରବଳ ଖରାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଆଗାମୀ ୩ ଦିନ ଧରି ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିବ। ଏପ୍ରିଲ୍‌ରୁ ୨ରୁ କାଁଭାଁ ବର୍ଷା ହେବା ସହ ତାପମାତ୍ରା କମିବା ନେଇ ଆଶା କରାଯାଉଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ▶ପୃଷ୍ଠା-୭



**୧୮ ସହର ତାପମାତ୍ରା ୪୦ ଡିଗ୍ରୀ ଉପରେ**

**୩ ଦିନ ପ୍ରଚଣ୍ଡ ଖରା, ୬ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

## ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍ ଦେଶରେ ଶ୍ରେଷ୍ଠ

**ପୁରୀ, ୨୮।୩ (ସମିସ):** ପୁରୀର ବ୍ଲୁ-ଫ୍ଲାଗ୍ ବିଚ୍‌କୁ ମିଳିଛି ଆଉ ଏକ ଜାତୀୟ ସ୍ୱୀକୃତି। ଇଣ୍ଡିଆ ଟୁଡେ ଟୁରିଜିମ୍ ସର୍ଭେ ଆଣ୍ଡ ଆୱାର୍ଡସ୍ ୨୦୨୫ରେ ଦେଶର ଶ୍ରେଷ୍ଠ ବେଳାଭୂମି ଭାବେ ଓଡ଼ିଶା ପର୍ଯ୍ୟଟନ ବିଭାଗକୁ ପୁରସ୍କୃତ କରାଯାଇଛି। କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଏହି ପୁରସ୍କାର ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶିକା ମାନସୀ ନିମ୍ଭାଲଙ୍କୁ ପ୍ରଦାନ କରିଛନ୍ତି।




ବିଶ୍ୱପ୍ରସିଦ୍ଧ ପୁରୀ ବେଳାଭୂମି ପ୍ରତି ବିଶ୍ୱର କୋଣ ଅନୁକୋଣରୁ ପର୍ଯ୍ୟଟକ ଆକୃଷ୍ଟ ହେଉଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଏକ ଆକର୍ଷଣୀୟ ବେଳାଭୂମିରେ ପରିଣତ କରିବା ପାଇଁ ପଦକ୍ଷେପ ନେଇଥିଲେ। ହୋଟେଲଗୁଡ଼ିକର ବର୍ଜ୍ୟଜଳ ଓ ଆବର୍ଜନାରେ ପରିପୂର୍ଣ୍ଣ ଥିବା ଏହି ସୁନ୍ଦର ବେଳାଭୂମି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଲା। ଫଳରେ ୨୦୨୦ ଅକ୍ଟୋବରରେ କେନ୍ଦ୍ର ସରକାର ଏହାକୁ ବ୍ଲୁ-ଫ୍ଲାଗ୍ ବିଚ୍‌ର ମାନ୍ୟତା ପ୍ରଦାନ କରିଥିଲେ। ଏହାର ଅପରୂପ ସୌନ୍ଦର୍ଯ୍ୟ ଦିନକୁ ଦିନ ଅଧିକ ଋଦ୍ଧିମନ୍ତ ହେବାରେ ଲାଗିଛି। ଉଚ୍ଚକୋଟୀର ରକ୍ଷଣାବେକ୍ଷଣ ଏବଂ ପର୍ଯ୍ୟଟକଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗ ଏହାର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରୁଛି।

## ରଙ୍କରୁ ରାଜା: ରାତିରାତି କୋଟିପତି

### ତିନି କୋଟି ଓ ଦାମୀ କାର୍ ଜିତିଲେ ଦିନ ମଜୁରିଆ ଗୁରୁଚରଣ

**ଚମ୍ପୁଆ, ୨୮।୩ (ସମିସ):** ଭାଗ୍ୟ ବଦଳାଇଦେଲା ଅନ୍‌ଲାଇନ୍ ଗେମ୍। ରାତାରାତି ପାଲଟିଗଲେ ରଙ୍କରୁ ରାଜା। କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ରେଭେନସାପୁର ଗ୍ରାମର ଦିନମଜୁରିଆ ଗୁରୁଚରଣ ଜମୁଦା (୨୯)ଙ୍କ କ୍ଷେତ୍ରରେ ଏଭଳି ଏକ ଚମତ୍କାର ଘଟଣା ଘଟିଛି। ଅନଲାଇନ୍ ବେଟିଂ ଆପ୍‌ରେ ମାତ୍ର ୪୯ଟଙ୍କା ଲଗାଇ ସେ ୩ କୋଟି ଟଙ୍କା ସହ ଗୋଟିଏ ଦାମୀ ମହିନ୍ଦ୍ରା ଥାର୍ କାର୍ ଜିତିଛନ୍ତି। ଆପ୍‌ର ମ୍ୟାନେଜର୍ ଏ ସଂପର୍କରେ ତାଙ୍କୁ ଫୋନ୍ ଓ ଇ-ମେଲ୍ ଯୋଗେ ସୂଚନା ଦେବା ସହ ଅଭିନନ୍ଦନ ଜଣାଇବା ପରେ ଗୁରୁଚରଣ ଓ ତାଙ୍କ ପରିବାର ଆଖିକୁ ନିଦ ନାହିଁ। ଗାଁରେ ବି ଉତ୍ସବର ମାହୋଲ ଦେଖାଦେଇଛି।

ସୂଚନାନୁଯାୟୀ, ଗୁରୁଚରଣଙ୍କ ପରିବାରରେ ମୋଟ ପାଞ୍ଚ ଭାଇ। ସମସ୍ତେ ବିବାହିତ ଏବଂ ଏକାଠି ରହୁଛନ୍ତି। କାନପୁର ଜଳ ପ୍ରକଳ୍ପ ପାଇଁ ସେମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିଲା। ସେତେବେଳେ କ୍ଷତିପୂରଣ ସ୍ୱରୂପ ତାଙ୍କୁ ମାତ୍ର ୮ରୁ ୯ଲକ୍ଷ ଟଙ୍କା ମିଳିଥିଲା। ଏତିକି ସହାୟତାରେ ଭିଟାମାଟି ଛାଡ଼ି ଅନ୍ୟ ସ୍ଥାନରେ ବସତି ସ୍ଥାପନ କରିବା ତାଙ୍କ ପରିବାର ପାଇଁ କଷ୍ଟକର ଥିଲା। ୫ ଭାଇଯାକ ପାର୍ଶ୍ୱବର୍ତ୍ତୀ ଲୌହ ଖଣିରେ ଦିନମଜୁରି କରି ନିଜ ପରିବାର ଭରଣପୋଷଣ କରୁଥିଲେ। ଦୁର୍ବଳ ଆର୍ଥିକ ଅବସ୍ଥା ପାଇଁ ଗୁରୁଚରଣ ନିଜ ଏକ ଘର କାମ ଅଧାରୁ ବନ୍ଦ କରି ରଖିଥିଲେ। କିନ୍ତୁ ଏକ ଅନ୍‌ଲାଇନ୍ ବେଟିଂ ଆପ୍ ତାଙ୍କ ଭାଗ୍ୟ ପରିବର୍ତ୍ତନ କରିଦେଇଛି। ଗୁରୁଚରଣ ଗତବର୍ଷ ଜୁନ୍‌ରେ ଏହି ବେଟିଂ ଆପ୍ ସହ ଜଡ଼ିତ ହୋଇଥିଲେ। ୟୁଟ୍ୟୁବ୍‌ରେ ସବିଶେଷ ପରିଚାଳନା ତଥ୍ୟ ଶିଖିଥିଲେ। ବର୍ତ୍ତମାନ ଦେଶରେ ଆଇପିଏଲ୍ ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ ଉକ୍ତ ଆପ୍‌ରେ ଜୋରସୋର୍‌ରେ ବେଟିଂ ଚାଲିଥିଲା। ମଙ୍ଗଳବାର ସନ୍ଧ୍ୟାରେ ସେ ଏଥିରେ ୪୯ଟଙ୍କା ଲଗାଇ ଶୋଇ ପଡ଼ିଥିଲେ। ତେବେ ଅଧରାତିରେ ତାଙ୍କ ନିଦ ଭାଙ୍ଗିବା ବେଳକୁ ତାଙ୍କ ୱାଲେଟ୍‌ରେ ୩ କୋଟି ଟଙ୍କା କ୍ରେଡିଟ୍ ହୋଇଥିବା ଦେଖିବାକୁ ପାଇଥିଲେ। କିନ୍ତୁ ଏଥିରେ ଗୁରୁଚରଣଙ୍କ ବିଶ୍ୱାସ ହୋଇନଥିଲା। ନିଜ ବଡ଼ଭାଇଙ୍କୁ ଦେଖାଇବା ପରେ ଯାଇ ଗୁରୁଚରଣଙ୍କୁ ବିଶ୍ୱାସ ହୋଇଥିଲା ଯେ ସେ ୩ କୋଟି ଟଙ୍କା, ମହିନ୍ଦ୍ରା ଥାର୍ କାର୍ ଜିତିଛନ୍ତି। ଏହି ଟଙ୍କାରେ ସେ ଅର୍ଦ୍ଧନିର୍ମିତ ଘର ପୂରା କରିବା ସହ ଅଭାବୀଙ୍କୁ ସାହାଯ୍ୟ କରିବେ ବୋଲି କହିଛନ୍ତି।



## ପ୍ରଦୀପ ଜେନା ଓଇଆରସି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୮।୩ (ସମିସ):** ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ରାଜ୍ୟ ସରକାର ଶୁକ୍ରବାର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଶୁକ୍ରବାର ଏ ନେଇ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୬୫ ବର୍ଷ ହେବା ଯାଏ କିମ୍ବା ୫ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ। ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ଜେନା ୨୦୨୩ ମାର୍ଚ୍ଚ ୧ରୁ ଜୁନ୍ ୩୦, ୨୦୨୪ ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ। ମୁଖ୍ୟ ସଚିବ ପଦରେ ଯୋଗଦେବା ପୂର୍ବରୁ ଅତିରିକ୍ତ ମୁଖ୍ୟ ସଚିବ ତଥା ଉନ୍ନୟନ କମିଶନର ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ୧୯୯୧ ମସିହାରେ ଧର୍ମଗଡ଼ ସବ୍-କଲେକ୍ଟର ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଶ୍ରୀ ଜେନା ପୁରୀ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ, ସ୍ୱତନ୍ତ୍ର ରିଲିଫ୍ କମିଶନର୍, କୃଷି ଉତ୍ପାଦନ କମିଶନର, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ ବିଭାଗର ସଚିବ ପଦରେ କାର୍ଯ୍ୟ କରିଛନ୍ତି। ଦୀର୍ଘ ୬ ବର୍ଷ ଧରି ଶକ୍ତି ବିଭାଗର ସଚିବ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି।



୨୮/୩/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୬,୩୬୯/- ସୁନା: ୦୧.୨୦୦ ଗ୍ରାମ୍ ରୁପା: ୯୮.୨୫୦ ଗ୍ରାମ୍



# ଅଭୟାରଣ୍ୟ ଭିତରେ ପ୍ଲଟିଂ କରି ଜମି ବିକ୍ରି

## ବିପଦରେ ବାଲୁଖଣ୍ଡ ବନ୍ୟପ୍ରାଣୀ | ଡିଏଫ୍‌ଓଙ୍କୁ ଫେରାଦ ହେଲା ଆପ୍

ପୁରୀ,୨୮।୩(ସମିସ)



ପୁରୀ ଜିଲ୍ଲାରେ ସକ୍ରିୟ ହୋଇପଡିଛନ୍ତି ଜମି ମାଫିଆ। ବେଆଇନ ଭାବେ ଅନ୍ୟର ଜମି ମାଡ଼ିବସିବା, ଜାଲ୍ କାଗଜପତ୍ର କରି ଜମି ବିକ୍ରି କରିବା, ସରକାରୀ ଜମି ଜବରଦଖଲ ଏମିତି ଜମିଜମାକୁ ନେଇ ବେଆଇନ କାର୍ଯ୍ୟ ବଢ଼ିବାରେ ଲାଗିଛି। ଏବେ କିଛି ଜମି ମାଫିଆଙ୍କ ନଜର ପଡିଛି ବାଲୁଖଣ୍ଡ ଅଭୟାରଣ୍ୟ ଉପରେ। ଅଭୟାରଣ୍ୟ ଭିତରେ ରାସ୍ତା, ପାଚେରି ଏବଂ ପ୍ଲଟିଂ କରାଯାଇ ବିକ୍ରି ହେଉଛି। ବାସ୍ତବରେ ଏ ଜମିର ମାଲିକାନା କ'ଣ ତାହା ସ୍ପଷ୍ଟ ନ ଥିବାବେଳେ ଅଭୟାରଣ୍ୟ ଭିତରେ ଜମି କିଣାବିକାକୁ ନେଇ ପୂର୍ବରୁ ଅନେକଥର ଅଭିଯୋଗ ହୋଇଛି। ହେଲେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବରଂ ଅଭୟାରଣ୍ୟ ଭିତରେ ରାସ୍ତା ଓ ପ୍ଲଟିଂ କରାଯାଇ ଜମି ବିକ୍ରି ଜାରି ରହିଛି। ଫଳରେ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲେ ହେଁ ବିଭାଗ କିନ୍ତୁ ନିରବଦ୍ରଷ୍ଟା ସାଜିଛି। ଏହାକୁ ନେଇ ପୁରୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ଙ୍କୁ ଫେରାଦ ହୋଇଛି ଜିଲ୍ଲା ଆମ୍ ଆଦମୀ ପାର୍ଟି(ଆପ୍)।

ବାଲୁଖଣ୍ଡ ଉପରେ ଜମି ମାଫିଆଙ୍କ ନଜରକୁ ନେଇ ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ ସାମାଜିକ କର୍ମୀ। ଚିଠିରେ ଉଲ୍ଲେଖ ରହିଥିଲା ଯେ, ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଥିବା ଜମିକୁ ମାଫିଆମାନେ କେତେଜଣ ଦୁର୍ନୀତିଗ୍ରସ୍ତ ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହଯୋଗରେ ନିଜ ମାଲିକାନାକୁ ନେଇଛନ୍ତି। ଏଠାରେ ଥିବା ଗଛ କାଟି ଧ୍ୱଂସ କରି ବନ୍ୟପ୍ରାଣୀଙ୍କ ଜୀବନ ସହ ସାଂଘାତିକ ଖେଳ ଖେଳୁଛନ୍ତି। ବାଲିଘାଇ, ନାରାୟଣୀ ମନ୍ଦିର ସମେତ ବିଭିନ୍ନ ଜାଗାରେ ବ୍ୟକ୍ତିଗତ ମାଲିକାନାରେ ଥିବା ଅନେକ ବଗାୟତ, ଝାଉଁ ଜଙ୍ଗଲ କିସମ ଜମିକୁ କିଛି ମାଫିଆ ଚଞ୍ଚକତା ପୂର୍ବକ ବସ୍ତି ପ୍ଲଟ କରିଛନ୍ତି। ପରବର୍ତ୍ତୀ ସମୟରେ ସେହି ଜଙ୍ଗଲ ଜମି ମଧ୍ୟରେ ରାସ୍ତା ନିର୍ମାଣ ଓ ଅନ୍ୟ ଲୋକଙ୍କୁ ପ୍ଲଟ ବିକ୍ରି କରିଛନ୍ତି। ସେଠାରେ ବାସପୋଯୋଗୀ ଗୃହ ଓ ବ୍ୟବସାୟିକ କୋଠା ନିର୍ମାଣ ପାଇଁ ବ୍ୟାପକ ଗଛ କାଟି ସଫା କରୁଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ବି ସେମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଫଳରେ ଅଧିକାରୀମାନେ ମଧ୍ୟ ବାଲୁଖଣ୍ଡ ଅଭୟାରଣ୍ୟ ଧ୍ୱଂସ ହେବାକୁ ସହାୟତା ଯୋଗାଇ ଦେଉଛନ୍ତି ବୋଲି ଚିଠିରେ ଉଲ୍ଲେଖ ରହିଥିଲା। ଅନ୍ୟପକ୍ଷରେ କିଛି ସ୍ଥାନରେ ବଡ଼ ବଡ଼ ପାଚେରି ନିର୍ମାଣ କରାଯାଇଥିବା ଫଟୋ ମଧ୍ୟ ସୋସିଆଲ ମିଡିଆରେ ବୁଲୁଛି। ବାସ୍ତବରେ ଅଭୟାରଣ୍ୟ ମଧ୍ୟରେ ବିକ୍ରି କରାଯାଉଥିବା ଜମି କାହାର ତାକୁ ନେଇ କିଛି ସ୍ୱଷ୍ଟତା ଆସି ନ ଥିବାବେଳେ ଏ ନେଇ ବନ ବିଭାଗ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବାଲୁଖଣ୍ଡ ଅଭୟାରଣ୍ୟର ପ୍ରମୁଖ ଆକର୍ଷଣ ହରିଣଗୁଡ଼ିକ ନିକଟସ୍ଥ ଜନବସତି ମଧ୍ୟକୁ ପଶି ଆସି ଦୁର୍ଘଟଣା ଏବଂ କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି। ବିଭିନ୍ନ ସମୟରେ ଗାଡ଼ି ଧକ୍କାର ସମ୍ମୁଖୀନ ହୋଇ ଅକାଳରେ ପ୍ରାଣ ହରାଉଛନ୍ତି। ଏହିଭଳି ଭାବେ ଅନେକ ବେଆଇନ ନିର୍ମାଣ ତାଳବଣିଆ, ଭୂଦାନ ଛକଠାରୁ ରାମଚଣ୍ଡୀ ବେଳାଭୂମି ପାର୍ଶ୍ୱକୁ ବ୍ୟବସାୟିକ ଉଦ୍ଦେଶ୍ୟରେ କରାଯାଉଛି। ତେଣୁ ଏହା ଉପରେ ରୋକ୍ ଲଗାଇବା ସହ ବାଲୁଖଣ୍ଡ ଅଭୟାରଣ୍ୟ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଲାଗି ଦାବି କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି। ଏବେ ବି ଜଙ୍ଗଲ କଟାଯାଇ ସଫା କରାଯାଉଛି। ତୁରନ୍ତ ଏହାର ତଦନ୍ତ କରି ଏହି ବେଆଇନ କାମ ବନ୍ଦ କରିବାକୁ ଶ୍ରୀ ମହାନ୍ତି ଡିଏଫ୍‌ଓଙ୍କୁ ଫେରାଦ ହୋଇଛନ୍ତି।

## ପୁରୀରେ ପହଞ୍ଚିଲା ଫାଶୀକାଠ



ପୁରୀ,୨୮।୩(ସମିସ): ଚଳିତବର୍ଷର ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତିପର୍ବ। ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଲାଗି ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି। ଶୁକ୍ରବାର ଢେଙ୍କାନାଳରୁ ଗୋଟିଏ ଟ୍ରକରେ ୧୧ ଖଣ୍ଡ ଫାଶୀ କାଠ ଆସିଛି। ଏହି କାଠ ଦାତାମାନେ ଦେଇଥିବା ଜଣାପଡିଛି। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୧ ଖଣ୍ଡ ବଳକା ରହିଛି। ଏ ବର୍ଷ ୮୧୪ ଖଣ୍ଡ କାଠ ଆସିବାକୁ ଥିବା ବେଳେ ଗତ ଜାନୁୟାରୀ ୨୮ ତାରିଖରେ ୩ଟି ଟ୍ରକ୍‌ରେ ୧୦୧ ଖଣ୍ଡ ଅସନ ଓ ଧଉରା କାଠ ଆସିଥିଲା। ଶୁକ୍ରବାର ୧୧ ଖଣ୍ଡ ଫାଶୀକାଠ ଆସିଛି। ପରମ୍ପରା ଅନୁଯାୟୀ, ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯାଇଥିବା ବେଳେ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

## ରାସ୍ତା ସମ୍ପ୍ରସାରଣ କାମ ବିଳମ୍ବକୁ ନେଇ ଉଦ୍‌ବେଗ

ପୁରୀ,୨୮।୩(ସମିସ): ଡାକ୍ତରଖାନା ଛକଠାରୁ ବାଟଗାଁ ଛକ ରାସ୍ତା ସମ୍ପ୍ରସାରଣର ଅବଧି ସରିଲାଣି। ହେଲେ କାମ ସରିନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମନ୍ଦିର, କୋଠ ଘର, ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟର କଥା ଆଜି ପର୍ଯ୍ୟନ୍ତ କିଛି ବୁଝାଯାଇ ନାହିଁ। ସ୍ଥାନୀୟ ଅଧିବାସୀ ବାରମ୍ବାର ପ୍ରଶାସନକୁ ଅବଗତ କରାଇଲେ ମଧ୍ୟ କେହି କିଛି ଶୁଣୁନାହାନ୍ତି। ଫଳରେ କୌଣସି ପ୍ରକାର ସମାଧାନ ରାସ୍ତା ବାହାରି ପାରୁନାହିଁ। ଏହାକୁ ବିରୋଧ କରି ଶନିବାର କଦଳୀବାରି ପାଟଣା ପ୍ରାଥମିକ ବିଦ୍ୟାଳୟଠାରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

## ଛାତ୍ରାବାସ ଦିବସ ମହୋତ୍ସବ ଉଦ୍‌ଯାପିତ

ପୁରୀ,୨୮।୩(ସମିସ): ଅଧ୍ୟାୟୀମାନଙ୍କ ମେଧା ଓ ପୋଷକ ବୃଦ୍ଧି ସହ ଶାରୀରିକ ବିକାଶ ନିମନ୍ତେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ତିନିଦିନିଆ ଛାତ୍ରାବାସ ଦିବସ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଅଧିବେଶନକୁ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ପ୍ରଫେସର ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ସମସ୍ତ ଛାତ୍ରଛାତ୍ରୀ ଶୃଙ୍ଖଳାବଦ୍ଧ ରହି ସାଂସ୍କୃତିକ ଏବଂ ଶୈକ୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଉଚିତ। ଜିତିବା କିମ୍ବା ପରାଜୟର ଭାବନା ରଖିବା ଉଚିତ୍ ନୁହେଁ।

ଏହାବ୍ୟତୀତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ଲୋକଭାଷା ପ୍ରଚାର ସମିତିର ସଭାପତି ସଦାନନ୍ଦ ଦୀକ୍ଷିତ ମଧ୍ୟ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ସେ ତାଙ୍କ ଚିନ୍ତାଧାରା ଦ୍ୱାରା ଛାତ୍ରମାନଙ୍କୁ ଅନୁପ୍ରାଣିତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରୁ ଆରମ୍ଭ କରି ଛାତ୍ରମାନଙ୍କ ପାଇଁ ତିନିଦିନ ଧରି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଯେଉଁଥିରେ କ୍ରିକେଟ୍, ଭଲିବଲ୍, ଟେନିସ୍, ବ୍ୟାଡମିଣ୍ଟନ୍, ଖୋ-ଖୋ, କବାଡି, ଲେମ୍ବୁ ଦୌଡ, ସଙ୍ଗୀତ ଚେୟାର, ପ୍ରବନ୍ଧ ଲେଖା, ରଙ୍ଗୋଲି, ଚିତ୍ରାଙ୍କନ କଳା ପ୍ରଦର୍ଶନ ସମେତ ବିବିଧ ଶାସ୍ତ୍ରୀୟ ସ୍ପର୍ଦ୍ଧା ଆୟୋଜନ କରାଯାଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର୍ ମଖଲେଶ କୁମାର ଥିବାବେଳେ ସହ ସଂଯୋଜିକା ରହିଥିଲେ ଡ. ସ୍ୱାଗତିକା ମହାନ୍ତି। ବାଲ୍ମୀକୀ ଛାତ୍ରାବାସର ସହ ତତ୍ତ୍ୱାବଧାରକ ଡ. ଅଜୟାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା।

## ଆଦର୍ଶ ଶିକ୍ଷକଙ୍କ ଦଶାହରେ ଶୋକସଭା

ପୁରୀ,୨୮।୩(ସମିସ): ପୁରୀ ସହରର ଜଣେ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଚନ୍ଦ୍ର ଶେଖର ପାଣିଙ୍କ ଦଶାହରେ ହେରା ଗୋହିରୀ ସାହିସ୍ଥିତ ଉତ୍କଳ ବ୍ରାହ୍ମଣ ସମିତି (ଚନ୍ଦ୍ର ଶେଖର ପାଠାଗାର) ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ସଭାରେ ସ୍ୱର୍ଗତ ପାଣିଙ୍କ ସହକର୍ମୀ ଛାତ୍ର ଶୁଭେଚ୍ଛୁ ପ୍ରଥମେ ତାଙ୍କ ଫଟୋରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସର୍ବଶ୍ରୀ ରାଧାକାନ୍ତ ଦାଶ, ଭଗବାନ ଦାଶ, ପ୍ରସନ୍ନ କୁମାର ନନ୍ଦ, ବୈଷ୍ଣବ ଚରଣ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ଚକ୍ରଧର ତ୍ରିପାଠୀ, ଆଦିତ୍ୟ ହୃଦୟମିଶ୍ର, ପୁଷ୍କର ମହାପାତ୍ର, ଧ୍ରୁବଚରଣ କର, ପୀତବାସ ଜେନା, ନନ୍ଦ ସାର୍ ଓ ସ୍ୱର୍ଗତ ପାଣିଙ୍କ ନାତୁଣୀ ରିଧିମା ପାଣି ନିଜର ଅନୁଭୂତିରେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାଣି ଉତ୍କଳ ବ୍ରାହ୍ମଣ ସମିତିର ଦୀର୍ଘଦିନ ଧରି ସଭାପତି ଥାଇ ଅନୁଷ୍ଠାନର ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ପାଣିଙ୍କ ପୁଅ ସଞ୍ଜୟ କୁମାର ପାଣି, ଅଜୟ କୁମାର ପାଣି, ବିଜୟ କୁମାର ପାଣି ସଭା ପରିଚାଳନା କରିଥିଲେ।

## ସିଦ୍ଧବକୁଳରେ ଭକ୍ତିଯଜ୍ଞ ଉଦ୍‌ଯାପିତ

ପୁରୀ,୨୮।୩(ସମିସ): ଠାକୁର ହରିଦାସଙ୍କ ସିଦ୍ଧବକୁଳ ବୃକ୍ଷ ଛାୟା ତଳେ ଅଷ୍ଟଦିବସୀୟ ଶ୍ରୀମଦ୍‌ଭାଗବଦ୍ ଭକ୍ତିଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସିଦ୍ଧବକୁଳ ମଠାଧୀଶ ମହନ୍ତ ଶ୍ରୀନିବାସ ଦାସଙ୍କ ଅଧ୍ୟକ୍ଷତା ଓ ସନ୍ଥ ପ୍ରେମାନନ୍ଦ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର, ଶ୍ରୀମନ୍ଦିରର ନରସିଂହ ପୂଜାପଣ୍ଡା, ହାୱଡାର ସମର ଘୋଷ, ମହନ୍ତ ଦୟାରାମ ଦାସ, ମହନ୍ତ ବନମାଳି ଦାସ ଓ ମହନ୍ତ ସଦାନନ୍ଦ ଦାସଜୀ ମହାରାଜ ଯୋଗଦେଇ ଶ୍ରୀମଦ୍‌ଭାଗବଦ୍ ସହ ଶ୍ରୀଜଗନ୍ନାଥଙ୍କ



ମହିମା ପ୍ରଚାର ପ୍ରସାରରେ କଥାବ୍ୟାସ ଚିନ୍ମୟ ଦାସଜୀ ମହାରାଜଙ୍କ ଅମୃତ ପାରାୟଣକୁ ଶ୍ରୀକ୍ଷେତ୍ରବାସୀ ସ୍ମରଣ ରଖିବେ ବୋଲି କହିଥିଲେ। ଏହି ପାରାୟଣ ମଧ୍ୟରେ ଧ୍ରୁବ ଚରିତ, ପ୍ରହଲ୍ଲାଦ ଚରିତ, ଶ୍ରୀକୃଷ୍ଣ ଜନ୍ମ, ଶ୍ରୀକୃଷ୍ଣ ରାସ ଓ କୃଷ୍ଣ-ସୁଦାମାର ନୃତ୍ୟାଭିନୟ ଶ୍ରୋତା ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ କଥାବ୍ୟାସ ଚିନ୍ମୟ ଦାସଜୀଙ୍କୁ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ପକ୍ଷରୁ ରାଜ୍ୟ ସଭାପତି ବଦ୍ରି ମିଶ୍ର, ଘରେ ଘରେ ଭାଗବତର ସୁଲୋଚନା ମିଶ୍ର ଓ ସୁନନ୍ଦା ପଟ୍ଟନାୟକ ସମ୍ମାନିତ କରିଥିଲେ।

## ଆରମ୍ଭ ମହୋତ୍ସବ ଉଦ୍‌ଯାପିତ

ପୁରୀ,୨୮।୩(ସମିସ): ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ଦୁଇଦିନିଆ ଷଷ୍ଠ ଆରମ୍ଭ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ରନାଥ ତରେଇ, ବରିଷ୍ଠ ସେବାୟତ ଭଗବାନ ସୁଆର, ନିଶାନ୍ତ ସାହୁ, ଦେବାଶିଷ ମହାନ୍ତି, ସମୀର ଲେଙ୍କା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆରମ୍ଭ ସଂସ୍କୃତି ସମ୍ମାନରେ ସଙ୍ଗୀତ ନିର୍ଦ୍ଦେଶକ ବିପିନ୍ ବାରିକ୍, ଆରମ୍ଭ ସମାଜସେବୀ ସମ୍ମାନରେ ବର୍ଷା ହାଲଦାର୍, ଆରମ୍ଭ ଯୁବପ୍ରତିଭା ସମ୍ମାନରେ ଜ୍ଞାନରଞ୍ଜନ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ



ମେଗା ଧାରାବାହିକ 'ସାଥୀ ସାତ ଜନ୍ମର' ସମସ୍ତ କଳାକାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଙ୍ଗୀତମ୍ ପକ୍ଷରୁ ସମ୍ବଲପୁରୀ, ସମୃଦ୍ଧି ଡାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ, ମିର୍ତିଷ୍ଟା ଦାସ ଓ ସ୍ୱଷ୍ଟିକା ମାଝୀଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଆରମ୍ଭ ପରିବାର ଓ ଏଲ୍ ସାଇନ୍ କଳାକାରମାନଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶା ନୃତ୍ୟ 'ରସ ଜମୁ ଡାଲେ' ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ଉପସଭାପତି ସମୀର ଶତପଥୀ, ସମ୍ପାଦକ ଦେବାଶିଷ ସିଂ, ସୌମ୍ୟ ରଞ୍ଜନ ମିଶ୍ର, ସୁଜିତ୍ କୁମାର ରାଉତରାୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ, ରାକେଶ କୁମାର ଜେନା, ଗଣେଶ୍ୱର ଦାସ, ପ୍ରଣୟ ରଣସିଂହ, ପ୍ରଭୁପାଦ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ଜ୍ୟୋତିରଞ୍ଜନ ଲେଙ୍କା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଓଲିଉଡର ବହୁଚର୍ଚ୍ଚିତ ଗାୟକ କୁଲଦୀପ୍ ପଟ୍ଟନାୟକଙ୍କ ଦ୍ୱାରା ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁନାମଧନ୍ୟ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଏବଂ ପୀୟୂଷ ପଟ୍ଟନାୟକ ସଞ୍ଚାଳନ କରିଥିଲେ।

## ମା' ଝାଡ଼େଶ୍ୱରୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଚାରିଛକ,୨୮।୩(ସମିସ): ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ ଆଇଶିମୂଳ ଗ୍ରାମରେ ମା' ଝାଡ଼େଶ୍ୱରୀଙ୍କ ପୀଠରେ ୨୦ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞରେ କର୍ତ୍ତା ଭାବେ ଗ୍ରାମର କୁମର ମହାରଣା ଓ କର୍ତ୍ତ୍ରି ଭାବେ ମିନତୀ ମହାରଣା ପୂଜା କାର୍ଯ୍ୟରେ ବସିଥିଲେ। ବିଶ୍ୱର ମଙ୍ଗଳ କାମନା ସହିତ ଅଞ୍ଚଳର ମଙ୍ଗଳ ପାଇଁ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞ ୪ ଦିନ ଧରି ଚାଲିଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି ପର୍ବରେ ସାମିଲ ହେବା ସହ ମା' ଝାଡ଼େଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପଣ୍ଡିତ ସୁବାସ ଚନ୍ଦ୍ର ମିଶ୍ର ଓ ତାଙ୍କ ସହଯୋଗୀ ଯଜ୍ଞପୂଜା କାର୍ଯ୍ୟ କରିଥିବା ବେଳେ ମନ୍ଦିର ପୂଜକ ସୂର୍ଯ୍ୟକାନ୍ତ ଦାଶ ସହଯୋଗ କରିଥିଲେ। ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ଦିନରେ ନାମସଂକୀର୍ତ୍ତନ, ହରିବୋଲ, ହୁଳହୁଳି, ମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା। ଯଜ୍ଞକାର୍ଯ୍ୟ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।



ମହାପ୍ରଭୁଙ୍କୁ ଦର୍ଶନ କଲେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନାଭିସ୍

### ■ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

## 'ଜନଆନ୍ଦୋଳନରେ ପରିଣତ ହୋଇଛି ସମବାୟ'

ପୁରୀ,୨୮।୩(ସମିସ): ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ଶୁକ୍ରବାର ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ। ପୁରୀ ଜିଲ୍ଲାସ୍ତରୀୟ ଏହି ଉତ୍ସବକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ସମାଜକୁ ସୁଦୃଢ ଓ ଆର୍ଥିକ ସମୃଦ୍ଧ କରିବାରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମବାୟ ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଆର୍ଥିକ ଅଭିବୃଦ୍ଧିରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି। ଚଳିତ ବର୍ଷର ଥିମ୍ ଭାବରେ ମହିଳାମାନଙ୍କୁ ସମବାୟର ସହାୟତା ଏକ ବଡ ଉପଲବ୍ଧି। ଏହାକୁ ସମସ୍ତଙ୍କ ସହଯୋଗରେ ସଫଳ କରିବା ସହ ସମବାୟ ସହଯୋଗରେ ସମୃଦ୍ଧ ହେବା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଶରତ କୁମାର ବେହେରା, ଏଆର୍‌ସିଏସ୍ ସନାତନ ବେହେରା, ଏସିଏସଓ ରୀନା ସରୀତା, ପୁରୀ ନିମାପଡା କୋଅପରେଟିଭ ବ୍ୟାଙ୍କ ସିଇଓ ବନଶ୍ରୀ ମଲ୍ଲିକ, ଡେପୁଟି ଏଜିସିଏସ ଅକ୍ଷୟ କୁମାର ଦଳାଇ ପ୍ରମୁଖ ଯୋଗଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ। ଏହା ମାଧ୍ୟମରେ ଆମ ଅର୍ଥନୀତି ମଜବୁତ ହୋଇ ପାରିବ ବୋଲି କହିଥିଲେ।

ଏଥିରେ ଅଧ୍ୟକ୍ଷତା କରି ଡିଆରସିଏସ୍ ସୁନିତା ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ





ସମବାୟ ବର୍ଷ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ସମବାୟ ସମିତି ଗଠନ, ଲାମ୍ପସ ଓ ପ୍ୟାକସ ମାଧ୍ୟମରେ କୃଷି ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଖୋଲିବା ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ପୁରୀ ଜିଲ୍ଲାରେ ୨୪୫ ପ୍ୟାକ୍ସ କାର୍ଯ୍ୟ କରୁଛି। ଚଳିତବର୍ଷ ୧୧ ଲକ୍ଷ ୬୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ବିଭାଗ ୧୮ ଲକ୍ଷ ୫୨ ହଜାର ୩୦୦ କୁଇଣ୍ଟାଲ ଧାନ ସଂଗ୍ରହ ସୂଚନା ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ କଣାସର ପଞ୍ଚୁ ପଦ୍ମ ମହିଳା ବହୁମୁଖୀ ସମବାୟ ସମିତି, ଅର୍କକ୍ଷେତ୍ର ବହୁମୁଖୀ ସମବାୟ ସମିତି, ଧାନ କ୍ରୟ ପାଇଁ ସୁରକ୍ଷା ୨୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସତ୍ୟ ଶାନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗୋବିନ୍ଦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁରୀ ନିମାପଡା କେନ୍ଦ୍ର ସମବାୟ କେନ୍ଦ୍ର ବ୍ୟାଙ୍କ ଦ୍ୱାରା ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

### ଭାବକୁଣ୍ଡଳେଶ୍ୱରରେ ମାଣିକ ମହୋତ୍ସବ

## ମାଣିକପାଟଣା ମାଟିରେ ଗୁଞ୍ଜରିତ ହୁଏ ଶ୍ରୀଜଗନ୍ନାଥ କଥା

ପୁରୀ,୨୮।୩(ସମିସ)

ମାଣିକପାଟଣା କେବଳ ମାଣିକର ଦହି ନୁହେଁ, କଳାପାହାଡ଼ର ଶ୍ରୀମନ୍ଦିର ଲୁଣ୍ଠନ ଇତିହାସ ସହ ଏହି ପବିତ୍ର ମାଟି ଜଡ଼ିତ। ମାଣିକପାଟଣାର ମୁଠା ମୁଠା ମାଟି ଚିପୁଡିଲେ ଶ୍ରୀଜଗନ୍ନାଥଙ୍କ ବିଷୟରେ ଅନେକ କଥା ଗୁଞ୍ଜରିତ ହୋଇଉଠେ ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର। ମାଣିକପାଟଣା ସାଂସ୍କୃତିକ ପରିଷଦ ପକ୍ଷରୁ ଭାବକୁଣ୍ଡଳେଶ୍ୱର ନିକଟରେ ଅନୁଷ୍ଠିତ ମାଣିକ ମହୋତ୍ସବକୁ ଗୁରୁବାର ଉଦ୍‌ଘାଟନ କରି ଡ. ମିଶ୍ର କହିଛନ୍ତି, ୧୬୨୩ ମସିହାରେ ଏହି ମାଣିକପାଟଣା ଘାଟରୁ ଅତର୍କିତ ଭାବେ ମିର୍ଜା ଅହମ୍ମଦ ବେଗ୍ ଆକ୍ରମଣ କରିବାରୁ ଦଇତା ଓ ସ୍ଥାନୀୟ ଅଧିବାସ ମିଶି ଶ୍ରୀବିଗ୍ରହଙ୍କୁ ନେବା ପାଇଁ ସମୟ ପାଇ ନ ଥିଲେ। ତେଣୁ ଶ୍ରୀବିଗ୍ରହଙ୍କ ବ୍ରହ୍ମକୁ ଲୁଗାରେ ଗୁଡାଇ ଅମା ଅନ୍ଧକାର ରାତିରେ ଚିଲିକା ଭିତର ଦେଇ କାଳୁପଡ଼ାଘାଟରେ ଉଠି ଗଡ଼ମାଣତ୍ରୀଠାରେ ପହଞ୍ଚିଥିଲେ। ସେହିଠି ମହାପ୍ରଭୁଙ୍କର ନବକଳେବର ହେବା ପରେ ୧୬୨୪ରେ ଶ୍ରୀମନ୍ଦିକୁ ଫେରିଥିଲେ ବୋଲି ଡ. ମିଶ୍ର କହିବା ସହ ଭାବକୁଣ୍ଡଳେଶ୍ୱରଙ୍କ ଇତିହାସ ଉପରେ ଆଲୋକପାତ କରିଥିଲେ।

ଅନୁଷ୍ଠାନର ସଭାପତି ବନମାଳୀ ଜେନାଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ନକୁଳାନନ୍ଦ ଦଳାଇଙ୍କ ପରିଚାଳନାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଡ. କୁମରବର ଦାସ ସାଂସ୍କୃତିକ ଚେତନାର ବିକାଶ ପାଇଁ ଅବକ୍ଷୟମୁଖୀ ସମାଜକୁ ପରିବର୍ତ୍ତନ ହେବା ପାଇଁ ଆହ୍ୱାନ ଦେବା ସହ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ଯୁବଗୋଷ୍ଠୀ ସଂକଳ୍ପବଦ୍ଧ ହେବାକୁ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ରେବତୀ ଚଳଚ୍ଚିତ୍ରର କାହାଣୀକାର ବଦ୍ରି ମିଶ୍ର କହିଥିଲେ ଯେ,





ମାଣିକପାଟଣା କଥା ଇତିହାସ ପୃଷ୍ଠାରେ ହଜିଯାଉଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ରୂପକ କାଞ୍ଚି ବିଜୟ ଏ ଯାଏଁ ରାଜା ପୁରୁଷୋତ୍ତମ, ଠାକୁରଙ୍କ କଳାଧଳା ଘୋଡ଼ା ଓ ମାଣିକର ଦହିକୁ ମହିମାମୟ କରିରଖିଛି। ମାଣିକପାଟଣାକୁ ସରକାର ସ୍ୱତନ୍ତ୍ର ପର୍ଯ୍ୟଟନସ୍ଥଳୀ ଘୋଷଣା କରନ୍ତୁ ବୋଲି ଦାବି ଉଠାଇଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଶକୁନ୍ତଳା ବଡୁ, ବିଶିଷ୍ଟ ସଙ୍ଗଠକ ଆଲୋକ ପ୍ରଧାନ, ଦାମୋଦର ପରିଡା, କାଶୀନାଥ ନାୟକ, ଶଙ୍କର୍ଷଣ ସ୍ୱାଇଁ, ଭାଗିରଥି ଦଳାଇ, ରଞ୍ଜନ ଦଳାଇ, ଦିଗମ୍ବର ବେହେରା ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜସେବୀ ନମିତା ମହାପାତ୍ର କହିଥିଲେ ଯେ, ମାଣିକପାଟଣା ଓ ଭାବକୁଣ୍ଡଳେଶ୍ୱର ମନ୍ଦିରର ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବନମାଳୀ ଜେନା ଓ ସଂଯୋଜନା କରିଥିଲେ ଆଶିଷ କୁମାର ସ୍ୱାଇଁ। ଏହି ଅବସରରେ ଭାବକୁଣ୍ଡଳେଶ୍ୱରଙ୍କ ବାରୁଣୀ ସ୍ନାନ ଓ ଅଷ୍ଟଦୋଳ ସମାବେଶ ହୋଇଥିଲା। ପରେ ପରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଓ ସଙ୍ଗଠକ ଆଲୋକ ପ୍ରଧାନ କଳାପାହାଡ଼ ଦ୍ୱାରା ବ୍ରହ୍ମହରଣସ୍ଥଳ ବ୍ରହ୍ମପଡାସ୍ଥ ଜଗନ୍ନାଥ ମନ୍ଦିର ଓ ଶହ ଶହ ବର୍ଷ ଧରି ଜଳୁଥିବା ଧୂନୀ ଦର୍ଶନ କରିବା ସହ ଖୁବ୍‌ଶୀଘ୍ର ଏହି ସ୍ଥଳର ବିକାଶ ପାଇଁ ସରକାରଙ୍କୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି।

## ରାଜ୍ୟର ୧୫୬୭ଟି ବାର୍ ଆସୋସିଏସନ୍ କର୍ମକର୍ତ୍ତା ନିର୍ବାଚନ ଆଜି

କଟକ, ୨୮।୩ (ସମିସ): ରାଜ୍ୟ ବାର୍ କାଉନସିଲ୍ ଅନୁବନ୍ଧିତ ମୋଟ ୧୮୪ଟି ବାର୍ ମଧ୍ୟରୁ ୧୫୬୭ଟି ବାର୍ ଆସୋସିଏସନ୍ ପାଇଁ ୨୦୨୫-୨୬ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଆସନ୍ତାକାଲି (ଶନିବାର) ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ବାର୍ କାଉନସିଲ ପକ୍ଷରୁ ଜାରି ନିୟମାବଳୀ ଅନୁସାରେ, ସମସ୍ତ ବାର୍ ଆସୋସିଏସନ୍‌ଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତାକାଲି ସକାଳ ୭ଟା ୩୦ରୁ ଦିନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ। ଅପରାହ୍ଣ ୪ଟା ପରେ ଗଣତି କରାଯାଇ ଫଳ ଘୋଷଣା ହେବ ବୋଲି ବାର୍ କାଉନସିଲ ପକ୍ଷରୁ କୁହାଯାଇଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ସମେତ ବିଭିନ୍ନ ଜିଲ୍ଲାର ଓକିଲ ସଂଘ ପାଇଁ କର୍ମକର୍ତ୍ତା ନିର୍ବାଚନ 'ୱାନ ବାର ୱାନ ଭୋଟ' ନିୟମ ଅନୁସାରେ କରାଯିବ। ରାଜ୍ୟରେ ମୋଟ ୩୭ ହଜାର ଭୋଟର୍ ଆଇନଜୀବୀ ସେମାନଙ୍କର ମତ ସାବ୍ୟସ୍ତ କରିବେ।

## 'ନିରୀକ୍ଷଣ' ପାଇଁ ଗଞ୍ଜାମକୁ ଜାତୀୟ 'ସ୍କଚ୍' ପୁରସ୍କାର

ଛତ୍ରପୁର, ୨୮।୩ (ସମିସ): ଗଞ୍ଜାମ ଜିଲ୍ଲାକୁ ପୁଣିଥରେ ଏକ ଜାତୀୟ ପୁରସ୍କାର ମିଳିବାକୁ ଯାଉଛି। ଗର୍ଭବତୀଙ୍କ ପାଇଁ ନିଃଶୁଳ୍କ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା 'ନିରୀକ୍ଷଣ' ଯୋଜନାକୁ ମିଳିବ ସମ୍ମାନଜନକ 'ସ୍କଚ୍ ପୁରସ୍କାର'। ଗର୍ଭବତୀ ତଥା ମାତୃ ମୃତ୍ୟୁହାର ରୋକିବା ପାଇଁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଯୋଗୁଁ ଅଭିନବ 'ନିରୀକ୍ଷଣ' ଯୋଜନା ବେଶ୍ ସଫଳ ହୋଇପାରିଛି। ଏହି ଯୋଜନା ମାଧ୍ୟମରେ ଗର୍ଭବତୀ ମହିଳାଙ୍କୁ ୩ଥର ଯେକୌଣସି ସରକାରୀ କିମ୍ବା ବେସରକାରୀ କ୍ଲିନିକ୍‌ରେ ମାଗଣାରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାରେ ସୁବିଧା ଯୋଗାଇ ଦିଆଯାଉଛି। ଶନିବାର ଦିଲ୍ଲୀରେ ଆୟୋଜିତ ୧୦୦ତମ ସ୍କଚ୍ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାକୁ ସ୍କଚ୍ ପୁରସ୍କାର ମିଳିବ।

## ପେନ୍‌ସନ୍ ଓ ଦରମା ବୃଦ୍ଧି
# ଶାସକ-ବିରୋଧୀ ଏକାଠି

ଭୁବନେଶ୍ୱର,୨୮।୩(ସମିସ): ଆମେ ବିଧାୟକ ଅଛୁ, କିନ୍ତୁ ଲକ୍ଷେ ଟଙ୍କା ଦରମା ବି ଅଣ୍ଟୁନି। ପୂର୍ବତନ ବିଧାୟକମାନେ କେଉଁ ଅବସ୍ଥାରେ ଥିବେ ତାହା ଆପଣ କଳ୍ପନା କରିପାରୁଥିବେ। ଅନେକ ପୂର୍ବତନ ବିଧାୟକଙ୍କ ପରିବାର ଆଜି ବି ତାଙ୍କ ପେନସନ୍ ଉପରେ ନିର୍ଭରଶୀଳ। ୩୦ ହଜାର ପେନସନ ଟଙ୍କା ଅଣ୍ଟୁନାହିଁ। ବିଧାନସଭା ଲବିରେ ଆସି ବସୁଥିବା ପୂର୍ବତନ ବିଧାୟକଙ୍କ ଦୁଃଖ ଦେଖି ହେବ ନାହିଁ। ତେଣୁ ପୂର୍ବତନ ବିଧାୟକଙ୍କ ପେନସନ୍ ତୁରନ୍ତ ବୃଦ୍ଧି ପାଇ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଶୂନ୍ୟକାଳରେ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ଉଭୟ ଶାସକ ଓ ବିରୋଧୀ ସଦସ୍ୟ। ଏହି ଅବସରରେ ବିଧାୟକମାନେ ମଧ୍ୟ ନିଜ ଦରମା ବୃଦ୍ଧି ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। କେବଳ ସେତିକି ନୁହେଁ ଶାସକ ଦଳ ସଭ୍ୟ ଭାସ୍କର ମଢ଼େଇ ବାଚସ୍ପତି ସୁରମା ପାଢ଼ୀଙ୍କୁ ମାତା ଲକ୍ଷ୍ମୀଙ୍କ ସହ ତୁଳନା କରିଛନ୍ତି। ଆପଣ ମା' ଲକ୍ଷ୍ମୀ, ଆପଣ ଆମକୁ ଦାନା ଦେଲେ ଆମେ ବଞ୍ଚିବୁ ବୋଲି ଶ୍ରୀ ମଢ଼େଇ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

ଆଜି ପ୍ରଶ୍ନକାଳ ଶେଷ ହେବା ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ପ୍ରଥମେ ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେପରି ଭାବେ ଜନସଂଖ୍ୟା ବଢ଼ୁଛି, ଦରଦାମ ମଧ୍ୟ ସେହି ପରି ବଢ଼ି ଚାଲିଛି। ସମସ୍ତଙ୍କୁ ଏହା ବାଧୁଛି; କିନ୍ତୁ ପୂର୍ବତନ ବିଧାୟକମାନେ ବହୁ ଦୁଃଖ କଷ୍ଟରେ ଅଛନ୍ତି। ଅନେକ ଆଜି ବି ନିଜ ପେନସନ୍

### ବାଚସ୍ପତିଙ୍କୁ ଲକ୍ଷ୍ମୀ ମାତାଙ୍କ ସହ ତୁଳନା କଲେ ବିଜେପି ସଭ୍ୟ ଭାସ୍କର

ଉପରେ ନିର୍ଭର କରି ବଞ୍ଚୁଛନ୍ତି। ବିଧାନସଭା ବାହାରେ ସେମାନେ ନିଜ ସଂଘର୍ଷମୟ ଜୀବନ କଥା କହୁଛନ୍ତି। ୨୦୧୭ ମସିହା ପରଠାରୁ ଆଉ ଦରମା କିମ୍ବା ପେନସନ୍ ବଢ଼ି ନାହିଁ। ୮ମ ବେତନ କମିଶନ ଲାଗୁ ହେଲେ ସରକାରୀ କର୍ମଚାରୀଙ୍କ ଏମ୍‌ଏଲ୍‌ଏ ମାନଙ୍କ ଠାରୁ ଢ଼େର ଅଧିକ ଦରମା ଓ ପେନସନ୍ ପାଇବେ। ବିଧାନସଭା ପକ୍ଷରୁ ଗଠିତ କମିଟି ମଧ୍ୟ ଦରମା ଓ ପେନସନ୍ ବୃଦ୍ଧି ପାଇଁ ସୁପାରିଶ କରିଛନ୍ତି। ତେଣୁ ଏହା ଉପରେ ସରକାର ସଦୟ ବିଚାର କରନ୍ତୁ ବୋଲି ପ୍ରମିଳା କହିଥିଲେ।

ବିରୋଧୀ ଦଳ ଉପ-ମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ କହିଥିଲେ ବିଧାୟକମାନେ ୯୮ ହଜାର ଟଙ୍କା ଦରମା ନେଉଛନ୍ତି, ପୂର୍ବତନ ବିଧାୟକ ୩୦ ହଜାର ଟଙ୍କା ପେନସନ୍ ପାଉଛନ୍ତି। ୨୦୦୦ ମସିହାରେ ଦରମା ୭ ହଜାର, ପେନସନ୍ ୫ ହଜାର ଟଙ୍କା ଥିଲା। ଏବେକାର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ମୁଖ୍ୟ ସଚେତକ ଥିବା ସମୟରେ ଗୃହରେ ଏହି ଦରମା ଓ ପେନସନ୍ ବୃଦ୍ଧି ପ୍ରସ୍ତାବ ଆଗତ କରିଥିଲେ। ପୂର୍ବ ସରକାର ଏଥିପାଇଁ ସବୁ ପଦକ୍ଷେପ ନେଇଥିଲେ, ନିର୍ବାଚନ ପରେ ବଢ଼ିବାର ଥିଲା; ତେଣୁ ମୁଖ୍ୟମନ୍ତ୍ରୀ ଦରମା ଓ ପେନସନ୍ ବୃଦ୍ଧି ଘୋଷଣା କରନ୍ତୁ। ସରକାରୀ ସଦସ୍ୟମାନେ ବି ସମାନ କଥା କହିବାକୁ ଚାହୁଁଛନ୍ତି, କିନ୍ତୁ ଲାଜ କରୁଛନ୍ତି।

ଶାସକ ଦଳର ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଥିଲେ, ବିଧାୟକମାନେ ନିଜ ଅଞ୍ଚଳର ମୁଖ୍ୟ। କିନ୍ତୁ ଆମର ସମ୍ବଳ ନାହିଁ କି କମ୍ବଳ ନାହିଁ। ଲୋକଙ୍କୁ ଖାଲି କଥା କହି ସାନ୍ତ୍ୱନା ଦେଉପାରୁଛୁ, ଆଉ କିଛି ନୁହେଁ। ମୁଁ ବି ପୂର୍ବତନ ବିଧାୟକ ଥିଲି, ଆଉ ନିଜେ ଏହାର ଭୁକ୍ତଭୋଗୀ। ବିଧାୟକଭାବେ ଅତିଥି ହୋଇ ଗଲେ, ନାମଯଜ୍ଞ, ବ୍ରତଘର, ବାହାଘର, କ୍ରିକେଟ ମ୍ୟାଚ୍, ସବୁଠି ଦେବାକୁ ହେଉଛି। ଅତିକମ୍‌ରେ ୧୦ରୁ ୩୦ ହଜାର ଟଙ୍କା ନ ଦେଲେ ନ ଚଳେ। କାରଣ ସବୁଆଡ଼େ ଏମ୍‌ଏଲ୍‌ଏ କ'ଣ ଦେଲେ ବୋଲି ପଚାରୁଛନ୍ତି। ତେଣୁ ଦରମା ଓ ପେନସନ୍ ବୃଦ୍ଧି ପାଇଁ ବିଲ୍ ଅଣାଯାଉ ଏବଂ ଜୁନ୍ ମାସରୁ ବର୍ଦ୍ଧିତ ଆକାରରେ ପ୍ରଦାନ କରାଯାଉ।

ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା କହିଥିଲେ ଯେ ପିଅନ ୫୫ ହଜାର ଟଙ୍କା ଦରମା ପାଉଛନ୍ତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ୭୫ ହଜାର ଟଙ୍କା ଆଉ ଅଧ୍ୟାପକ ଦେଢ଼ ଲକ୍ଷ ଟଙ୍କା ଦରମା ପାଉଛନ୍ତି। ଅନେକଙ୍କ ଦରମା ଆଇଏଏସ୍ ଅଫିସରଙ୍କ ଠାରୁ ବି ଅଧିକ। କିନ୍ତୁ କଥାରେ ଅଛି ଯାହା ଜୀବନ ଦୁଃଖରେ ଗଢ଼ା, ତା ଜୀବନରେ କି ସୁଖ ଆଉ। ପୂର୍ବତନ ବିଧାୟକଙ୍କ ଦୁଃଖ ଦେଖି ହେଉନି। ବିଧାନସଭା ଲବିରେ ବସି କାନ୍ଦୁଛନ୍ତି। ସରକାର ଯଥାଶୀଘ୍ର ଦରମା ଆଉ ପେନସନ୍ ବୃଦ୍ଧି କରନ୍ତୁ। ଦରମା ଓ ପେନସନ୍ ବୃଦ୍ଧି ପାଇଁ ଗଠିତ କମିଟିର ଅଧ୍ୟକ୍ଷ ତଥା ବିଜେପି ବିଧାୟକ ଭାସ୍କର ମଢ଼େଇ କହିଥିଲେ, ଏହା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। ଅନେକ ପୂର୍ବତନ ବିଧାୟକ ଆଜି ବି ଚାଳ ଘରେ ରହୁଛନ୍ତି। ବିଧାୟକ ଥାଉ କି ନ ଥାଅ, ସବୁ ଜାଗାରେ ଦେବାକୁ ହେଉଛି। ଲୋକେ ଘରେ ପହଞ୍ଚି ସହାୟତା ମାଗୁଛନ୍ତି। ପରିବାର ବୋଝ ବି ମୁଣ୍ଡ ଉପରେ ଅଛି। ବିଧାୟକ ହୁଅନ୍ତୁ କି ପୂର୍ବତନ ବିଧାୟକ ସମସ୍ତଙ୍କ ପାଇଁ ପ୍ରାପ୍ୟ ବଢ଼ିବା ଉଚିତ।

## ଭିଜିଲାନ୍ସ ପଞ୍ଝାରେ ଆଠମଲ୍ଲିକ ତହସିଲର ବରିଷ୍ଠ କିରାଣି

### ୨୦ ହଜାର ଲାଞ୍ଚ ନେଉଥିଲେ

ଆଠମଲ୍ଲିକ,୨୮।୩(ସମିସ): ଜମିପଟ୍ଟା ଭାଗ କରାଇଦେବାକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି



ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ସତ୍ୟପ୍ରିୟ ନାୟକ। ଆଠମଲ୍ଲିକ ବ୍ଲକ ଲୁହାସିଂହା ପଞ୍ଚାୟତ କେନ୍ଦୁପାଟି ଗ୍ରାମର ଚରଣ ନାୟକ ଜମିପଟ୍ଟା ଅଲଗା କରିବା ପାଇଁ ଆବେଦନ କରିଥିଲେ। ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ୁଥିଲେ ମଧ୍ୟ ତାଙ୍କ କାମ ହେଉନଥିଲା। ୨୦ ହଜାର ଟଙ୍କା ଦେଲେ କାମ ହେବ ବୋଲି ବରିଷ୍ଠ କିରାଣୀ ସତ୍ୟପ୍ରିୟ ଚରଣଙ୍କୁ କହିଥିଲେ। ଏନେଇ ଚରଣ ଅନୁଗୋଳ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଶୁକ୍ରବାର ଚରଣ ସତ୍ୟପ୍ରିୟଙ୍କୁ ୨୦ ହଜାର ଟଙ୍କା ଦେଉଥିବା ବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଟଙ୍କା ସହ କାବୁ କରିଥିଲେ। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

■ ଦୁଇଟି ହତ୍ୟା ଘଟଣାର ପ୍ରତିବାଦ

## ଅଭିଯୁକ୍ତଙ୍କୁ ଫାଶୀ ଦାବିରେ ଥାନା ଆଗରେ ଧାରଣା



ଟିକାବାଲି, ୨୮।୩ (ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳର ଜଣେ ନାବାଳିକାକୁ ଗଣଦୁଷ୍କର୍ମ ସହ ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୁକ୍ତମାନଙ୍କୁ ଫାଶୀ ଏବଂ ବଡ଼ିମୁଣ୍ଡାର ପବିତ୍ର ପ୍ରଧାନଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଟିକାବାଲି ଓ ଚକାପାଦ ବ୍ଲକ୍‌ର ହଜାର ଲୋକେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅପରାଧୀଙ୍କୁ ଫାଶୀ ଦେବା ଦାବିରେ ନାରାବାଜି କରିବା ସହ ଥାନା ଆଗରେ ଧାରଣା ଦେଇଛନ୍ତି।

ହତ୍ୟାର ଶିକାର ହୋଇଥିବା ଦୁଇଜଣଙ୍କ ପରିବାରଙ୍କୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ, ହତ୍ୟାକାରୀଙ୍କୁ ଫାଶୀ, ପୁଲିସ ପକ୍ଷରୁ ୨୪ଘଣ୍ଟିଆ ପହରା, ପ୍ରତ୍ୟେକ ଛକରେ ସିସି କ୍ୟାମେରା ସ୍ଥାପନ, ବିଭିନ୍ନ ଛକରେ ପୁଲିସ୍ ମୁତୟନ କରି ଅଞ୍ଚଳକୁ ସୁରକ୍ଷିତ ରଖିବା ପରି ଦାବି କରାଯାଇଥିଲା। ଏହି ଅବସରରେ ଟିକାବାଲି ବିଡିଓଙ୍କ ଜରିଆରେ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ପ୍ରତି ପ୍ରଶାସନ ଅବହେଳା ପ୍ରଦର୍ଶନ କଲେ, ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଥିଲେ।

### ଏକାଠି ହେଲେ ଦୁଇ ବ୍ଲକ୍ ଅଞ୍ଚଳବାସୀ

ମେଳି ବାନ୍ଧିଥିବା ଲୋକେ ଶୋଭାଯାତ୍ରା ଓ ସଭା କରିଥିଲେ। ରାଲିରେ ସରପଞ୍ଚ ସାଲିମା ପ୍ରଧାନ, ରୁନିତା କହଁର, କୁନ୍ଦରୁ ମଳିକ, ବାଦନ ପ୍ରଧାନ ନାରୀ ସୁରକ୍ଷା ମହିଳା ମହାସଂଘ ଓ କନ୍ଧମାଳ ପ୍ରଗତି ମିଳିତ ମହାସଂଘର ଆବାହକ କ୍ରିଷ୍ଣା ଚନ୍ଦ୍ର ଡିଗାଲ, ସଭନେତ୍ରୀ ଅପସରି ଡିଗାଲ, ଜିଲ୍ଲା ସମ୍ପାଦିକା ରତ୍ନବତି ବେହେରା, ଟିକାବାଲି ଶାଖାର ସମ୍ପାଦିକା ଜିନିମା ମଳିକଙ୍କ ସମେତ ତନୁଜ ଭୋଇ, ଲିଙ୍ଗରାଜ ନାୟକ,ଆକାଶ ନାୟକ,ହେମନ୍ତ ଡିଗାଲ, ବିପ୍ଳବୀ ସଂଜୀବ ଡିଗାଲ, ପୂର୍ଣ୍ଣଚନ୍ଦ୍ର ଦିଗାଲ, ଜ୍ୟୋତିରଞ୍ଜନ ମହାପାତ୍ର, ଟିଙ୍କୁ ଭୋଇ, ରୁଦ୍ର ପ୍ରସାଦ, ବାନାମ୍ବର ମୁଖୀଙ୍କ ସହ ବହୁ ସମାଜସେବୀ ଯୋଗ ଦେଇ ଟିକାବାଲି ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

## ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୩(ସମିସ): ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର। ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ

### ପ୍ରଫେସର କ୍ଷୀରୋଦ ଜେନାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର

### ଡକ୍ଟର ସଙ୍ଘମିତ୍ରା ସାମନ୍ତରାୟ ଓ ଅନ୍ୟ ୩ ଜଣଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର'

ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ। ଏଥିପାଇଁ ତୃଣମୂଳ ସ୍ତରରେ ଗବେଷଣା ହେବା ସହିତ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଓ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।




ଆଜି ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ସେ ଆମର ଆଗାମୀ ପିଢ଼ି ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣି ବିଜ୍ଞାନକୁ ସାଧାରଣ ଜନତାଙ୍କ ସେବାରେ ଲଗାଇବେ ଓ ବିଜ୍ଞାନକୁ ଆହୁରି ଲୋକପ୍ରିୟ କରିବାରେ ସହାୟକ ହେବେ ବୋଲି ଆଶାପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଫେସର ରାଜ କିଶୋର ପରମଗୁରୁ, ଡକ୍ଟର ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣ ଚନ୍ଦ୍ର ମହାନ୍ତି, ଡକ୍ଟର ରଘୁପଟ୍ଟଣି ଭୀମା ରାଓ, ପ୍ରଫେସର ମଳୟ କୁମାର ମିଶ୍ରଙ୍କୁ ବରିଷ୍ଠ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର, ଡକ୍ଟର ସଙ୍ଘମିତ୍ରା ସାମନ୍ତରାୟ, ଡକ୍ଟର ବେଦାଙ୍ଗଦାସ ମହାନ୍ତି, ପ୍ରଫେସର ସୁବ୍ରତ କୁମାର ପଣ୍ଡା, ପ୍ରଫେସର ପିନାକୀ ଦତ୍ତଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର, ରବୀନ୍ଦ୍ରନାଥ ମାଝୀ ଓ ତୁଳସୀ ସ୍ୱାଇଁଙ୍କୁ ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର ଓ ଡକ୍ଟର ସରିତ ଶେଖର ପଟ୍ଟନାୟକ, ଡକ୍ଟର ଅପ୍ରମିତା ଚାନ୍ଦ, ଡକ୍ଟର ରାଜେଶ କୁମାର ପୃଷ୍ଟି ଓ ଡକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କୁ ଯୁବ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ବିଜ୍ଞାନ ଓ କାରିଗରୀ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ସ୍ୱାଗତ ଭାଷଣ ଓ ପ୍ରଫେସର ଆଶିଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଅନୁଗୋଳ, ୨୮।୩ (ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଶୁକ୍ରବାର ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ୍‌ଦଣ୍ଡ ଶୁଣାଣି କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ ଛେଣ୍ଡିପଦା ପାଣପଶି ଗ୍ରାମର କୁନା ପ୍ରଧାନ। ୨୦୨୧ ମାର୍ଚ୍ଚ ୨୪ ସନ୍ଧ୍ୟା ୫ଟାରେ ନାବାଳିକା ନିଜ ଘର ପାଖ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ କୁନା ତାଙ୍କୁ ଜୋରଜବରଦସ୍ତ ବିଲମାଳକୁ ନେଇ ଦୁଷ୍କର୍ମ କରିଥିଲା। ଏ ବିଷୟରେ କାହାରିକୁ କହିଲେ, ହତ୍ୟା କରିବାକୁ ଧମକ ଦେଇଥିଲା। ଏ ସଂପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି କୁନାକୁ ଗିରଫ କରିଥିଲା। ଶୁକ୍ରବାର ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ବିରଞ୍ଚି ନାରାୟଣ ଜେନା ଏହି ମାମଲାର ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ କୁନାକୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରଦୀପ ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

## ଲାଞ୍ଚୁଆ ଡାକ୍ତରଙ୍କୁ ୩ ବର୍ଷ ଜେଲ୍

ଫୁଲବାଣୀ,୨୮।୩(ସମିସ): ଶୁକ୍ରବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ଲାଞ୍ଚୁଆ ଡାକ୍ତରଙ୍କୁ ୩ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଡାକ୍ତରଜଣଙ୍କ ହେଲେ, ଫିରିଙ୍ଗିଆର ତତ୍କାଳୀନ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିଶିଥ ନିଶାନ୍ତ ମାଲୁ।



ସୂଚନାନୁଯାୟୀ, ୨୦୨୧ ମସିହାରେ ଡା. ମାଲୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ। ସେଠାରେ ବହୁମୂଖୀ ସ୍ୱାସ୍ଥ୍ୟକର୍ମୀ ଥିବା ବେଣୁପାଣି ଦିଗାଲଙ୍କ ଆରସିଏମ୍ ବିଲ୍ କରାଇଦେବା ପାଇଁ ସେ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ବେଣୁପାଣି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ୨୦୨୧ ମାର୍ଚ୍ଚ ୩୧ ତାରିଖ ଦିନ ଡା. ମାଲୁ ଲାଞ୍ଚ ନେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଛପି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଶୁକ୍ରବାର ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ଅଦାଲତ ବିଚାରପତି ସମର ବିଳାସ ବେହେରା ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତ ଡା. ମାଲୁ ବର୍ତ୍ତମାନ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି।

## ଓଏସଏସଟିଇଟି ଫଳ ପ୍ରକାଶିତ

କଟକ,୨୮।୩(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପରିଚାଳିତ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ଫଳ ଶୁକ୍ରବାର ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ୍‌ରେ ଫଳ ଉପଲବ୍ଧ ହୋଇଥିବା ବେଳେ ପରୀକ୍ଷାର୍ଥୀମାନେ ସେମାନଙ୍କ ଫଳକୁ ଡାଉନଲୋଡ କରିପାରିବେ। ଏହି ପରୀକ୍ଷାରେ ମୋଟ ୩୬ ହଜାର ୧୬୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମେ' ୨୮ ତାରିଖ ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ଡିଜିଟାଲ ପ୍ରମାଣପତ୍ର ମଧ୍ୟ ପାଇପାରିବେ। ଯେଉଁମାନେ ଅକୃତକାର୍ଯ୍ୟ ହୋଇଛନ୍ତି, ସେମାନଙ୍କୁ ମେ' ୭ତାରିଖ ପର୍ଯ୍ୟନ୍ତ ବୋର୍ଡ ୱେବ୍‌ସାଇଟ୍‌ରୁ ଓଏମ୍‌ଆର ଉତ୍ତରଖାତା ମିଳିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୨୫ଜାନୁଆରୀ ୧୭ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷାରେ ମୋଟ ୫୦୫୮୮ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ୪୮ହଜାର ୨ ଜଣ ପରୀକ୍ଷା ଦେଇଥିଲେ।

**୩୬୧୬୫ କୃତକାର୍ଯ୍ୟ**

### 'କାଳିଆ' ହିତାଧିକାରୀଙ୍କ ପିଲାଙ୍କୁ କୃଷକ ବିଦ୍ୟାନିଧି ସହାୟତା

## ରାଜ୍ୟର ୧୩ହଜାର ଛାତ୍ରଛାତ୍ରୀ ଉପକୃତ

ଭୁବନେଶ୍ୱର, ୨୮।୩(ସମିସ): ପୂର୍ବରୁ ପ୍ରଚଳିତ 'କାଳିଆ' ଯୋଜନାର ନାମ ପରିବର୍ତ୍ତନ କରାଯାଇଥିଲେ ସୁଦ୍ଧା ଏହାର ଢାଞ୍ଚାକୁ ସରକାର ଅପରିବର୍ତ୍ତିତ ରଖିଛନ୍ତି। କାଳିଆ ହିତାଧିକାରୀଙ୍କ ପୁଅ-ଝିଅଙ୍କ ଉଚ୍ଚଶିକ୍ଷା ପାଇଁ 'କୃଷି ବିଦ୍ୟା ନିଧି' ଯୋଜନାରେ ସହାୟତା ପ୍ରଦାନ ଅବ୍ୟାହତ ରହିଛି। ଏହି ଯୋଜନା ଅନ୍ତର୍ଗତ ବୈଷୟିକ ଓ ବୃତ୍ତିଗତ ବିଷୟରେ ଉଚ୍ଚଶିକ୍ଷା ପାଇଁ ସିଏମ୍ କିସାନ ହିତାଧିକାରୀ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ଭାଇ ଭଉଣୀଙ୍କ ପୁଅ ଝିଅଙ୍କୁ ବାର୍ଷିକ ଟ୍ୟୁସନ୍ ଫି' ବା ପଢ଼ା ଖର୍ଚ୍ଚ ରାଜ୍ୟ ସରକାରଙ୍କ କୃଷି ବିଭାଗ ତରଫରୁ ଯୋଗାଇ ଦିଆଯାଉଛି।

ସରକାରୀ, ବେସରକାରୀ ତଥା ଜାତୀୟସ୍ତରର ଶିକ୍ଷାନୁଷ୍ଠାନରେ ଡାକ୍ତରୀ, ଇଞ୍ଜିନିୟରିଂ, ନର୍ସିଂ, ଡିପ୍ଲୋମା ଇଞ୍ଜିନିୟରିଂ, ବିବିଏ, ବିସିଏ ଭଳି ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସରକାରୀ ଅନୁଷ୍ଠାନ ପାଇଁ ଫିସ୍‌କୁ ଛାତ୍ରବୃତ୍ତି ଆକାରରେ ଦିଆଯାଉଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ବାର୍ଷିକ ଭିତ୍ତିରେ ନିର୍ଦ୍ଦିଷ୍ଟ ଫି' ସ୍ଥିର କରାଯାଇଛି। ବି-ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୦ ହଜାର ଟଙ୍କା, ଏମ୍ ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୬ ହଜାର ଟଙ୍କା, ଏମବିଏ ପାଠ୍ୟକ୍ରମ ପାଇଁ ୬୫ ହଜାର ଟଙ୍କା, ୪ ରୁ ୫ ବର୍ଷିଆ ଡାକ୍ତରୀ ଶିକ୍ଷା ନିମନ୍ତେ ବାର୍ଷିକ ୩୭,୯୫୦ ଟଙ୍କା ସ୍କଲାରସିପ୍, ୪ ବର୍ଷିଆ ବି. ଫାର୍ମ ନିମନ୍ତେ ବାର୍ଷିକ ୩୫ ହଜାର ଟଙ୍କା, ନର୍ସିଂ ଶିକ୍ଷା ପାଇଁ ୧୯ ହଜାର ୪୫୦ ଟଙ୍କା, ଦୁଇ ବର୍ଷିଆ ଡାକ୍ତରୀ ଶିକ୍ଷାରେ ସ୍ନାତକ ପାଇଁ ବାର୍ଷିକ ୫୮ ହଜାର ଟଙ୍କା, ଆର୍କିଟେକ୍ଟ ପାଠ୍ୟକ୍ରମ ପାଇଁ ୬୦ ହଜାର ଟଙ୍କା ଦିଆଯାଉଛି। ପାଠ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଜଣେ ଶିକ୍ଷାର୍ଥୀ ଏହାର ସୁବିଧା ପାଉଛନ୍ତି।

ଚଳିତବର୍ଷ କୃଷିବିଦ୍ୟାନିଧି ଯୋଜନାରେ ସମୁଦାୟ ୧୩ହଜାର ୯୨୩ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଥିବାବେଳେ ଏଥିରେ ୫୯୨ ଜଣ ମେଡିକାଲ, ୪୫୯୨ ଜଣ ଇଞ୍ଜିନିୟରିଂ, ୪୫୬୪ ଜଣ ପଲିଟେକନିକ, ୧୪୧୭ ଜଣ ନର୍ସିଙ୍ଗ, ୫୧୦ ଜଣ ଏମସିଏ, ୧୭୪ ଜଣ କୃଷି ଓ ଆନୁସଙ୍ଗିକ ଶିକ୍ଷାର୍ଥୀ ସାମିଲ୍ ଅଛନ୍ତି। ଏଥିମଧ୍ୟରୁ ୫୫ ଜଣ ଏନ୍‌ଆଇଟି ଓ ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଛନ୍ତି। ଏଥିନିମନ୍ତେ ରାଜ୍ୟ ସରକାର ଚଳିତବର୍ଷ ୫୩,୫୭,୯୪,୪୦୫ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ଏହି ଛାତ୍ରବୃତ୍ତି ରାଶି ଛାତ୍ରଛାତ୍ରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଇଛି।

### ଚିନ୍ତା ବଢ଼ାଇଲାଣି କୋଲାବ ଜଳଭଣ୍ଡାର

## ମାର୍ଚ୍ଚରୁ ଶୁଖିଲାଣି; ଜଳସଙ୍କଟ ଆଶଙ୍କା

କୋରାପୁଟ, ୨୮।୩(ସମିସ): ମାର୍ଚ୍ଚ ସରିନି। କିନ୍ତୁ ଏବେଠାରୁ କୋଲାବ ଜଳଭଣ୍ଡାର ଶୁଖିଲାଣି। ଅଧା କୋରାପୁଟ ଜିଲ୍ଲାର ଶୋଷ ମେଣ୍ଟାଉଥିବା ଏହି ଜଳଭଣ୍ଡାରର ଜଳସ୍ତର କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଗତବର୍ଷ ତୁଳନାରେ ବର୍ତ୍ତମାନ ୩ ଫୁଟ୍ ଜଳସ୍ତର ଖସିଥିବା ଜଣାପଡ଼ିଛି। ଚଳିତ ବର୍ଷ ଭୀଷଣ ଗ୍ରୀଷ୍ମଲହରୀ ହେବା ନେଇ ପାଣିପାଗ ବିଭାଗ ଆଗୁଆ ଆକଳନ କରିଥିବା ବେଳେ ଆଗାମୀ ଦିନରେ ସ୍ଥିତି ଭୟଙ୍କର ହେବ ବୋଲି କୁହାଯାଉଛି। ଏହାକୁ ନେଇ କୋରାପୁଟବାସୀଙ୍କ ଚିନ୍ତା ବଢ଼ି ଯାଇଛି।



ତଥ୍ୟ ଅନୁଯାୟୀ, ଗତବର୍ଷ ଆଜିର ଦିନରେ ଜଳଭଣ୍ଡାରର ଜଳସ୍ତର ୮୫୩.୨୪ ମିଟର ରହିଥିଲା। ଅର୍ଥାତ୍ ଜଳଭଣ୍ଡାରର ଜଳଧାରଣ କ୍ଷମତା ୫୧୯.୨୫୨ ମିଲିୟନ କ୍ୟୁବିକ ମିଟରର ଶତକଡ଼ା ୫୩.୫୩୪ ଜଳ ଜଳଭଣ୍ଡାରରେ ଗଚ୍ଛିତ ଥିଲା। କିନ୍ତୁ ଚଳିତବର୍ଷ ଆଜିର ଦିନରେ ଜଳସ୍ତର ୮୫୦.୫୫ ମିଟର ରହିଛି। ଲାଇଭ୍ ଷ୍ଟୋରେଜ ୩୧୭.୮୭୪ ମିଲିୟନ କ୍ୟୁବିକ ମିଟର ତଥା ଶତକଡ଼ା ୩୩.୯୯୭ ଜଳ ଜଳଭଣ୍ଡାରରେ ଗଚ୍ଛିତ ଅଛି। ବର୍ତ୍ତମାନ ସୁଦ୍ଧା ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩.୫୭୧ କ୍ୟୁବିକ ମିଟର ଜଳ ପ୍ରବେଶ କରୁଥିବା ବେଳେ ୫୨.୦୫୯ କ୍ୟୁବିକ ମିଟର ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର କୌଣସି ବି ଗେଟ୍ ଖୋଲାଯାଇନଥିବା ବେଳେ ଏଥିରୁ ୧୦୬.୯୬ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି।

ଅପରପକ୍ଷେ ଆଗାମୀ ଦିନରେ ଚାଷ ପାଇଁ ଜଳସେଚିତ ଜମିଗୁଡ଼ିକୁ କେନାଲ ମାଧ୍ୟମରେ ପାଣି ଛଡ଼ାଯିବ। ଆଗକୁ ପ୍ରଚଣ୍ଡ ଖରା ରହିଥିବା ବେଳେ ଏବେଠାରୁ ଜଳଭଣ୍ଡାରର ଜଳ ସ୍ଥିତି ଏପରି ରହିଲେ, ଚାଷ ବ୍ୟତୀତ ପାନୀୟ ଜଳର ମଧ୍ୟ ଘୋର ସଙ୍କଟ ଦେଖାଯିବାର ଆଶଙ୍କା ରହିଛି। ତାତି ବଢ଼ିବା ଆଗରୁ ପ୍ରଶାସନ ଉଭୟ ପାନୀୟ ଜଳ, ବିଦ୍ୟୁତ ଉତ୍ପାଦନ ସହ ଜମିକୁ ଜଳଯୋଗାଣ ପାଇଁ ଆଗୁଆ ଚିନ୍ତା ପ୍ରକଟ ନକଲେ, ଜଳକଷ୍ଟରେ ଜିଲ୍ଲାବାସୀ ଘାଣ୍ଟି ହେବେ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଉଛି।

ସକାଳ
THE SAKALA



## 'ଆମ ସଂସ୍କୃତି ଆମ ଖେଳଣା' ଓ ବାର୍ଷିକ ଉତ୍ସବ

# ନାଚିଲେ, ଗାଇଲେ ଓ ଖେଳଣା ଗଢ଼ିଲେ ଶିଶୁ



କୋଣାର୍କ,୨୮ ।୩(ସମିସ):

ଶୁକ୍ରବାର କୋଣାର୍କ ନିକଟସ୍ଥ ତଥା ଗୋପ ବ୍ଲକର ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳଣା' ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଆୟୋଜିତ ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆମ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷଣ ସାମଗ୍ରୀ ଖେଳଣା ଗଢ଼ିବା ସହିତ ନାଚି ଗାଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ବହୁବିଧ ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତା ଆୟୋଜନ କରାଯିବା ସହିତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଏହି କ୍ଲଷ୍ଟର ଅନ୍ତର୍ଗତ ମାଟିଆପଡା ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିମିଳି ସରପଞ୍ଚ ବିଶ୍ୱଜିତ ସ୍ୱାଇଁ, ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ, ସୁଶାନ୍ତ କୁମାର ବିଶ୍ୱାଳ, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଓ ସ୍କୁଲ ପରିଚାଳନା କମିଟି ସଭାପତି ରମେଶ ବେହେରା ଅତିଥିରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ବେହେରା ଓ ଶିକ୍ଷୟିତ୍ରୀ ସତ୍ୟଭାମା ରଥ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଭୈରବ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଜଲବାଳା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପରମିତା ନାୟକ ମୁଖ୍ୟ ଅତିଥିରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱରଜିତ୍ ସେନ୍ ଓ ସ୍କୁଲ ପରିଚାଳନା କମିଟି ସଭାପତି ମଙ୍ଗରାଜ ସ୍ୱାଇଁ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରୀତି ଶତପଥୀ ଓ ସ୍ୱର୍ଣ୍ଣଲତା ବେହେରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ବାଲୁଙ୍କେଶ୍ୱର ବାରିକ, ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ଶିରିପୁର ପିୟୁପିଏସ୍ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ଏ.କେ. ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ସୁବାସ ସେଠୀ ଓ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଅତିଥିରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସହିତ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁରଭି ମହାପାତ୍ରଙ୍କ ସମେତ ଅନ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

● ପମ୍ପ୍ ହାଉସ୍‌ରେ ମୋଟର ଅଚଳ

## ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି ଲୋକେ

କଣାସ,୨୮ ।୩(ସମିସ):

କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟଜଳ ସମସ୍ୟା ଲାଗି ରହୁଥିବାବେଳେ ଜଳ ଯୋଗାଇବା ପାଇଁ ଦୟା, ରାଜୁଆ, ମଲାଗୁଣୀ, ମକରା, ଲୁଣା ନଦୀରେ କେତୋଟି ହାତଗଣତି ପାଇପ୍ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ବେଣାଗାଁଠାରେ ଦୟା ନଦୀରେ ନିର୍ମାଣ କରାଯାଇଥିବା ପାଇପ୍ ଜଳ ପ୍ରକଳ୍ପ କାର୍ଯ୍ୟାଳୟରେ ୧୫ ଦିନ ମଧ୍ୟରେ ଦୁଇଥର ବିଦ୍ୟୁତ୍ ମୋଟର ପୋଡି ଯାଇଥିବାରୁ ପାନୀୟଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେବା ସହ ଜନଅସନ୍ତୋଷ ବୃଦ୍ଧି ପାଉଛି। ଏହି ପାଇପ୍ ଜଳ ପ୍ରକଳ୍ପରୁ ଦୟା ବିହାର, ବେଣାଗାଁ, ଡିମିରି, ବିଶ୍ୱାଳିପଡା, କଣାସ, କୃଷ୍ଣନଗର, ପୋତାଘର, ସହନା ଗ୍ରାମକୁ ପାନୀୟଜଳ ଯୋଗାଣ କରାଯାଉଥିଲା। ଏ ସଂପର୍କରେ ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ମୋଟର ପାଇଁ ୪୨୦ ଭୋଲଟେଜ ଦରକାର ହେଉଥିବାବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ମାତ୍ର ୩୨୦ ଭୋଲଟେଜ ବିଦ୍ୟୁତ ଯୋଗାଣ ହେଉଥିବାରୁ ତିନୋଟି ମୋଟର ପୋଡ଼ିଗଲାଣି। ବିଦ୍ୟୁତ ବିଭାଗକୁ କହିଲେ ମଧ ସେମାନେ ଶୁଣୁ ନଥିବା କହିଛନ୍ତି।

## ସରିଲା ବିଭୂତି ବାଟିକା ମେଳଣ



ସାକ୍ଷୀଗୋପାଳ,୨୮ ।୩(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ବଳପୁର ପଞ୍ଚାୟତର ସାଗରସ୍ନାନ ମେଳଣ ସାରି ଦୁଇ ଠାକୁର ବଳପୁର ଓ ବରାଳ ଗ୍ରାମର ବାବା ବାଲୁଙ୍କେଶ୍ୱର ଦେବ ସୁସଜ୍ଜିତ ବିମାନରେ ଦୁଆରି ଭୋଗ ଖାଇ ଫେରି ମେଳଣ ପଡିଆରେ ଖୁଣ୍ଟି ଲାଗି ହୋଇଥିଲେ। ମାତୃପୀଠ ତଥା ବିଭୂତି ବାଟିକା ମେଳଣ ପଡିଆରେ ଦୁଇ ଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସେଠାରେ ଠାକୁରଙ୍କ ସମସ୍ତ ଦେବନୀତି ସେବାୟତ ମାନଙ୍କ ଦ୍ୱାରା କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହ ଖଇକୋରା, କଦଳୀ, ଫେଣି, ସାକର, ଖଜା, ଚୁଡାଘଷା ସହିତ ବିଭିନ୍ନ ଫଳମୂଳ ଭୋଗ ଲାଗି କରିଥିଲେ। ଠାକୁରଙ୍କ ନିକଟରେ ଦିନଯାକ ସଂକୀର୍ତ୍ତନ, ପାଲା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ରାତ୍ରରେ ଆତସବାଜି ପ୍ରଦର୍ଶନ ଓ ହରିହର ଭେଟ କରାଯିବା ପରେ ଠାକୁର ସ୍ୱମନ୍ଦିରକୁ ଫେରିଥିଲେ।

● ଘରୋଇ ଜାଗାରେ ରାସ୍ତା ନିର୍ମାଣ ସହ ହୋଇଛି ବିଲ୍!

## ତଦନ୍ତ ଦାବି କଲେ ସରପଞ୍ଚ



ନୟାହାଟ,୨୮ ।୩(ସମିସ): ସରକାରୀ ଅର୍ଥକୁ ଆତ୍ମସାତ୍ କରିବା ପାଇଁ ଜଣେ ବେନାମୀ ଠିକାଦାର ଘରୋଇ ଲୋକଙ୍କ ସ୍ଥିତିବାନ ଜାଗାରେ ୩ ଲକ୍ଷ ଟଙ୍କାରେ କଂକ୍ରିଟ ରାସ୍ତା ନିର୍ମାଣ କରିବା ଫଳରେ ଜାଗା ମାଲିକ ଉକ୍ତ ରାସ୍ତାକୁ ଖୋଳି ଭାଙ୍ଗି ଦେଇଛନ୍ତି। ପ୍ରକାଶ ଯେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତ କଦମ୍ବପାଟଣା ଗ୍ରାମର ରାଧାଦାମୋଦର ମଠକୁ ସରକାରୀ ଅର୍ଥରେ ଗୋପ ବ୍ଲକର ଜୈନିକ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥାଇ ଏହାକୁ ଦେଶୁଣ୍ଡୀ ଗ୍ରାମର ଜଣେ ବେନାମୀ ଠିକାଦାର ରାସ୍ତା ନିର୍ମାଣକୁ ନେଇ ଜାଗା ମାଲିକ ବିରୋଧ କରିଥିଲେ। ତେବେ ଉକ୍ତ ଠିକାଦାର ଜଣକ ଜୋରଜବରଦସ୍ତି ରାସ୍ତା ନିର୍ମାଣ କରିଥିଲେ। ଫଳରେ ଜାଗା ମାଲିକ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ଉକ୍ତ ରାସ୍ତାକୁ ଭାଙ୍ଗି ଦେଇଥିଲେ। ଏନେଇ ପଦ୍ମ ସ୍ୱାଇଁ ଓ ଆଲୋକ ପାତ୍ର ଅଭିଯୋଗ କରିଛନ୍ତି ଯେ ବେସରକାରୀ ଜାଗାରେ ହୋଇଥିବା ରାସ୍ତାର ବିଲ୍ ସରିଛି। ଏ ସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବେସରକାରୀ ଜାଗା ଛାଡ଼ି ଅବଶିଷ୍ଟ ରାସ୍ତାର ବିଲ୍ କରିଛୁ। ଅନ୍ୟପକ୍ଷରେ ଇସାଣପୁର ସରପଞ୍ଚ ବିନୋଦିନୀ ପାଳ ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

● ଘରୋଇ ହସ୍ପିଟାଲରେ ନବଜାତ ଶିଶୁର ମୃତ୍ୟୁ ଘଟଣା

## ଏନ୍‌ଏଚ୍‌ଆର୍‌ସି ନିକଟରେ ମାମଲା ରୁଜୁ

ଅସ୍ତରଙ୍ଗ,୨୮ ।୩(ସମିସ):

ଅସ୍ତରଙ୍ଗ ଅଞ୍ଚଳର ନବଜାତ କନ୍ୟା କାକଟପୁର ଅଞ୍ଚଳରେ ଥିବା ଏକ ହସ୍ପିଟାଲରେ ମୃତ୍ୟୁ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ କମିଶନ କେସ୍ ଡାଏରୀ ନଂ ୬୬୦୩/୨୫ରେ ଗ୍ରହଣ କରିଥିବା ଜଣାପଡ଼ିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରିୟବ୍ରତ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ନିବେଦନ କରିଛନ୍ତି କି ମୃତ ଶିଶୁର ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଏହା ସହ ସମ୍ପୃକ୍ତ ଡାକ୍ତର ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମୁଖ୍ୟ ଶାସନ ସଚିବଙ୍କ ନିକଟରେ ସେ ଜଣାଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ହସ୍ପିଟାଲ ନାମରେ ସଙ୍ଗୀନ ଅଭିଯୋଗ ଆସିଛି। ଏହି ହସ୍ପିଟାଲରେ ଗର୍ଭବତୀ ମହିଳାଙ୍କ ଅସ୍ତ୍ରୋପଚାର ହୋଇ ଶିଶୁ ଜନ୍ମ ହେବା ପରେ ମୃତ୍ୟୁ ହେବା ଘଟଣାକୁ ନେଇ ସଂପୃକ୍ତ ପରିବାର ତରଫରୁ ଥାନାରେ ଅଭିଯୋଗ ହୋଇଥିଲା। ଚିକିତ୍ସାରେ ଅସୁବିଧା ହେତୁ ନବଜାତ ଶିଶୁକନ୍ୟାର ମୃତ୍ୟୁ ହୋଇଛି ବୋଲି କାକଟପୁର ଥାନାରେ ଅଭିଯୋଗ ହୋଇଛି। ସମସ୍ତ ପ୍ରକାର ବ୍ୟବସ୍ଥା ସହିତ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ଗରିବ ଲୋକଙ୍କ ଚିକିତ୍ସା କରାଯାଉଛି ବୋଲି ହସ୍ପିଟାଲ୍ ଦ୍ୱାରା ପ୍ରଚାର କରାଯାଉଛି। କିନ୍ତୁ ଏହି ଘଟଣାରେ ହସ୍ପିଟାଲରେ ବିଭିନ୍ନ ଆଳ ଦେଖାଇ ଟଙ୍କା ସରିଯାଇଛି କହି ଚିକିତ୍ସା ନକରି ଘରକୁ ପଠାଇ ଦେଇଥିଲେ ବୋଲି ମୃତ ଶିଶୁର ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାକୁ ଚପାଇ ଦେବା ପାଇଁ ମଧ୍ୟ ପ୍ରଶାସନ ପାଖରେ ଅର୍ଥ କାରବାର ହୋଇଛି ବୋଲି ଗଣମାଧ୍ୟମ ଆଗରେ ପରିବାର ଲୋକ କହିଛନ୍ତି। ଏ ସବୁ ଜାଣିବା ପରେ ମୃତ ନବଜାତ ଶିଶୁ ପରିବାର ଲୋକେ ନ୍ୟାୟ କିପରି ପାଇବେ ବୋଲି ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହାର ସଠିକ ତଦନ୍ତ କରାଯାଉ ବୋଲି ଜନସାଧାରଣ ଦାବି କରିଛନ୍ତି।

● କଣାସରେ ସାଗରସ୍ନାନ ଯାତ୍ରା

## ଦୟାନଦୀରେ ଚାପ ଖେଳିଲେ ନୀଳକଣ୍ଠେଶ୍ୱର



କଣାସ,୨୮ ।୩(ସମିସ): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର କାତପଡା ଗ୍ରାମର ଆରାଧ୍ୟ ଠାକୁର ବାବା ନୀଳକଣ୍ଠେଶ୍ୱର ଦେବ ଗତକାଲି ଅପରାହ୍ନରେ ସାଗରସ୍ନାନ ଯାତ୍ରା ପାଇଁ ସୁସଜ୍ଜିତ ବିମାନରେ ବାହାରି ଦୟାନଦୀ କୂଳରେ ପହଞ୍ଚିବା ପରେ ପୂର୍ବରୁ ସୁସଜ୍ଜିତ ହୋଇ ରହିଥିବା ନୌକାରେ ବସି ଦୟାନଦୀରେ ସାତ ଘେରା ଚାପ ଖେଳିଥିଲେ। ଚାପ ଖେଳ ସରିବା ପରେ ବିମାନରେ ମନ୍ଦିର ନିକଟ ମେଳଣ ପଡିଆକୁ ଆସି ନିଜ ଆସ୍ଥାନରେ ବିରାଜମାନ କରିଥିଲେ। ପରେ ରାତିସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ତ୍ରିଲୋଚନପୁରର ଆରାଧ୍ୟ ଠାକୁର ଦୁର୍ଗା ଓ ଗୋପୀନାଥ ଦେବ ସୁସଜ୍ଜିତ ବିମାନରେ ବସି ଦୟାନଦୀର ଆମ୍ବତୋଟା ମଧ୍ୟକୁ ଯାଇଥିଲେ। ସେଠାରେ ନିର୍ମିତ ହୋଇଥିବା ମଣ୍ଡପରେ ବିରାଜମାନ ପରେ ଗ୍ରାମବାସୀ ଭୋଗ ଲାଗି କରିଥିଲେ। ରାତ୍ରରେ ବିମାନରେ ଗ୍ରାମ୍ୟ ପରିକ୍ରମା କରି ଦୁଆର ଭୋଗ ଖାଇଥିଲେ।

## ବେଗୁନିଆପଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡେଲାଙ୍ଗ,୨୮ ।୩(ସମିସ):

ଡେଲାଙ୍ଗ ବ୍ଲକ ଗଡ ବେଗୁନିଆପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଗାଦିବ୍ରହ୍ମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ପଣ୍ଡା, ଶିକ୍ଷକ ଉମେଶଚନ୍ଦ୍ର ଦାଶ, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ସ୍ଥାନୀୟ ସରପଞ୍ଚ ପ୍ରତିମା ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିମନ୍ୟୁ ପରିଡା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଘରେ ସଠିକ୍ ପ୍ରାଥମିକ ଶିକ୍ଷା ଦେବାକୁ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହୋଇପାରିବ। ପ୍ରତ୍ୟେକ ଛାତ୍ର ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଆବଶ୍ୟକ ଯାହା ଫଳରେ ସେମାନଙ୍କର ଇଚ୍ଛାଶକ୍ତି ବଢ଼ିବ। ଏହି ଇଚ୍ଛା ଶକ୍ତି ଭବିଷ୍ୟତରେ ସଫଳତା ଆଣିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଖେଳଣା ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ସମାପ୍ତି ୧ ଅନୁସାରେ ପ୍ରତି ଶ୍ରେଣୀର ପ୍ରଥମ ,ଦ୍ୱିତିୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହିତ ସିଲକପ୍ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ସୁଚିତ୍ରା ପରିଡାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଅଭିଭାବକ ସୁନିତା ମହାପାତ୍ର, ବାସନ୍ତୀ ବେହେରା ପ୍ରମୁଖଙ୍କ ସହିତ ଅନ୍ୟ ୧୫ ଜଣ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ବିୟୋଗ

ବଳଙ୍ଗା,୨୮ ।୩(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତର ପ୍ରଥମ ସରପଞ୍ଚ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ପତିଙ୍କ ପତ୍ନୀ ଗୌରୀମଣି ପତିଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ବ୍ରଜକିଶୋର ପତି ଓ ରାମକୃଷ୍ଣ ପତି ମୁଖାଗ୍ନି ଦେଇଥିଲେ। ଝିଅ, ଜ୍ୱାଇଁ, ନାତିନାତୁଣୀ, ଅଣନାତି, ନାତୁଣୀ, ବନ୍ଧୁପରିଜନ, ଗ୍ରାମବାସୀ ଉପସ୍ଥିତ ଥିଲେ। ଯୁବ ସାମ୍ବାଦିକ ତଥା ସମାଜସେବୀ ମାନସ ରଞ୍ଜନ ଦାଶଙ୍କ ଜେଜେ ମାଆ ଅଟନ୍ତି ଗୌରୀମଣି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## 'ଆତ୍ମା'ର ନୂତନ ଅଧ୍ୟକ୍ଷ ହେଲେ ଦିଲ୍ଲୀପ

ନିମାପଡ଼ା,୨୮ ।୩(ସମିସ):

କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ନିମାପଡ଼ାଠାରେ କୃଷି ଉପଦେଷ୍ଟା କମିଟି ୨୦୨୫-୨୬ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିମାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ଓ ପୂର୍ବତନ ଆତ୍ମା ଅଧ୍ୟକ୍ଷ ନରେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କୃଷି ଆନୁସଙ୍ଗିକ ବିଭାଗର କର୍ମକର୍ତ୍ତାମାନେ ଏହି ବୈଠକରେ ନିଜ ନିଜର ବିଭାଗର କାର୍ଯ୍ୟ ଓ ଯୋଜନା ସଂପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ମୁଖ୍ୟତଃ ବିଭିନ୍ନ ବିଭାଗରୁ ମନୋନୀତ ୨୫ ଜଣ ସଭ୍ୟସଭ୍ୟା ଆଲୋଚନା କରି ସହମତି ଭିତିରେ ଦିଲ୍ଲୀପ କୁମାର ପରିଡାଙ୍କୁ ଆତ୍ମାର ଅଧ୍ୟକ୍ଷ ଭାବେ ମନୋନୀତ କରିଛନ୍ତି। ନବନିର୍ବାଚିତ ଅଧ୍ୟକ୍ଷ ଶ୍ରୀ ପରିଡା ସମସ୍ତ ସଭ୍ୟ/ସଭ୍ୟାମାନଙ୍କୁ ଧନ୍ୟବାଦ ଜଣାଇବା ସହ କୃଷି କ୍ଷେତ୍ରରେ କୃଷକମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ପରିଶେଷରେ ବ୍ଲକ କୃଷି ବୈଷୟିକ ଆବାହକ ପ୍ରିୟବ୍ରତ ପୃଷ୍ଟି ଧନ୍ୟବାଦ ଦେଇଥିଲେ।



## ବିଭିନ୍ନ ପର୍ବପର୍ବାଣୀ ପାଇଁ କାକଟପୁର ଉତ୍ସବମୁଖର

ଗମ୍ଭରିପଦା,୨୮ ।୩(ସମିସ): ପୁରୀ ଜିଲ୍ଲାର ପ୍ରମୁଖ ଅଞ୍ଚଳ ମଧ୍ୟରେ କାକଟପୁର ଅନ୍ୟତମ ଓ ଗତ ମାସେ ଧରି ଚାଲିଥିବା ରମଜାନ ପାଇଁ କାକଟପୁର ବଜାର ଚଳଚଞ୍ଚଳ ହୋଇ ଉଠିଛି। ମେଡିକାଲ ଛକ ଓ ବିଭିନ୍ନ ଦୋକାନରେ ଡ୍ରାଏଫ୍ରୁଟସ ଅତରଠାରୁ ଆରମ୍ଭ କରି କେଶର, ଲଚ୍ଛା ପ୍ରଭୃତି ଖାଦ୍ୟ ସାମଗ୍ରୀ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି। ଆରବୀୟ ଦେଶରୁ ଆମଦାନି ଅଜୁଆ ଖଜୁରୀର ଚାହିଦା ମାତ୍ରାଧିକ ରହିଛି। ସେହିପରି ଗୋଲାପରୁ ପ୍ରସ୍ତୁତ ରୁହ-ଅଫଜା ସର୍ବତ ଅଖରୋଟ, ଅଞ୍ଜିର, ଚେରୀ ଆଦି ଡାଏଫ୍ରୁଟ ଓ ସିମେଇ ଭଳି ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି। ସେହିପରି ଜାନମାଜ୍ ଓ ମିସୱାକରର ମଧ୍ୟ ପସରା ଖୋଲିଛି। ଇଦ୍ ପ୍ରସ୍ତୁତି ପାଇଁ ଲୁଗା ଦୋକାନ ଓ ମନୋହରୀ ଦୋକାନରେ ଭିଡ଼ ଜମୁଛି। କାକଟପୁର କଲେଜ ଛକଠାରେ ଥିବା ପାର୍ଲର୍ ଓ କିଛି ମହିଳା ଆର୍ଟିଷ୍ଟ ବୁଲି ବୁଲି ମେହେନ୍ଦୀ ଲଗାଇବା ଅର୍ଡର ରଖୁଛନ୍ତି। ଗତକାଲି ଗୁରୁବାର ରାତିରୁ ରାତିତମାମ ଉଜାଗର ରହି ଲୈଲତୁଲ କଦ୍ର ପଢ଼ିବା ପରେ ଅଲବିଦାୟୀ ଜୁମ୍ମାକୁ ବିଦାୟ ଜଣାଇବା ପାଇଁ ମସଜିଦରେ ବିଶେଷ ସମାଗମ ଓ ଆଲୋଚନାକୁ ନେଇ ସମସ୍ତଙ୍କ ମନରେ ଆଗ୍ରହ ଦେଖା ଦେଇଛି। ପ୍ରାୟ ଗ୍ରାମ ମୁଣ୍ଡରେ ଇଦ୍ ଉଲ ଫିତର ପ୍ରସ୍ତୁତି ଓ ସ୍ୱାଗତ ତୋରଣ ଓ ଆଲୋକ ସଜ୍ଜା ହୋଇଥିବା ଦେଖିବାକୁ ମିଳୁଛି। ସେହିପରି ରାମନବମୀ ପାଇଁ ବଜାର ମଧ୍ୟରେ ସାଜସଜ୍ଜା ସହିତ ଚୈତ୍ର ପର୍ବ ମଙ୍ଗଳବାର ପାଇଁ ବ୍ୟବସାୟୀମାନେ ସେମାନଙ୍କ ପ୍ରତିଷ୍ଠାନକୁ ନୂତନ ପଣ୍ୟ ଦ୍ରବ୍ୟ ଓ ଆଲୋକମାଳାରେ ସଜାଇ ଗ୍ରାହକଙ୍କୁ ଆକୃଷ୍ଟ କରୁଛନ୍ତି। ରମଜାନ ସରି ସରି ଆସୁଥିବା ବେଳେ ଭାଇଚାରାର ଏହି ଅଞ୍ଚଳରେ ହିନ୍ଦୁ ମୁସଲିମ ମିଶି 'ଇଫତାର ପାର୍ଟି'ର ଆୟୋଜନ ପରିବେଶକୁ ବେଶ ସରଗରମ କରିଛି।

## ଜାତୀୟ କବାଡ଼ି ଚାମ୍ପିଅନସିପ୍‌ରେ ଡେଲାଙ୍ଗ ଝିଅ ରୁପାଲି



ଡେଲାଙ୍ଗ,୨୮ ।୩(ସମିସ): ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠର ଛାତ୍ରୀ ରୂପାଲି ପ୍ରଧାନ ୩୪ତମ ଜାତୀୟ କବାଡି ଚାମ୍ପିଅନସିପ୍‌କୁ ମନୋନୀତ ହୋଇଛନ୍ତି। ବିହାରର ଗୟା ସହରସ୍ଥିତ ଗାୟତ୍ରୀ ଦେବୀ ଗୋଇଙ୍କା ପବ୍ଲିକ ସ୍କୁଲଠାରେ ଆୟୋଜିତ ଏହି ଜାତୀୟ କବାଡି ପ୍ରତିଯୋଗିତା ଚଳିତ ମାସ ୨୭ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ରୂପାଲି ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା ଉପକନିଷ୍ଠ ବାଳିକା ବିଭାଗରେ ସ୍ଥାନ ପାଇଥିବା ନେଇ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ନଟବର ସେଠୀ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ରୂପାଲି ଯାତ୍ରା ଆରମ୍ଭ କରିଛନ୍ତି। ରୂପାଲିଙ୍କର ଏହି କୃତିତ୍ୱ ନିମନ୍ତେ ପୁରୀ ଜିଲ୍ଲା ଆଥେଲେଟିକ ସଂଘର ସମ୍ପାଦକ ରବିନାରାୟଣ ପ୍ରତିହାରି, ବୈଷୟିକ ଅଧିକାରୀ ଭଗବାନ ପ୍ରସାଦ ଦାଶ, ଜୟନ୍ତ ରାୟ, ପୁରୁଷୋତ୍ତମ ମୁଦୁଲି, ସୁବାସ ବେହେରା, ବଂଶୀଧର ମହାପାତ୍ର, ଗିରିଜା ପ୍ରସାଦ ଗଡନାୟକ, ଲକ୍ଷ୍ମୀନାରାୟଣ ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ, କୋଚ୍ ସମ୍ବିତ ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ପ୍ରଧାନ, ପ୍ରଭାତ କ୍ଲବର ସମ୍ପାଦକ ପଦ୍ମନାଭ ବରାଳ, ପ୍ରଭାତ କୁମାର ଜେନା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଡେଲାଙ୍ଗର କ୍ରୀଡାବିତ୍‌ମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ଜୀବଜନ୍ତୁ

# ଗ୍ରାମବାସୀଙ୍କ ଦ୍ୱାରା ଚିତ୍ରା ହରିଣ ଉଦ୍ଧାର

ଅସ୍ତରଙ୍ଗ,୨୮ ।୩(ସମିସ): ସାରା ବିଶ୍ୱରେ ଏବେ ପରିବେଶ ସନ୍ତୁଳନ ବିଗୁଡୁଥିବା ବେଳେ କଂକ୍ରିଟ ଜଙ୍ଗଲ ଏବଂ ବେଆଇନ ଚିଙ୍ଗୁଡ଼ି ଘେରି ପାଇଁ ଦିନକୁ ଦିନ ଜଙ୍ଗଲ ପରିବେଶରେ ପରିବର୍ତ୍ତନ ଘଟୁଛି। ଏଥିରେ ପ୍ରଭାବିତ ହେଉଛନ୍ତି ଜଙ୍ଗଲୀ ଜୀବଜନ୍ତୁ। ସେମାନଙ୍କ ପାଇଁ ଜଙ୍ଗଲରେ ଖାଦ୍ୟ ଓ ପାନୀୟଜଳର ଘୋର ଅଭାବ ଦେଖାଦେଇଛି। ଏସବୁ ଅନ୍ୱେଷଣରେ ହରିଣମାନେ ବନାଞ୍ଚଳ ଛାଡ଼ି ଗାଁମୁହାଁ ହୋଇ ଜନବସତିକୁ ପ୍ରବେଶ କରୁଛନ୍ତି। ପରେ ନିରିହ ହରିଣଗୁଡ଼ିକ ଶିକାରୀ ଏବଂ କୁକୁରଙ୍କ ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ବିଭିନ୍ନ ସମୟରେ ଅସ୍ତରଙ୍ଗ ବନାଞ୍ଚଳରୁ ହରିଣମାନେ ଚାଲିଆସି ଜନବସତିରେ ପ୍ରବେଶ କରୁଥିବା ନଜିର ଆଗରୁ ରହିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଅସ୍ତରଙ୍ଗ ବ୍ଲକ ବିଲୁଆ ମୁଣ୍ଡୁଳି ଗ୍ରାମରେ। ଗୋଟିଏ ଚିତ୍ରା ହରିଣ ନିକଟସ୍ଥ ଜଙ୍ଗଲରୁ ଚାଲିଆସି ଅସ୍ତରଙ୍ଗ ବନାଞ୍ଚଳ ଅନ୍ତର୍ଗତ ବିଲୁଆ ମୁଣ୍ଡୁଳି ଗ୍ରାମ ନିକଟରେ ଥିବା ଏକ ପରିତ୍ୟକ୍ତ ପୋଖରୀରେ ପଡ଼ିଯାଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଗ୍ରାମବାସୀ ସୁବାସ ରାଉତ, ବାଦଲ ରାଉତଙ୍କ ଆପ୍ରାଣ ଉଦ୍ୟମ ଫଳରେ ହରିଣଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଗ୍ରାମର କୋଠ ଘରେ ରଖି ସେବା ଶୁଶ୍ରୁଷା କରିବା ପରେ ବନ ବିଭାଗକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହରିଣକୁ ଉଦ୍ଧାର କରିଥିଲେ। ତାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଯଦି ସୁସ୍ଥ ଥାଏ ତା' ହେଲେ ତାକୁ ଜଙ୍ଗଲରେ ଛଡ଼ାଯିବ ବୋଲି ସୂଚନା ମିଳିଛି।



## ଅବଶିଷ୍ଟାଂଶ

### କେନ୍ଦ୍ର କର୍ମଚାରୀଙ୍କ ...

ପାଇଁ ଉର୍ଦ୍ଧ୍ୱଷ୍ଟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତିକୁ ଧ୍ୟାନରେ ରଖି ଏହି ବୃଦ୍ଧି କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ମୁଦ୍ରାସ୍ଫୀତି କମ୍ ରହିଛି । ଗତବର୍ଷ, ମହଙ୍ଗା ଭତ୍ତା ଅକ୍ଟୋବରରେ ୩% ଏବଂ ମାର୍ଚ୍ଚରେ ୪% ବୃଦ୍ଧି କରାଯାଇଥିଲା । ଗତ ବର୍ଷ ଅକ୍ଟୋବରରେ ୩% ବୃଦ୍ଧି ପରେ, ମହଙ୍ଗା ଭତ୍ତା ମୂଳ ଦରମାର ୫୩% ହୋଇଯାଇଥିଲା । ଏବେ ୨% ବୃଦ୍ଧି ପରେ ଏହା ମୂଳ ଦରମାର ୫୫% ହୋଇଯାଇଛି । ଏହାର ଅର୍ଥ ହେଉଛି ଯଦି ଜଣେ କର୍ମଚାରୀଙ୍କ ମୂଳ ଦରମା ୧୦ ହଜାର ଟଙ୍କା, ତେବେ ତାଙ୍କୁ ଏବେ ୫୫୦୦ ଟଙ୍କା ମହଙ୍ଗା ଭତ୍ତା ମିଳିବ ।

### ମେ ୧୫ରେ...

ମାର୍କ ଥିବା ବିଷୟଗୁଡ଼ିକ ପାଇଁ ୩୦ଟି ଖାତା ୫ ଘଣ୍ଟାରେ ଭିତରେ ଶିକ୍ଷକ ଦେଖିବା ପାଇଁ ସ୍ଥିର କରାଯାଇଛି । ଶିକ୍ଷକମାନେ ୭୦ ଓ ୮୦ ମାର୍କ ଥିବା ବିଷୟ ପାଇଁ ୫ ଘଣ୍ଟାରେ ୨୦ଟି ଖାତା ଦେଖିପାରିବେ ।

ସେ ଆହୁରି କହିଛନ୍ତି, ଚଳିତବର୍ଷ ମୋଟ ୩୦୦ ଜଣ ବିଦ୍ୟାର୍ଥୀ କପି କରି ଧରା ପଡ଼ିଛନ୍ତି । ତ୍ରୁଟିପୂର୍ଣ୍ଣ ଭାବେ ମାଲ୍‌ପାକ୍ଟିସ୍‌ରେ ବୁକ୍ ହୋଇଥିବା ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ସାଧାରଣ ପରୀକ୍ଷାର୍ଥୀଙ୍କ ସହ ଏକା ସାଙ୍ଗରେ ପ୍ରକାଶ ପାଇବ । ପରିଷଦ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟିର ଯାଞ୍ଚରେ ମାଲ୍‌ପାକ୍ଟିସ୍‌ରେ ବୁକ ହୋଇଥିବା ଛାତ୍ରଛାତ୍ରୀ ନିଜର ପକ୍ଷ ରଖିବେ । ଯେଉଁମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହେବେ, ସେମାନଙ୍କ ପରୀକ୍ଷା ଫଳ ସ୍ୱାଭାବିକ ଭାବେ ପ୍ରକାଶ ପାଇବ । ଚଳିତ ବର୍ଷ ଠାରୁ ଏହି ନୂଆ ନିୟମ ଲାଗୁ ହେବ । ପୂର୍ବରୁ ଭୁଲ୍‌ରେ ମାଲ୍‌ପାକ୍ଟିସ୍‌ରେ ବୁକ ହେଉଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ସାଧାରଣ ପିଲାଙ୍କ ପରୀକ୍ଷା ଫଳ ବାହାରିବାର ତିନି ମାସ ପରେ ପ୍ରକାଶ ପାଉଥିଲା । ଯେଉଁଥିପାଇଁ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ।

### ଦୋହଲିଗଲା ମ୍ୟାଁମାର୍...

ଲୋକ ନିଖୋଜ ଅଛନ୍ତି । ତେଣୁ ମୃତ୍ୟୁସଂଖ୍ୟା ହଜାରେ ଟପିବା ଆଶଙ୍କା କରାଯାଉଛି ।

ଭୂକମ୍ପ ପ୍ରଭାବରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଥାଇଲାଣ୍ଡ । ବ୍ୟାଙ୍କକ୍‌ରେ ୩୦ ମହଲା ବିଶିଷ୍ଟ ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିଛି । ଏହି କୋଠାରେ ୪୦୦ ଲୋକ କାମ କରୁଥିଲେ । ଏମାନଙ୍କ ମଧ୍ୟରୁ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୮୦ ଜଣ ନିଖୋଜ ଅଛନ୍ତି । ସେହିପରି ଭୂକମ୍ପ ପ୍ରଭାବରେ ବ୍ୟାଙ୍କକ୍‌ର ଏକ ବହୁତଳ କୋଠା ଛାତରେ ଥିବା ସ୍ୱିମିଂ ପୁଲ୍‌ରୁ ପାଣି ଲହଡ଼ିମାରି ଜଳପ୍ରପାତ ଭଳି ତଳକୁ ଉଛୁଳି ପଡ଼ିଥିଲା ।

ଭୂକମ୍ପର ସ୍ଥିତି ଏତେ ଭୟଙ୍କର ଥିଲା ଯେ, ଘରଗୁଡିକ ଡଙ୍ଗା ପରି ଦୋହଲିବାରେ ଲାଗିଥିଲା । ଏହା ଦେଖିବା ମାତ୍ରେ ଲୋକେ ଯିଏ ଯେଉଁଠି ଥିଲେ ଜୀବନ ବିକଳରେ ଦୌଡିବାରେ ଲାଗିଥିଲେ । ଘରଦ୍ୱାର, ଅଫିସ, ବିମାନବନ୍ଦର, ହୋଟେଲ ଆଦି ଛାଡ଼ି ବାହାରକୁ ପଳାଇ ଆସିଥିଲେ । ଏହି ସମୟରେ କିଛି ତଳେ ପଡ଼ି ଆହତ ହୋଇଥିଲେ । ବାଇକରେ ଏବଂ ଚାଲି ଚାଲି ଯାଉଥିବା ଲୋକ ମଧ୍ୟ ତଳେ ପଡ଼ି ଯାଇଥିଲେ । କିଛି ସମୟ ପରେ ଆଉ ତିନି ଥର ଭୂକମ୍ପ ଆସିଥିଲା । ଏହା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଥିଲା । ରାସ୍ତାଘାଟ ଏବଂ ବହୁ କୋଠାରେ ଫାଟ ସୃଷ୍ଟି ହୋଇଛି । ରାଜପ୍ରାସାଦର କିଛି ଅଂଶ ମଧ୍ୟ ଭାଙ୍ଗି ଯାଇଛି । ରାଜଧାନୀରେ ଏକ ହସ୍ପିଟାଲ ଏବଂ ମଣ୍ଡାଲରେ ଥିବା ଏକ ମସ୍‌ଜିଦ ମଧ୍ୟ ଭୁଶୁଡ଼ି ଯାଇଛି । ଏହାର ଅବଶେଷ ତଳେ ଅନେକ ଲୋକ ଫସି ରହିଛନ୍ତି । ଭୂକମ୍ପ ଯୋଗୁଁ ଦେଶରେ ଟ୍ରେନ, ବସ୍ ସେବା ପ୍ରଭାବିତ ହୋଇଛି । ବିମାନ ସେବାକୁ ବନ୍ଦ କରିଦିଆଯାଇଛି । ଲକ୍ଷାଧିକ ଘରୁ ବିଦ୍ୟୁତ ସଂଯୋଗ କଟି ଯାଇଛି । ଭୂକମ୍ପରେ ମଣ୍ଡାଲେ ଏବଂ ୟାଙ୍ଗୋନ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଛି ।

ଆମେରିକା ଜିଓ୍ୱଲୋଜିକାଲ ସର୍ଭେ (ୟୁଏସଜିଏସ) ଅନୁଯାୟୀ ଏହି ଭୂକମ୍ପ ଜନିତ ମୃତ୍ୟୁ ଆଶଙ୍କାକୁ 'ରେଡ୍ କାଟାଗୋରି'ରେ ରଖାଯାଇଛି । ଏଥିରେ ୧୦ ହଜାରରୁ ଲକ୍ଷେ ଲୋକଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଥାଏ । ସୂଚନା ଅନୁଯାୟୀ ଭାରତର କୋଲକାତା, ଇମ୍ଫାଲ, ମେଘାଳୟ ଏବଂ ଇଷ୍ଟ କାର୍ଗୋ ହିଲ୍‌ରେ ଝଟ୍‌କା ଅନୁଭୂତ ହୋଇଥିଲା । ସେହିପରି ବାଂଲାଦେଶର ଢାକା, ଚଟଗାଁଓ ସମେତ ଅନେକ ଅଞ୍ଚଳରେ ୭.୩ ତୀବ୍ରତାରେ ଥରି ଉଠିଥିଲା । ଚୀନ୍‌ର ୟୁନାନ ପ୍ରଦେଶରେ ଭୂକମ୍ପର ତୀବ୍ରତା ୭.୯ ଥିଲା । ତେବେ ଏଠାରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ।

ଏପରି ସମୟରେ ମ୍ୟାଁମାର୍‌ର ସାମରିକ ଶାସକ ଜୁଣ୍ଟା ମୁଖ୍ୟ ମିନ ଅଙ୍ଗ ହଇଙ୍ଗ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି । ସେ ଅନ୍ତର୍ଜାତୀୟ ସହାୟତା ମାଗିଛନ୍ତି । ମ୍ୟାଁମାର ପରେ ଥାଇଲାଣ୍ଡ ଭୂକମ୍ପରେ ସର୍ବାଧିକ ପ୍ରଭାବିତ ହୋଇଛି । ଏହି ଦେଶରେ ୧୫ ଜଣଙ୍କ ଜୀବନ ଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଭୂମିକମ୍ପ ପରେ ସୃଷ୍ଟି ହୋଇଥିବା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ନାଗରିକଙ୍କ ସୁରକ୍ଷା ଏବଂ ମଙ୍ଗଳ କାମନା କରିଛନ୍ତି । ଏହି ଦୁଃଖର ମୁହୂର୍ତ୍ତରେ ମ୍ୟାଁମାର ଓ ଏବଂ ଥାଇଲାଣ୍ଡକୁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଏ ନେଇ ସେ ପ୍ରସ୍ତୁତ ରହିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ବୈଦେଶିକ ମନ୍ତ୍ରାଳୟକୁ ଦୁଇ ଦେଶର ସରକାରଙ୍କ ସହିତ ଯୋଗାଯୋଗରେ ରହିବାକୁ କୁହାଯାଇଛି । ଭାରତୀୟ ଦୂତାବାସ ପକ୍ଷରୁ ଭାରତୀୟଙ୍କ ଲାଗି ଜରୁରୀ ସହାୟତା ନମ୍ବର ଜାରି କରାଯାଇଛି । ଅନ୍ୟପକ୍ଷରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ମୃତକଙ୍କ ପ୍ରତି ଗଭୀର ଶୋକ ବ୍ୟକ୍ତ କରିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିବା ସହ ମୃତାହତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି ।

### ରାଜ୍ୟ ଯୋଜନା...

ବ୍ୟକ୍ତିଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଥାଏ । ତେଣୁ ସ୍ୱାଭାବିକ ଭାବରେ ଶାସକ ବିଜେପିରେ ଏହି ପଦ ପାଇଁ ଅନେକ ବ୍ୟକ୍ତି ଆଶାୟୀ ଅଛନ୍ତି ଓ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ପ୍ରାୟ ୬/୭ ଜଣ ବରିଷ୍ଠ ନେତା ଏହି ପଦଉପରେ ଆଖି ରଖିଛନ୍ତି । ମାତ୍ର ସହମତି ହୋଇ ପାରୁ ନ ଥିବାରୁ ଏହି ପଦରେ କାହାରିକୁ ନିଯୁକ୍ତି ଦିଆଯାଇ ପାରୁନାହିଁ । ଏକପକ୍ଷରେ ରାଜ୍ୟ ବିଜେପି ସଭାପତି ନାମ ଘୋଷଣା ବିଳମ୍ବିତ ହୋଇ ଚାଲିଥିବାବେଳେ ବିଭିନ୍ନ ନିଗମ, ବୋଡର୍‌ର ଅଧ୍ୟକ୍ଷ ଓ ଉପଦେଷ୍ଟା ପଦରେ ଥଇଥାନ ନିଷ୍ପତ୍ତି ଚୂଡ଼ାନ୍ତ ଅନୁମୋଦନ ପାଇନାହିଁ । ସେହିପରି ମନ୍ତ୍ରିମଣ୍ଡଳରେ ୬ଟି ମନ୍ତ୍ରୀ ପଦ ମଧ୍ୟ ପୂରଣ ହୋଇପାରି ନାହିଁ । ଏହି କ୍ରମରେ ଆଉ ଦିନେ ଦୁଇଦିନ ପରେ ବିଧାନସଭା ଅଧିବେଶନ ଶେଷ ହେବା ପରେ ବିଜେପି ରାଜ୍ୟ ସଭାପତିଙ୍କ ନାମ ଘୋଷଣା ସହ ନିଗମ ଓ ବୋଡର୍ ଅଧ୍ୟକ୍ଷ ପଦ ସହ ଯୋଜନାବୋଡର୍ ଅଧ୍ୟକ୍ଷ ପଦ ପୂରଣ ହୋଇପାରେ ବୋଲି କୁହାଯାଉଛି ।

### ମାର୍ଚ୍ଚରେ ରେକର୍ଡ...

ତିନି ଦିନ ଯାଏଁ ତାତି ଅଧିକ ଅନୁଭୂତ ହେବ । ଏପରିକି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୪୪ଡିଗ୍ରୀ ଛୁଇଁପାରେ । ଉତ୍ତର, ଦକ୍ଷିଣ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପାରଦ ୪୦ରୁ ୪୨ଡିଗ୍ରୀ ମଧ୍ୟରେ ରହିବ । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏଁ ଗ୍ରୀଷ୍ମପ୍ରବାହ ଅଧିକ ରହିବାର ସମ୍ଭାବନା ଥିବାରୁ ଏହି ସମୟରେ ଆବଶ୍ୟକ ନଥିଲେ ଘରୁ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି । ଆର୍ଦ୍ରତାର ପରିମାଣ ବୃଦ୍ଧି ସହ ବାୟୁର ଦିଶା ପରିବର୍ତ୍ତନ ହେବା ପରେ ୨ କିମ୍ବା ୩ ତାରିଖ ବେଳକୁ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

### ଡିଜି, ଡିସିପିଙ୍କ...

ସଂସଦୀୟ କାର୍ଯ୍ୟରେ ଭାଗ ନେଇ ପାରିନଥିଲେ । ଏହା ଲୋକସଭା କାର୍ଯ୍ୟବିଧି କାର୍ଯ୍ୟ ପରିଚାଳନା ଆଇନର ରୁଲ୍ସ ୨୨୨ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୦୫ ଅନୁଯାୟୀ ସ୍ୱାଧିକାର ଭଙ୍ଗ ଅଟେ । ଓଡ଼ିଶା ପୁଲିସର ଏପରି କାର୍ଯ୍ୟକଳାପ ଗୃହର ସମ୍ମାନକୁ କ୍ଷୁର୍ଣ୍ଣ କରିଥିବା ସପ୍ତଗିରି ଉଲ୍ଲେଖ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୬ ତାରିଖରେ ନିଲମ୍ବିତ କଂଗ୍ରେସ ବିଧାୟକମାନେ ବିଧାନସଭା ମଧ୍ୟକୁ ପ୍ରବେଶ ଉଦ୍ୟମ ବେଳେ ସେମାନଙ୍କୁ ପୁଲିସ ଭିତରକୁ ଛାଡ଼ି ନ ଥିଲା । ଏପରିକି ବିଧାୟକଙ୍କ ସହ ସେମାନଙ୍କ ସମର୍ଥକଙ୍କୁ ମଧ୍ୟ ପୁଲିସ ଉଠାଇ ନେଇଥିଲା । ସେହି ସମୟରେ ସପ୍ତଗିରି ବିଧାନସଭା ପରିସରକୁ ଯିବାବେଳେ ପୁଲିସ ତାଙ୍କୁ ରୋକିବା ସହ ଉଠାଇ ନେଇଥିଲା ।

## ମୁଖ୍ୟମନ୍ତ୍ରୀ ଏସି ବସ୍ ସେବା

# ତିନି ଦିନ ବି ଚଲାଇ ପାରିଲେନି

**ମାଲକାନଗିରି, ୨୮ ।୩ (ସମିସ):** ତିନି ଦିନ ଚାଲିବା ପରେ ପୁଣି 'ମୁଖ୍ୟମନ୍ତ୍ରୀ ଏସି ବସ୍ ସେବା' ବନ୍ଦ ହେବା ଘଟଣା ମାଲାକାନଗିରି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲାରେ ବିଜେଡି ସରକାର ଲକ୍ଷ୍ମୀ ବସ୍ ସେବାର ଆରମ୍ଭ କରିଥିଲେ । ଏହି ଯୋଜନାରେ ଜିଲ୍ଲାରେ ସାଧାରଣ ବସ୍ ସହ ୭ଟି ଏସି ଲକ୍ଷ୍ମୀବସ୍ ଚଳାଚଳ କରୁଥିଲା । ତେବେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଦୀର୍ଘ ୮ ମାସ ଧରି ଏସି ବସ୍‌ଗୁଡ଼ିକ ବନ୍ଦ ରହିଥିଲା । ଗତ ୨୪ ତାରିଖ ଦିନ ସେଥିମଧ୍ୟରୁ ୨ଟି ବସ୍ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଚଳାଚଳ ଆରମ୍ଭ କରିଥିଲା । ପୁନଃ ଏସି ବସ୍ ସେବା ଆରମ୍ଭ ହେବାରୁ ଜିଲ୍ଲାବାସୀ ଏକପ୍ରକାର ଖୁସି ହୋଇଥିଲେ । କିନ୍ତୁ ସେ ଖୁସି ବେଶୀ ଦିନ ରହିନାହିଁ । ମାତ୍ର ୩ ଦିନ ପରେ ଏହି ବସ୍‌ସେବା ମଧ୍ୟ ବନ୍ଦ ହୋଇଯାଇଛି । ମାଲକାନଗିରିରୁ ମୋଟୁ ଓ ମାଲକାନଗିରିରୁ ଜୟପୁରକୁ ଚଳାଚଳ କରୁଥିବା ଏସି ବସ୍ ଦୁଇଟି ବନ୍ଦ ହୋଇଯାଇଥିବାରୁ ଲୋକଙ୍କ ମଧ୍ୟରେ ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଛି ।



ଲକ୍ଷ୍ମୀ ବସ୍‌ର ନାମ ବଦଳାଇ ସେବା ଆରମ୍ଭ କରିଥିଲେ ନୂଆ ସରକାର

ଏ ସଂପର୍କରେ ଜିଲ୍ଲା ପରିବହନ ପରିଚାଳକ ଆରୋଶ୍ରୀ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଏହି ବସ୍ ସେବାକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି । ତେବେ, କିଛି ଘରୋଇ ବସ୍ ମାଲିକ ଓ ସଂଘ ପକ୍ଷରୁ ଏହି ବସ୍ ଚଳାଚଳକୁ ନେଇ ଅଭିଯୋଗ ଆସିବାରୁ ଏପରି ହୋଇଛି ବୋଲି ଜଣାପଡ଼ିଛି । ପୁଣି ନିର୍ଦ୍ଦେଶ ଆସିଲେ ଏହି ଏସି ବସ୍‌ଗୁଡ଼ିକ ଚଳାଚଳ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି ।

ଲକ୍ଷ୍ମୀବସ୍ ସେବାକୁ ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ କରି ମୋହନ ସରକାର ଲୋକଙ୍କୁ ଆକର୍ଷିତ କରିବାକୁ ପ୍ରୟାସ କରୁଥିଲେ । କିନ୍ତୁ ଦିନ କେଇଟା ମଧ୍ୟରେ ଏହି ସେବାକୁ ବନ୍ଦ କରି ଦିଆଯିବା ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି । ପୂର୍ବରୁ ନବୀନ ସରକାର ଥିବା ସମୟରେ ଏହି ୭ଟି ଏସି ବସ୍ ଜିଲ୍ଲାର ୭ଟି ବ୍ଲକକୁ ନିରନ୍ତର ଚଳାଚଳ କରୁଥିବାରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ଆରାମଦାୟକ ଯାତ୍ରା କରୁଥିଲେ ।

## ନୟାଗଡ଼ ବନ ବିଭାଗରେ ଅନିୟମିତତା ଅଭିଯୋଗ ପ୍ରସଙ୍ଗ

# ହାଇକୋର୍ଟଙ୍କ ଜବାବ ତଲବ

**କଟକ,୨୮ ।୩(ସମିସ):** ନୟାଗଡ଼ ବନ ବିଭାଗରେ ହୋଇଥିବା ଅନିୟମିତତା ତଥା ଟେରିଟୋରିଆଲ ଡିଏଫ୍‌ଓଙ୍କ ବିରୋଧରେ ରହିଥିବା ଅଭିଯୋଗର ଭିଜିଲାନ୍ସ ତଦନ୍ତ ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ମାମଲାରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି । ସରକାରୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ପ୍ରସଙ୍ଗରେ ଲିଖିତ ତଥ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ଉପସ୍ଥାପନ କରିବାକୁ ହାଇକୋର୍ଟ କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିରଂଜନ ଦାସ ଓ ସୁରେନ୍ଦ୍ର ପାଣିଗ୍ରାହୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୯ କୁ ଧାର୍ଯ୍ୟ କରାଯାଇଛି ।

ଖଣ୍ଡପଡ଼ା ବନାଞ୍ଚଳ ଅନ୍ତର୍ଗତ ସାପୁଆ ସଂରକ୍ଷିତ ଜଙ୍ଗଲର ଗିରିଡ଼ିପଲିଠାରେ ଶହେ ଏକରରୁ ହେକ୍ଟରରୁ ଊର୍ଦ୍ଧ୍ୱ ଜାଗାରେ ଚାରାରୋପଣ ନାଁରେ ଅର୍ଥ ଆତ୍ମସାତ୍ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି ଆବେଦନକାରୀ । ବେଆଇନ ଭାବେ ଜଙ୍ଗଲ-୨ କିସମ ଜମିରେ ୫୩ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇ ବନ ବିଭାଗ ଅଧିକାରୀଙ୍କ ସରକାରୀ ବାସଭବନ ନିର୍ମାଣ କରାଯାଇଛି । ବିନା ଟେଣ୍ଡର୍‌ରେ ସାପୁଆ ସଂରକ୍ଷିତ ଜଙ୍ଗଲରୁ ବାଉଁଶ ବିକ୍ରି କରାଯାଇଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଏହି ମାମଲାରେ ଜଙ୍ଗଲ ଓ ପରିବେଶ ବିଭାଗ, ମୁଖ୍ୟ ବନସଂରକ୍ଷକ, ଭିଜିଲାନ୍ସ ନିର୍ଦ୍ଦେଶକ, ନୟାଗଡ଼ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି ।

### କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼

**ଖପ୍ରାଖୋଲ, ୨୮ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ୍‌ର କାର୍ଯ୍ୟରତ କ୍ଷୁଦ୍ର ଜଳସେଚନ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଶୁକ୍ରବାର ଅପରାହ୍ନରେ ଖପ୍ରାଖୋଲର ଜଣେ ବିଜେପି କର୍ମୀମାଡ଼ ମାରିଥିବା ଅଭିଯୋଗ ହୋଇଛି । ଶୁଣିବାକୁ ମିଳୁଛି ଯେ ଖପ୍ରାଖୋଲର ପେଟ୍ରୋଲ ପମ୍ପ ନିକଟରେ କୌଣସି କାରଣରୁ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ କରାଯାଇଥିଲା । ପ୍ରବଳ ମାଡ଼ ମାଡ଼ ମାରିବା ପରେ ତାଙ୍କୁ ଖପ୍ରାଖୋଲ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏହା ପରେ ତାଙ୍କ ଛତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏପର୍ଯ୍ୟନ୍ତ କେଉଠିକୁ ନିଆଯାଉଛି କିଛି ଜଣା ପଡ଼ିନାହିଁ ।

### ଚିଲିକାରେ ପର୍ଯ୍ୟଟକଙ୍କ ମୃତ୍ୟୁ

**ବାଲୁଗାଁ,୨୮ ।୩(ସମିସ):** କେନ୍ଦୁଝର ଜିଲ୍ଲାରୁ ପରିବାର ସହ ଚିଲିକା ବୁଲିବାକୁ ଆସିଥିବା ଜଣେ ମହିଳା ପର୍ଯ୍ୟଟକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ, କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମର ଧନେଶ୍ୱର ମହନ୍ତଙ୍କ ସ୍ତ୍ରୀ ଲଳିତା ମହନ୍ତ (୫୬) ।

ସୂଚନା ମୁତାବକ, ସନ୍ତୋଷପୁର ଗ୍ରାମର ଧନେଶ୍ୱର ମହନ୍ତ, ତାଙ୍କ ସ୍ତ୍ରୀ ଲଳିତା ଓ ସମ୍ପର୍କୀୟମାନେ ଏକ ବଲେରୋରେ ଚିଲିକା ବୁଲିବାକୁ ଆସିଥିଲେ । ତେବେ ଚିଲିକା କୂଳସ୍ଥିତ ଏକ ଘରୋଇ ଲଜ୍‌ରେ ଲଳିତା ଏକାକୀ ରହିଥିବା ବେଳେ ଶୁକ୍ରବାର ସକାଳେ ଅନ୍ୟ ସମସ୍ତେ ଚିଲିକା ହ୍ରଦ ମଧ୍ୟରେ ଥିବା ମା' କାଳିଜାଇ ମନ୍ଦିର ପରିଭ୍ରମଣ କରିବାକୁ ଯାଇଥିଲେ । ହେଲେ କିଛି ସମୟ ପରେ ଲଜ୍ ରୁମରେ ରହିଥିବା ଲଳିତା ଅସୁସ୍ଥ ହୋଇ ପଡ଼ିଥିବା ବେଳେ କର୍ମଚାରୀମାନେ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାରଲୋକେ ଲଜ୍‌ରେ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଲଳିତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରି ବାଲୁଗାଁ ଥାନାକୁ ସୂଚନା ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

### ନିଆଁ ଲାଗି ଜଳିଗଲା ଘର

## ହୃଦ୍‌ଘାତରେ ଗୃହକର୍ତ୍ତା ମୃତ

**ଏରସମା, ୨୮ ।୩ (ସମିସ):** ଏରସମା ବ୍ଲକ୍ କୁଞ୍ଜକୋଠି ପଞ୍ଚାୟତର ଖୁରାଣ୍ଟ ଲୁଣିପୋଖରୀ ପଡ଼ାରେ ଗତକାଲି ରାତି ୧୨ଟା ପରେ ରମେଶ ସ୍ୱାଇଁ (୬୫)ଙ୍କ ଘରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ଏଥିରେ ତାଙ୍କ ଘରେ ଥିବା ୫ଟି ଗୋରୁଙ୍କ ମୃତ୍ୟୁ ଘଟିଛି । ଏପରି ଦୁଃଖଦ ଘଟଣା ଦେଖି ଗୃହକର୍ତ୍ତା ରମେଶ ସ୍ୱାଇଁ ଭୋଭୋ ହୋଇ କାନ୍ଦି ପକାଇଥିଲେ । ଏହି ସମୟରେ ତାଙ୍କର ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିବା ଆଗରୁ ସବୁ ପୋଡି ଯାଇଥିଲା । ନିଆଁ ଲାଗିବା କାରଣ ଏବେ ବି ଅସ୍ପଷ୍ଟ ରହିଛି । ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାର ଛାୟା ଖେଳି ଯାଇଛି ।

# ମଝି ରାସ୍ତାରେ ଜଳିଗଲା ଟ୍ରକ୍

**ବସ୍ତା ବ୍ଲକ/ରାଜଘାଟ, ୨୮ ।୩ (ସମିସ) :** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର କୁଣ୍ଡପୁର ଛକ ଅନତି ଦୂର ବଜରଙ୍ଗୀ ହୋଟେଲ ନିକଟରେ ଏକ ଟ୍ରକରେ ହଠାତ୍ ନିଆଁ ଲାଗିଯିବାରୁ ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଛି । ରଙ୍ଗଡବା ଭର୍ତ୍ତି ଉକ୍ତ ଟ୍ରକ ପଶ୍ଚିମବଙ୍ଗରୁ ରଙ୍ଗ ବୋଝେଇ କରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ସମୟରେ ଉକ୍ତ ହୋଟେଲ ନିକଟରେ ଟ୍ରକରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳି ଉଠିଥିଲା । ଗାଡ଼ିଟିର କ୍ୟାବିନ ଅଂଶଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ କିଛି ରଙ୍ଗ ବାଲଟି ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଥିଲା । ଘଟଣାସ୍ଥଳରେ ଚାଳକ ଓ ଖଲାସୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବସ୍ତା ପୁଲିସ ପହଞ୍ଚି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।



# ବ୍ୟାଙ୍କ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ମୋହନା, ୨୮ ।୩ (ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଅନ୍ତରବା ରାସ୍ତାରେ ଥିବା ଏକ ଭଡ଼ାଘରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ୍ । ମୃତ କର୍ମଚାରୀଜଣଙ୍କ ହେଲେ, ପ୍ରକାଶ ମହାରଣା(୨୮) । ସେ ଚନ୍ଦ୍ରଗିରି ଆଇସିଆଇସିଆଇ ବ୍ୟାଙ୍କରେ ସମ୍ପର୍କ ଅଧିକାରୀ ଭାବେ କାମ କରୁଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତାଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

**ଭଡ଼ାଘରୁ ମୃତଦେହ ଉଦ୍ଧାର**

ମିଳିଥିବା ସୂଚନାନୁସାରେ, ମାସକ ତଳେ ସେ ଚନ୍ଦ୍ରଗିରି ବ୍ୟାଙ୍କରେ ଯୋଗ ଦେଇଥିଲେ । ଅନ୍ତରବା ରାସ୍ତାରେ ଗୋଟିଏ ଭଡା ଘରେ ସେ ରହୁଥିଲେ । ସବୁଦିନ ଭଳି ଗୁରୁବାର ରାତିରେ ସେ ଘରେ ଶୋଇଥିଲେ । ଶୁକ୍ରବାର ସକାଳ ୧୦ ଟା ପରେ ସେ ବ୍ୟାଙ୍କକୁ ଯାଇ ନଥିବାରୁ ବ୍ୟାଙ୍କର ଅନ୍ୟ କର୍ମଚାରୀ ଫୋନ କରିଥିଲେ । ସେ କଲ ରିସିଭ କରି ନଥିଲେ । ଏହାପରେ କର୍ମଚାରୀ ପ୍ରକାଶଙ୍କ ଭଡ଼ାଘରକୁ ଯାଇ ସେ ଶୋଇଥିବା ଦେଖି ସନ୍ଦେହରେ ପୁଲିସକୁ ଖବର ଦେଇଥିଲେ । ଚନ୍ଦ୍ରଗିରି ଫାଣ୍ଡି ପୁଲିସ ପହଞ୍ଚି ତାଙ୍କୁ ତୁରନ୍ତ ଚନ୍ଦ୍ରଗିରି ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୋହନା ପୁଲିସ୍ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ସୁନୀଲ ସେଠୀ କହିଛନ୍ତି । ପ୍ରକାଶଙ୍କ ନିଜ ଘର ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପୁରୁଷୋତ୍ତମପ୍ରସାଦ ହୋଇଥିବା ବେଳେ ସେ ଭୁବନେଶ୍ୱର ଖଣ୍ଡଗିରି ଥାନା କୋଲଥିଆ ଅଞ୍ଚଳରେ ରହୁଥିଲେ । ମାସକ ତଳେ ଜୟପୁରରୁ ବଦଳି ହୋଇ ଚନ୍ଦ୍ରଗିରିସ୍ଥିତ ବ୍ୟାଙ୍କରେ ଯୋଗ ଦେଇଥିଲେ ।

### ମା'କୁ ହତ୍ୟା ମାମଲା / ପୁଅ-ଝିଅକୁ ଆଜୀବନ କାରାଦଣ୍ଡ

**ଜଗତସିଂହପୁର, ୨୮ ।୩ (ସମିସ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବନ୍ଦର ଥାନା ଅଞ୍ଚଳରେ ଗତ ୨୦୨୧ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଦ୍ୱୟ ହେଲେ, ରାଜେଶ କାଣ୍ଡି ଓ ମଣି କାଣ୍ଡି ।

ସୂଚନାନୁସାରେ, ବନ୍ଦର ଗ୍ରାମର ଉର୍ମିଳା କାଣ୍ଡିଙ୍କ ପୁଅ ନଥିବାରୁ ଏବଂ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ସାନଭଉଣୀଙ୍କ ପୁଅ ରାଜେଶ କାଣ୍ଡିକୁ ପାଖରେ ରଖିଥିଲେ । ଉର୍ମିଳାଙ୍କ ମଝିଆଁ ଝିଅ ମଣି କାଣ୍ଡି ସ୍ୱାମୀ ସହିତ ଝଗଡ଼ା କରି ବାପଘରକୁ ପଳାଇ ଆସିଥିଲା ଏବଂ ଉର୍ମିଳାଙ୍କ ପାଖରେ ରହୁଥିଲା । ଉର୍ମିଳାଙ୍କ ପାଳିତ ପୁଅ ରାଜେଶ ସହିତ ମଣିର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଏକଥା ଜାଣିବା ପରେ ଉର୍ମିଳା ଉଭୟଙ୍କୁ ବିରୋଧ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ଥର ଝଗଡ଼ା ହୋଇଥିଲା । ତେବେ ଗତ ୨୦୨୧ ମସିହା ଜୁନ୍ ୨୨ ତାରିଖରେ ପାଳିତ ପୁଅ ରାଜେଶ ଓ ଝିଅ ମଣି ମିଶି ଉର୍ମିଳାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ ଏବଂ ବାଡ଼ିପଟେ ଏକ ଗାତ ଖୋଳି ଉର୍ମିଳାଙ୍କ ଶବକୁ ପୋତିବା ପାଇଁ ଯୋଜନା କରୁଥିବା ବେଳେ ଗ୍ରାମବାସୀ ସେଠାରେ ପହଞ୍ଚି ଯାଇଥିଲେ । ଏହାଦେଖି ରାଜେଶ ଓ ମଣି ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀମାନେ ଉଭୟଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ । ଘଟଣା ସମ୍ପର୍କରେ ଉର୍ମିଳାଙ୍କ ଭାଇ ସର୍ବେଶ୍ୱର କାଣ୍ଡି ବନ୍ଦର ଥାନାରେ ଏତଲା ଦେବା ପରେ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମୋଟ ୨୩ଜଣଙ୍କ ଠାରୁ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଅଭିଯୁକ୍ତ ରାଜେଶ କାଣ୍ଡି ଓ ମଣି କାଣ୍ଡିକୁ ଆଜୀବନ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ।


O-1674 E_maiL: rw_bhawanipatna@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS, DIVISION, BHAWANIPATNA.
* * * * * *
Letter No. 1130 / Date: 24.03.2025

e-Procurement Notice
Bid identification No: SERWBPT/Online-07/2024-25

1. Name of works : Road & Buildings work (As per Annexure-A)
2. Total No. of work : Road– 1 No
3. Estimated Cost : As per 'Annexure – 'A'
4. E.M. D : The bidders shall transfer on line the EMD of the Amount as specified for the work in the table Col no-4 in the Annexure-A
5. Cost of Tender document : As per 'Annexure – 'A'
6. Class of Contractor : Please refer DTCN & Annexure A
7. Other details : As per DTCN & www.tendersorissa.gov.in

| Procurement officer | Bid identification No. | Availability of Tender online for bidding | |
|---|---|---|---|
| | | From | To |
| Superintending Engineer, Rural Works Division, Bhawanipatna | SERWBPT/Online-07/2024-25 | 28.03.2025 from 10.00 A.M | 14.04.2025 Upto 5.00 P.M. |

Other details can be seen in the bidding documents, which is available in website www.tendersorissa.gov.in

Superintending Engineer
Rural Works Division

OIPR-25070/11/0006/2425



**AFFIDAVIT**

By virtue of an affidavit sworn before The Notary Public, Titilagarh on dated-25/03/2025. I, **Purnami Bhati,** age 18yrs D/o Chandra Bhati Address: At: Debandh, PO/PS: Titilagarh, Dist: Balangir, (Odisha) affirm that I have changed my name from **Purnima Bhati to Purnami Bhati.** Henceforth, I shall be known as **PURNAMI BHATI** for all future purposes.

**AFFIDAVIT**

By virtue of an affidavit no 9366 dtd 21/03/2025 before the Notary Public Bhubaneswar. That, I Jyoti Shankar Mahapatra, S/o- Radhanath Mahapatra of Kumaranga Vihar Colony, Patrapada, Bhubaneswar, Pin-751019, Odisha have Changed my son's name from Amritesh to Amritesh Mahapatra for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dt. 21.03.2025, I, **Deba Prasad Tripathy**, residing of Baseli Sahi, Jagannath Nagar, Puri, Odisha-752001 declare that I have changed my son's name from Shri Debashish Tripathy to **Shri Darshil Tripathy**. Henceforth, he shall be known as **Shri Darshil Tripathy** for all purposes.
**Deba Prasad Tripathy**

**AFFIDAVIT**

By virtue of an Affidavit before the Executive Magistrate Affidavit No-3095, dated 27.03.25. I Ariyan Samal, Resident of Village Bamkura, P.O-Bamkura, P.S-Dhusuri, Dist-Bhadrak, Pin-756119 declare that I have Changed my Name from SUVAM SAMAL to ARIYAN SAMAL, Henceforth I shall be known as **ARIYAN SAMAL** for all Purposess.

**ANTARES SYSTEMS LIMITED**
Ph:080-45982100/033-46046611
e-mail: esale@etenderwizard.com

e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.

Auction No's
1) ASL/MCL/DISPOSAL/24-25/16
Auction Date: 04-04-2025

For further information, contact Helpdesk at the above address. Refer Sale notice for further details.

**NOTICE**

By virtue of an Affidavit sworn before the Executive Magistrate, Astaranga, on dated 27.03.2025, I Siddheswar Swain S/o Benudhar Swain permanent resident of Village - Chhatiana, Po- Namaro, PS- Astaranga, Dist- Puri, Odisha, Pin- 752109 declare that I have changed my minor son's name from Om Swain (Old Name) to Omm Prakash Swain (New Name). Henceforth, he shall be known as OMM PRAKASH SWAIN (New Name) for all future purposes.
Sd- Siddheswar Swain

**NOTICE**

By virtue of an Affidavit sworn before Ajaya Kumar Ray, No: 860, dated 28.03.2025 I, Ipsita Mahapatra, Address Village: Panchugaon, PO: Gambharimunda, PS: Banpur, Dist: Khordha, Odisha Pin Code-752035 declare that I have changed my name from Micky Mahapatra (Old Name) to Ipsita Mahapatra (New Name). Henceforth, I shall be known as IPSITA MAHAPATRA (New Name) for all future purposes.
Sd- Ipsita Mahapatra

**AFFIDAVIT**

By virtue of an affidavit no 23, dated 21.02.2025 in the court of Executive Magistrate, Bhubaneswar, I Suryaj Kanta Behera, S/o- Laxmidhar Behera, At- Udayagirivihar, Patrapada, Bhubaneswar-751019, have changed my name from Suryaj Kanta Behera to Suryakanta Behera. Henceforth I shall be known as SURYAKANTA BEHERA instead of SURYAJ KANTA BEHERA for all purposes.


**AFFIDAVIT**

I, Rajlaxmi Ghanto, W/o- Archan Prasad Ghanto, resident of C-404, Satyabadi Residency, Patia Station Road, Po- Kalarahanga, Bhubaneswar, Pin-751024 Dist- Khurda, Odisha declare by this affidavit No. 280, dated- 28/03/2025 that now onwards I shall be known as RAJALAXMI GHANTO for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Titilagarh on dated- 27/03/2025. I, **Meera Bag** aged about 27yrs, D/o Mangulu Bag R/o At: Hatpada Pada, PO/PS: Titilagarh, Dist: Balangir, (Odisha) affirm that in my Bank account in Bank of Baroda my name has mentioned as Mira Bag, after my marriage my name was changed as **Meera Athya. Meera Bag, Mira Bag and Meera Athya** is same and one person and no other person in this locality in such name, Henceforth, I shall be known as **MEERA BAG** for all future purposes.

# ସମ୍ପାଦକୀୟ



ଫୁଲର ସୁବାସ ପବନର ଅନୁକୂଳ ଦିଗକୁ ପ୍ରବାହିତ ହୋଇଥାଏ।
କିନ୍ତୁ ବ୍ୟକ୍ତିର ଉତ୍ତମ ଗୁଣର ପ୍ରଭାବ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇଯାଏ।
-ଚାଣକ୍ୟ ନୀତି

ସକାଳ THE SAKALA

## ସୁଖର ସନ୍ଧାନ

ସୁଖ ଖୋଜିଲେ ମିଳେନି। ଇଏ ଅନୁଭବର କଥା। ସକାରାତ୍ମକ ଚିନ୍ତନ ଓ ଆଚରଣ ମାଧ୍ୟମରେ ସୁଖ ହାସଲ କରାଯାଇପାରେ। ଆମ ସଂସ୍କୃତି ଓ ସଂସ୍କାର ଏ ଦିଗରେ ମାର୍ଗ ପ୍ରଦର୍ଶନ କରିଛି। ତେବେ ଆମେ ମୁଖ୍ୟ ରାଷ୍ଟ୍ରର ମାନ୍ୟତା ହାସଲ କରିବାରେ କାହିଁକି ପଛରେ ପଡ଼ିଯିବା? ଅବଶ୍ୟ ଏ କଥା ସତ ଯେ ସୁଖୀ ରାଷ୍ଟ୍ର ସୂଚକାଙ୍କରେ ଭାରତ ୮ମ ପାହ୍ୟା ଅତିକ୍ରମ କରି ୧୪୭ ରାଷ୍ଟ୍ର ମଧ୍ୟରେ ୧୧୮ରେ ପହଞ୍ଚିଛି। ଗତବର୍ଷର ସର୍ଭେରେ ଆମ ସ୍ଥାନ ଥିଲା ୧୨୬ରେ। ଆମ ପଡ଼ୋଶୀ ରାଷ୍ଟ୍ର କିଏ ତୁଳନାତ୍ମକ ଭାବେ ଅଧିକ ସୁଖୀ ତାହା ବିଚାର କରିବାର ସ୍ଥାନ ଏହା ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ସାମାଜିକ ଓ ପାରିବାରିକ ଜୀବନ ଦିନକୁ ଦିନ ଅଧିକ କଳୁଷିତ ହୋଇଛି। ଏହାକୁ କେନ୍ଦ୍ର କରି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଅପରାଧ ପ୍ରବଣତାର ପୃଷ୍ଠଭୂମିରେ ରହିଛି ଈର୍ଷା ଓ ବିଦ୍ୱେଷ। ତେଣୁ ସବୁ ଉପଲବ୍ଧ ଥାଇ ମଧ୍ୟ ସୁଖଠାରୁ ଆମେ ଦୂରେଇ ଯାଇଛେ। ବିପୁଳ ଧନ ସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ସୁଖୀ ହେବାରୁ ବଞ୍ଚିତ ଲୋକଙ୍କ ସଂଖ୍ୟା କିଛି କମ ନୁହେଁ। ସେମାନଙ୍କ ପାଇଁ ସମ୍ପତ୍ତିର ସୁରକ୍ଷା, ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱୀଙ୍କ ସଫଳତା ଦୁଃଖର କାରଣ ହୋଇଥାଏ। ବରଂ ଅଳ୍ପରେ ସନ୍ତୁଷ୍ଟି ହିଁ ଅପେକ୍ଷାକୃତ ଅଧିକ ସୁଖୀ। ତେବେ ଆମର ଏହି ବିଚାର ଓ ଆନ୍ତର୍ଜାତିକ ସ୍ତରରେ ହେଉଥିବା ସର୍ବେକ୍ଷଣ ପରସ୍ପରଠାରୁ ଭିନ୍ନ।

ମାର୍ଚ୍ଚ ୨୦କୁ ଆନ୍ତର୍ଜାତିକ ସୁଖୀ ଦିବସ ରୂପେ ପାଳନ କରାଯାଉଛି। ମିଳିତ ଜାତିସଂଘ ୨୦୧୨ରୁ ୧୪୭ଟି ରାଷ୍ଟ୍ରକୁ ନେଇ ସୁଖୀ ରାଷ୍ଟ୍ରର ସୂଚକାଙ୍କ ନିର୍ଣ୍ଣୟ ପାଇଁ ବ୍ୟବସ୍ଥିତ ଢଙ୍ଗରେ ସର୍ବେକ୍ଷଣ ଆୟୋଜନ କରନ୍ତି। ପ୍ରତିବର୍ଷ ଏହି ନିର୍ଦ୍ଧାରିତ ଦିବସରେ ସୂଚକାଙ୍କ ଘୋଷଣା କରାଯାଇଥାଏ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଅଧୀନରେ ୱେଲବିଙ୍ଗ ସର୍ଭେ ସଂସ୍ଥା ବିଭିନ୍ନ ୬ଟି ବିଭବକୁ ନେଇ ବିଶ୍ୱବ୍ୟାପୀ ଆକଳନ କରିଥାଏ। ମୁଣ୍ଡପିଛା ଅର୍ଥନୈତିକ ଅଭିବୃଦ୍ଧି ହାର(ଜିଡିପି), ଉଦାରବାଦୀ ଚିନ୍ତନ ଓ କାର୍ଯ୍ୟନ୍ୱୟନ, ସାମାଜିକ ସହାୟତା, ବ୍ୟକ୍ତି ସ୍ୱାଧୀନତା ଓ ଦୁର୍ନୀତି ଭଳି କେତୋଟି ଦିଗକୁ ଭିତ୍ତିକରି ସର୍ଭେ କରାଯାଇଥାଏ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଫିନ୍‌ଲାଣ୍ଡ ଗତ ୮ ବର୍ଷ ଧରି କ୍ରମାଗତ ଭାବେ ଏକନମ୍ବର ସୁଖୀ ରାଷ୍ଟ୍ରର ମାନ୍ୟତା ହାସଲ କରିଛି। ପ୍ରଥମ ଦଶଟି ସ୍ଥାନ ହାସଲ କରିଥିବା ରାଷ୍ଟ୍ର ମଧ୍ୟରେ ଅଛନ୍ତି- ଫିନ୍‌ଲାଣ୍ଡ, ଡେନ୍‌ମାର୍କ, ଆଇଲାଣ୍ଡ, ଇସ୍ରାଏଲ, ନେଦରଲାଣ୍ଡ, ସ୍ୱିଡେନ୍, ନରୱେ, ସୁଇଜରଲାଣ୍ଡ, ଲକ୍ସମବର୍ଗ ଓ ନ୍ୟୁଜିଲାଣ୍ଡ। ଚତୁର୍ଥ ସ୍ଥାନରେ ଥିବା ଇସ୍ରାଏଲ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗାଜାରେ ହମାସ ବିରୋଧରେ ରକ୍ତାକ୍ତ ସଂଘର୍ଷରେ ଲିପ୍ତ ଥିଲେ ମଧ୍ୟ ତାହାର ସୂଚକାଙ୍କ ନମ୍ନକୁ ଖସିନାହିଁ। ଅନ୍ୟ ପକ୍ଷରେ ବିଶ୍ୱର ସବୁଠାରୁ ବିତ୍ତଶାଳୀ ରାଷ୍ଟ୍ର ଆମେରିକା ହୋଇଥିଲେ ମଧ୍ୟ ସୁଖୀ ରାଷ୍ଟ୍ର ତାଲିକାର ୨୪ ସ୍ଥାନରେ ଅଛି। ଅଥଚ ଗତବର୍ଷ ଏହି ତାଲିକାରେ ଦ୍ୱାଦଶ ସ୍ଥାନରେ ଥିଲା ଆମେରିକା। ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ବିଭୀଷିକାର ଭୟାବହତା ସମଗ୍ର ବିଶ୍ୱକୁ ଆତଙ୍କିତ କରୁଥିବା ବେଳେ ସେମାନଙ୍କ ସ୍ଥାନ ଯଥାକ୍ରମେ ୭୦ ଓ ୯୨ରେ ଅଛି।

ଏହି ପରିସଂଖ୍ୟାନ ଉପସ୍ଥାପନ କଲାବେଳେ ସୁଖର ସଂଜ୍ଞା ନିରୂପଣ କରିବା କଷ୍ଟସାଧ ହୋଇପଡୁଛି। ବିତ୍ତୀୟ ଉତ୍କର୍ଷତାର ଶୀର୍ଷରେ ଥିବା ଆମେରିକାବାସୀ କାହିଁକି ଅସୁଖୀ? ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନେତୃତ୍ୱକୁ ନେଇ ଦେଶରେ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ତଥାପି ସେଠାକାର ଲୋକେ ସୁଖରେ ଅଛନ୍ତି। ପ୍ରଥମ ଦଶଟି ସ୍ଥାନ ହାସଲ କରିଥିବା ରାଷ୍ଟ୍ରଙ୍କ ମଧ୍ୟରେ ଅଧିକାଂଶ ବିକାଶଶୀଳ ପାହ୍ୟାରେ ଅଛନ୍ତି। ସେମାନେ ବିକଶିତ ନୁହନ୍ତି। ଏପରିକି ସୁଦୃଢ଼ ଅର୍ଥନୀତି ଦୃଷ୍ଟିରୁ ସେମାନେ ଆମଠାରୁ ପଛରେ ମଧ୍ୟ ଅଛନ୍ତି। ଆମେରିକା ଓ ଚୀନ୍ ପଛକୁ ବିଶ୍ୱର ତୃତୀୟ ଆର୍ଥିକ ସାମର୍ଥ୍ୟ ହାସଲ କରିବା ସକାଶେ ଭାରତ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ସୁଖୀ ରାଷ୍ଟ୍ର ସୂଚକାଙ୍କରେ ଆମେ ୧୧୮ ସ୍ଥାନରେ କାହିଁକି? ୧୪୭ କୋଟି ଜନ ସମୁଦାୟ ମଧ୍ୟରେ ଆର୍ଥିକ ଦୃଷ୍ଟିରୁ ଭାରସାମ୍ୟ ରକ୍ଷା କରିବା ଏତେ ସହଜ ନୁହେଁ। ତେବେ ତଥାକଥିତ ଉଚ୍ଚବର୍ଗ ଓ ନିମ୍ନସ୍ତରରେ ରହିଥିବା ଦରିଦ୍ରଙ୍କ ମଧ୍ୟରେ ଆର୍ଥିକ ତାରତମ୍ୟ ଆକାଶ ଛୁଆଁ। ପରିସଂଖ୍ୟାନ କୁହେ ଯେ ଦେଶର ଶହେକୋଟି ଲୋକ କୌଣସି ସ୍ଥାନରେ ଖାଇ ପିଇ ବଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ୮୦ କୋଟିଙ୍କୁ ସରକାର ମାଗଣା ଖାଦ୍ୟଶସ୍ୟ ଯୋଗାଉଛନ୍ତି। ଅବଶିଷ୍ଟ ୪୨ କୋଟିଙ୍କ ମଧ୍ୟରେ ରହିଲେ ସୀମିତ ଅରବପତି, ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ। ପରସ୍ପରକୁ ଅତିକ୍ରମ କରିବା ସକାଶେ ସେମାନଙ୍କ ମଧ୍ୟରେ ଲାଗି ରହିଛି ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା। ଏଭଳି ପରିସ୍ଥିତିରେ ସୁଖ କେଉଁଠୁ ମିଳିବ?

ବିମୁଦ୍ରୀକରଣ ପରେ ପରେ କୋଭିଡ୍ ମହାମାରୀ ଦେଶର ଜୀବନ ପ୍ରବାହକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛି। ଅସଂଗଠିତ କ୍ଷେତ୍ରରେ ଥିବା ଛୋଟଛୋଟ ୟୁନିଟ୍ ଏବଂ ସକ୍ରିୟ ଥିବା ଏମଏସ୍‌ଏମ୍‌ଇ ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ବୁଡ଼ିଗଲା। କୋଟି କୋଟି କର୍ମଚାରୀ ଓ ଶ୍ରମିକ ନିଯୁକ୍ତି ହରାଇଲେ। ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ଭୟଙ୍କର ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ। ସେମାନଙ୍କ ପାଇଁ ବିକଳ୍ପ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିଲାନି। ତେଣୁ ଜନଜୀବନରୁ ସୁଖ ନିଖୋଜ ହୋଇଯାଇଛି। ଏସବୁ ସତ୍ତ୍ୱେ ସ୍ଥିତି ସୁଧୁରିଛି ବୋଲି କହିବାକୁ ହେବ। ସୁଖୀରାଷ୍ଟ୍ର ସୂଚକାଙ୍କ ଶିଡ଼ିରେ ୮ଟି ସ୍ଥାନ ଉପରକୁ ଚଢ଼ିବା କିଛି କମ୍ ଅନୁଭବ ନୁହେଁ। ତେଣୁ ଆଶା କରିବା ସ୍ଥିତିରେ ଅଧିକ ଉନ୍ନତି ଆସିବ ଏବଂ ଆମ ପଡ଼ୋଶୀ ରାଷ୍ଟ୍ରଙ୍କୁ ପଛରେ ପକାଇ ଏକ ମର୍ଯ୍ୟାଦାଜନକ ଆସନ ହାସଲ କରିବାକୁ ସକ୍ଷମ ହେବା।

ଯେଉଁ ମାନଦଣ୍ଡରେ ସୁଖୀରାଷ୍ଟ୍ର ନିର୍ଦ୍ଧାରଣ କରାଯାଇଛି, ତାହା ଆମ ଜୀବନଧାରା ଓ ଚଳଣିର ଅନୁରୂପ ନୁହେଁ। ପୁଣିଥରେ ଏଠାରେ କହିବାକୁ ପଡୁଛି ସୁଖ ଖୋଜିଲେ ମିଳେନି। ବିତ୍ତୀୟ ସାମର୍ଥ୍ୟ ହାସଲ ସୁଖ ନୁହେଁ ବରଂ ଦୁଃଖର କାରଣ। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରେ ଲାଭାର୍ଥୀ ୮୦ କୋଟି ଲୋକ ହିଁ ଅସଲରେ ସୁଖୀ। ତେଣୁ ସୁଖର ସନ୍ଧାନ ଏହି ନିମ୍ନବର୍ଗଙ୍କ ମଧ୍ୟରେ ହିଁ କରିବାକୁ ହେବ। ବ୍ୟବସ୍ଥା ପ୍ରତି ସେମାନେ କୃତଜ୍ଞ ଓ ନିରଙ୍କୁଶ ସମର୍ଥନ ମଧ୍ୟ ଦେଇ ଚାଲିଛନ୍ତି। ଏହାକୁ ଆମେ ସୁଖର ନିଦର୍ଶନ ରୂପେ ଗ୍ରହଣ କରିଦେଲେ କିଛି ଅସୁବିଧା ନାହିଁ।

# ଉପଭୋକ୍ତା ଅଧିକାର ଓ ଉପଭୋକ୍ତା ସଚେତନତା

**ଡ. ଉଷାରାଣୀ ଦାଶ**

ନିକଟ ଅତୀତରେ 'ଗ୍ୟାସ ସିଲିଣ୍ଡରରେ ଓଜନ ଠକେଇ' ଶୀର୍ଷକ ଏକ ଖବର ଉପଭୋକ୍ତାମାନଙ୍କ ପାଇଁ ଉଦ୍‌ବେଗଜନକ ହୋଇଥିଲା। ଘଟଣାଟି ଥିଲା ଏହିପରି - ସାଧାରଣତଃ ଫାଙ୍କା ଘରୋଇ ଗ୍ୟାସ ସିଲିଣ୍ଡରର ଓଜନ ୧୫.୫ କିଲୋଗ୍ରାମ ସହିତ ଗ୍ୟାସର ଓଜନ ୧୪.୨ କିଗ୍ରା ମିଶାଇ ମୋଟ ୨୯.୭ କିଗ୍ରା ହୋଇଥିବା ବେଳେ କେତେଜଣ ଉପଭୋକ୍ତା ଗ୍ୟାସ କିଣିବା ସମୟରେ ଏହି ଓଜନଠାରୁ ପାଖାପାଖି ୨ କିଲୋଗ୍ରାମ ଓଜନ କମ ଥିବା ଜାଣିବାକୁ ପାଇଥିଲେ। ଯାହାର ଅର୍ଥ ସିଲିଣ୍ଡରରେ ଉକ୍ତ ପରିମାଣର ଗ୍ୟାସ କମ୍ ଥିଲା। ଗ୍ୟାସ ଏଜେନ୍ସି ମଧ୍ୟ ଏହାକୁ ଏକ ଅତି ମାମୁଲି ତ୍ରୁଟି ବୋଲି ଖାମଖିଆଲି ମନ୍ତବ୍ୟ ଦେଇଥିଲେ। ସିଲିଣ୍ଡରରେ ୧୫୦ଗ୍ରାମ ଓଜନର ଗ୍ୟାସ କମ୍ ବା ବେଶି ହେଲେ ଚଳିବ। ମାତ୍ର ୨ କିଲୋଗ୍ରାମ ଗ୍ୟାସର ମୂଲ୍ୟ ପାଖାପାଖି ୧୨୫ଟଙ୍କାର କ୍ଷତି ଉପଭୋକ୍ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ। କେତେକ ସଚେତନ ଉପଭୋକ୍ତାଙ୍କ ନିମିତ୍ତ ଏ ଘଟଣାଟି ଲୋକଲୋଚନକୁ ଆସିପାରିଲା। ମାତ୍ର ପ୍ରତିଦିନ କେତେ ଯେ ଉପଭୋକ୍ତା ଏହିପରି ଠକେଇର ଶିକାର ହେଉଛନ୍ତି ତାହାର ହିସାବ ନାହିଁ। କେବଳ ଏହି ଗୋଟିଏ ଘଟଣା ନୁହେଁ, ବିଭିନ୍ନ କ୍ଷେତ୍ରରେ ଉପଭୋକ୍ତାଟିଏ ପ୍ରତି ମୂହୂର୍ତ୍ତରେ ଠକେଇ, ଗୁଣବତ୍ତା ବିହୀନ ଦ୍ରବ୍ୟ ଓ ସେବା ଏବଂ ଶୋଷଣର ଶିକାର ହୋଇଚାଲୁଛି। ଏହାର ପ୍ରମୁଖ କାରଣ ଉପଭୋକ୍ତା ଅଧିକାର ସମ୍ପର୍କରେ ସଚେତନତାର ଅଭାବ।

ଉପଭୋକ୍ତା ହେଉଛନ୍ତି ଜଣେ ବ୍ୟକ୍ତି କିମ୍ବା ଏକ ଗୋଷ୍ଠୀ, ଯିଏ ମୁଖ୍ୟତଃ ବ୍ୟକ୍ତିଗତ, ସାମାଜିକ, ପାରିବାରିକ, ଘରୋଇ ଏବଂ ଏହିପରି ସମାନ ଆବଶ୍ୟକତା ପାଇଁ ଦ୍ରବ୍ୟ ବା ଉତ୍ପାଦ କିଣନ୍ତି କିମ୍ବା ସେବା ବ୍ୟବହାର କରନ୍ତି। ସେମାନେ ସିଧାସଳଖ ଉଦ୍ୟୋଗୀ କିମ୍ବା ବ୍ୟବସାୟିକ କାର୍ଯ୍ୟକଳାପ ସହିତ ଜଡ଼ିତ ନୁହନ୍ତି। ଏବେ ମଧ୍ୟ ଆମ ଭିତରେ ଏମିତି ଉପଭୋକ୍ତା ଅଛନ୍ତି, ଯେଉଁମାନେ ପ୍ରାପ୍ତ ଦ୍ରବ୍ୟ ଓ ସେବାକୁ ସରଳ ବିଶ୍ୱାସରେ ସଠିକ୍ ବୋଲି ଗ୍ରହଣ କରି ନେଇଥା'ନ୍ତି। ବସ୍ତୁଟିର ଗୁଣବତ୍ତା କିପରି, ଏହା ଧାର୍ଯ୍ୟ ମାନକ ଅନୁସାରେ ପ୍ରସ୍ତୁତ ହୋଇଛି କି ନାହିଁ, କ୍ରୟକରିବା ପୂର୍ବରୁ ଏହାର କ'ଣ ସବୁ ଯାଞ୍ଚ କରିବାକୁ ହେବ ଏବଂ ବ୍ୟବହାର କରିବା ପୂର୍ବରୁ କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ ସେ ସମ୍ପର୍କରେ ଅନେକ ଉପଭୋକ୍ତା ସଚେତନ ନୁହନ୍ତି। ଏହି ଉଦ୍ଦେଶ୍ୟରେ ୧୯୮୩ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ପ୍ରଥମ ଥର ପାଇଁ 'ବିଶ୍ୱ ଉପଭୋକ୍ତା ଅଧିକାର ଦିବସ' ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସ୍ୱୀକୃତି ଓ ସମର୍ଥନରେ ୧୯୮୫ ପରେ ବିଶ୍ୱର ସମସ୍ତ ଦେଶ ଠକେଇ, ଅନୁଚିତ ବ୍ୟବସାୟ କାର୍ଯ୍ୟପ୍ରଣାଳୀ, ଭ୍ରମାତ୍ମକ ବିଜ୍ଞାପନ ଏବଂ ଅସୁରକ୍ଷିତ ଉତ୍ପାଦରୁ ଉପଭୋକ୍ତାଙ୍କୁ ସୁରକ୍ଷା ଦେବା ପାଇଁ ସଚେତନତା ଉଦ୍ଦେଶ୍ୟରେ ଏବଂ ଶୋଷଣ ବିରୁଦ୍ଧରେ ଲଢ଼ିବା ପାଇଁ ସାମୂହିକ ପ୍ରୟାସ ରୂପେ ଏହି ଦିବସ ପାଳନ କରିଆସୁଛନ୍ତି। ଏହାକୁ ଆନ୍ତର୍ଜାତୀୟ ମାନକ ସଂଗଠନ, ବିଶ୍ୱ ଶକ୍ତି ପରିଷଦ, ମୋଜିଲା ଫାଉଣ୍ଡେସନ, ଓସେନ କଞ୍ଜରଭେନ୍ସି, ଅର୍ଥନୈତିକ ବିକାଶ ଏବଂ ସହଯୋଗ ସଂଗଠନ, ୟୁରୋପୀୟ କମିଶନ ଏବଂ ଆହୁରି ଅନେକ ସଂଗଠନ ଦ୍ୱାରା ସମର୍ଥନ କରାଯାଇଛି।

ଉପଭୋକ୍ତା ଅଧିକାରକୁ ନିଶ୍ଚିତ କରିବା, ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏବଂ ଦୃଢ଼ ଉପଭୋକ୍ତା ସୁରକ୍ଷା ପାଇଁ ସମର୍ଥନ କରିବା ଲକ୍ଷ୍ୟ ନେଇ ଭାରତରେ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଦ୍ୱାରା ଏହାକୁ ସଞ୍ଚାଳନ କରାଯାଇଥିଲା। ଏଥିରେ ଉପଭୋକ୍ତା ଆଇନର ଗୁରୁତ୍ୱ, ଆଇନଗତ ସଂସ୍ଥା ଓ ଉପଭୋକ୍ତା ମଞ୍ଚର ସମ୍ପୃକ୍ତି ସହିତ ଏହାର କାର୍ଯ୍ୟକାରିତା ବିଷୟରେ ସଚେତନ କରାଯାଉଛି। ଭାରତର ଉପଭୋକ୍ତା ସୁରକ୍ଷା ଆଇନରେ ଉପଭୋକ୍ତାମାନଙ୍କୁ ନିରପେକ୍ଷ କିଣାବିକା ଅଧିକାର ଏବଂ ଶୋଷଣରୁ ରକ୍ଷା କରିବା ପାଇଁ ପ୍ରାବଧାନ ରହିଛି। ବିପଦପୂର୍ଣ୍ଣ ସାମଗ୍ରୀ ଓ ସେବାରୁ ସୁରକ୍ଷା ପ୍ରଦାନ ନିମିତ୍ତ ସୁରକ୍ଷା ଅଧିକାର, ଉତ୍ପାଦ ଓ ସେବା ବିଷୟରେ ସଠିକ୍ ଓ ସ୍ୱଚ୍ଛ ବିବରଣୀ ପାଇବା ପାଇଁ ସୂଚନା ଅଧିକାର, ପ୍ରତିଯୋଗିତାମୂଳକ ମୂଲ୍ୟରେ ବିଭିନ୍ନ ସାମଗ୍ରୀ ଓ ସେବା ଚୟନ କରିବାର ଅଧିକାର, ଠକେଇ ବିରୋଧରେ ଅଭିଯୋଗ କରିବାର ଅଧିକାର, କ୍ଷତିପୂରଣ ପାଇବା ନିମିତ୍ତ ଆଇନଗତ ଅଧିକାର, ଦାୟିତ୍ୱ ବିଷୟରେ ସଚେତନତା ପାଇଁ ଉପଭୋକ୍ତା ଶିକ୍ଷା ଅଧିକାର ଇତ୍ୟାଦି ସେଥିମଧ୍ୟରୁ ଅନ୍ୟତମ।

ଭାରତ ସରକାର ଉପଭୋକ୍ତାମାନଙ୍କୁ ସଶକ୍ତ କରିବା, ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ଦୃଢ଼ କରିବା ଏବଂ ଉପଭୋକ୍ତା ଅଧିକାରକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏହିକ୍ରମରେ ଉପଭୋକ୍ତା ସୁରକ୍ଷା ଆଇନ-୨୦୧୯ ଉପଭୋକ୍ତା ଅଧିକାରକୁ ସୁରକ୍ଷିତ କରିବା ସହିତ ଭ୍ରମାତ୍ମକ ବିଜ୍ଞାପନ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ସେହିପରି ଇ-ଦାଖିଲ ପୋର୍ଟାଲ୍ ଉପଭୋକ୍ତାଙ୍କୁ ଅନଲାଇନରେ ଅଭିଯୋଗ ଦାଖଲ ଏବଂ ଭିଡିଓ କନଫରେନ୍ସି ମାଧ୍ୟମରେ ଅଭିଯୋଗଗୁଡ଼ିକର ଶୁଣାଣି କରିବାର ସୁଯୋଗ ଦିଏ। କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ଉପଭୋକ୍ତାଙ୍କ ଅଧିକାରକୁ ପ୍ରୋତ୍ସାହିତ ଓ ସୁରକ୍ଷିତ କରିବା ସହିତ ଅନୈତିକ କାରବାରକୁ ନିୟନ୍ତ୍ରଣ, ଆଇନ ଉଲ୍ଲଂଘନର ତଦନ୍ତ କରିବା ସହିତ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ୟାର ସମାଧାନ କରେ। ଜାତୀୟ ଉପଭୋକ୍ତା ହେଲ୍ପଲାଇନ୍ (୧୮୦୦-୧୧-୪୦୦୦) ହେଉଛି ଉପଭୋକ୍ତା ଅଭିଯୋଗ ଏବଂ ସହାୟତା ପାଇଁ ନିଃଶୁଳ୍କ ଅଭିଯୋଗ ବ୍ୟବସ୍ଥା। ସେହିପରି 'ଜାଗୋ ଉପଭୋକ୍ତା ଜାଗୋ' ଅଭିଯାନ ହେଉଛି ସରକାରୀ ସଂସ୍ଥା ଓ ଉପଭୋକ୍ତା ସଂଗଠନଗୁଡ଼ିକ ଉପଭୋକ୍ତାମାନଙ୍କୁ ସେମାନଙ୍କ ଅଧିକାର ଏବଂ ଦାୟିତ୍ୱ ବିଷୟରେ କର୍ମଶାଳା, ଆଲୋଚନାଚକ୍ର ଓ ପ୍ରଦର୍ଶନୀ ମାଧ୍ୟମରେ ଶିକ୍ଷା ଦେଉଥିବା ଏକ ଦୀର୍ଘକାଳୀନ ସଚେତନତା କାର୍ଯ୍ୟକ୍ରମ। ଏହାଛଡ଼ା ଭାରତୀୟ ମାନକ ବ୍ୟୁରୋ ଉପଭୋକ୍ତା ଅଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଗୁଣାତ୍ମକ ମାନ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। 'ବିଆଇଏସ କେୟାର ଆପ' ନାମକ ଆପ୍ ଉପଭୋକ୍ତାମାନଙ୍କୁ ଆଇଏସ୍‌ଆଇ, ଏଚୟୁଆଇଡି ସିଏମ୍‌ଏଲ୍, ସିଏମ୍‌ଆର୍ ସଂଖ୍ୟାପ୍ରାପ୍ତ ଦ୍ରବ୍ୟର ମାନକୁ ଯାଞ୍ଚ କରିବାରେ ସହାୟକ ହେଉଛି।

ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି ଚିନ୍ତା ଉପଭୋକ୍ତା ସକ୍ରିୟତାକୁ ଜନ୍ମ ଦେଇଛି, ଯେଉଁଠାରେ ସଂଗଠିତ କର୍ମୀମାନେ ଉତ୍ପାଦ ଏବଂ ସେବା ପ୍ରଦାନକୁ ଉନ୍ନତ କରିବା ପାଇଁ ଅଧିକ ଗବେଷଣା ଆରମ୍ଭ କରିଛନ୍ତି। କିଛି ସ୍କୁଲ ପାଠ୍ୟକ୍ରମରେ ମଧ୍ୟ ଉପଭୋକ୍ତା ଶିକ୍ଷାକୁ ସାମିଲ କରାଯାଇଛି। ସାମ୍ପ୍ରତିକ ସମୟରେ ଭାରତରେ ଉପଭୋକ୍ତା ସୁରକ୍ଷା କ୍ଷେତ୍ରରେ କେତେକ ପଦକ୍ଷେପ ଗ୍ରହଣ କରିବାର ଦୃଷ୍ଟାନ୍ତ ରହିଛି। ଯେପରିକି ଅନିୟନ୍ତ୍ରିତ ଋଣ ପ୍ରଦାନ ଉପରେ କଟକଣା, ଡିଜିଟାଲ ପ୍ଲାଟଫର୍ମର ନିୟନ୍ତ୍ରଣ ଇତ୍ୟାଦି।

ଉପଭୋକ୍ତା ଅଧିକାରର ଲକ୍ଷ୍ୟ ହେଉଛି ଏକ ବିଶ୍ୱ ନିର୍ମାଣ କରିବା, ଯେଉଁଠାରେ ଉପଭୋକ୍ତାମାନଙ୍କୁ ମୂଲ୍ୟବାନ ମନେ କରାଯାଏ ଏବଂ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରାଯାଏ। ସୁସ୍ଥ ପ୍ରତିଯୋଗିତା ଓ ଉପଭୋକ୍ତା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ସହିତ ବ୍ୟବସାୟଗୁଡ଼ିକୁ ଉପଭୋକ୍ତା ଅଧିକାର ବଜାୟ ରଖିବା ପାଇଁ ଉତ୍ସାହିତ କରିବା ଦ୍ୱାରା ଏହା ସମ୍ଭବ ହୋଇଥାଏ।

ଉପଭୋକ୍ତା ଅଧିକାର ହେଉଛି ମାନବ ଅଧିକାର!। ଉପଭୋକ୍ତାଙ୍କର ପସନ୍ଦ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥାଏ। ଏ ସମ୍ପର୍କରେ ମହାତ୍ମା ଗାନ୍ଧୀ କହିଥିଲେ 'ଉପଭୋକ୍ତାମାନେ ଆମ ପରିସରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିଦର୍ଶକ, ସେମାନେ ଆମ ଉପରେ ନିର୍ଭରଶୀଳ ନୁହନ୍ତି, ଆମେ ସେମାନଙ୍କ ଉପରେ ନିର୍ଭରଶୀଳ।' କୌଣସି ଦ୍ରବ୍ୟର ଉତ୍ପାଦନକାରୀଙ୍କର ଉତ୍ପାଦ ଉପଭୋକ୍ତାଙ୍କ ବିନା ମୂଲ୍ୟହୀନ। ତେଣୁ ପ୍ରତ୍ୟେକ ଉପଭୋକ୍ତା ନିଜର ଅଧିକାର ସମ୍ପର୍କରେ ସଚେତନ ହେବା ଅତ୍ୟନ୍ତ ଜରୁରୀ। ଉପଭୋକ୍ତାମାନେ କ'ଣ କିଣୁଛନ୍ତି ତାହା କିଣିବା ପୂର୍ବରୁ ଜାଣନ୍ତୁ, ଚିହ୍ନଟ କରିବାରେ ଭୁଲ୍ କରନ୍ତୁ ନାହିଁ, ଉପଭୋକ୍ତା ଅଧିକାର ସମ୍ପର୍କରେ ଜାଣନ୍ତୁ। ସୂଚନାପ୍ରାପ୍ତ ଉପଭୋକ୍ତା ହୋଇ ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନରେ ଆଗଧାଡ଼ିର ଜଣେ ସୈନିକ ହୁଅନ୍ତୁ।

ଭୁବନେଶ୍ୱର, ମୋ: ୯୪୩୮ ୧୩୩୬୧୨

# 'ଅସ୍ଥି-ଉପଦ୍ରବ' ଉପାଖ୍ୟାନ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଦୀର୍ଘଦିନ ତଳୁ ମର୍ତ୍ତ୍ୟଲୋକରେ ମାଟି ଶରୀରଟିକୁ ଛାଡ଼ି ଦେଇ ଆସି ସାରିଲାଣି ସେ। କିନ୍ତୁ ଏ ପର୍ଯ୍ୟନ୍ତ ସେ ମୁକ୍ତି ପାଇନି ପାର୍ଥିବିକ ମୋହାଗ୍ନିରୁ। କେମିତି ବା ତା'ର ମୁକ୍ତି ହେବ! ତାଙ୍କ ତଥାକଥିତ ପାଖଲୋକ ଜଣକ କାହିଁକି କେଜାଣି କେଉଁ ଉଦ୍ଦେଶ୍ୟରେ ଏବେ ବି ତା' ପାଖରେ ରଖିଛି ତାଙ୍କର ଅସ୍ଥିକଳସ ସେ ହିଁ ଜାଣେ। ମର ଶରୀରଟିର ଦାହସଂସ୍କାର ପରେ ତା'ର ଛୋଟିଆ ଅସ୍ଥିଟିଏ ସେ ନେଇ ଆସିଥିଲା। ଲୋକଙ୍କୁ କହିଥିଲା ସେଇଟିକୁ ସେ ନେଇ ପ୍ରୟାଗରାଜର ଗଙ୍ଗାନଦୀର ତ୍ରିବେଣୀ ସଙ୍ଗମରେ ବିସର୍ଜନ କରିଦେବ। ମୃତ ମଣିଷଟିର ତୁରନ୍ତ ମୋକ୍ଷ ପାଇଁ ସେ ସକଳ ଆନୁସଙ୍ଗିକ ହିନ୍ଦୁଶାସ୍ତ୍ରମତ ବିଧିବ୍ୟବସ୍ଥା ଯଥାବିଧି ସମାପନ କରିଦେବ। କିନ୍ତୁ ଏବେ ବି ସେ ଅସ୍ଥିକଳସ ରହିଛି ତା'ଘରେ। ତମ୍ବାପାତ୍ରରେ ମୁଦ ହେଇ ରହିଛି ଛୋଟିଆ ଅସ୍ଥିଟି। ଏଣେ ପରଲୋକରେ ମୃତ ମଣିଷର ଆତ୍ମା ଭୋଗିଚାଲିଛି ଦାରୁଣ କଷ୍ଟ। ତା'ସହିତ ମର୍ତ୍ତ୍ୟଲୋକରୁ ବିଦାୟ ନେଇ ଚାଲିଆସିଥିବା ଶହେ ଖଣ୍ଡେ ସରିକି 'ଆତ୍ମା' ମୋକ୍ଷଲୋକକୁ ଯାତ୍ରା କରିବା ପାଇଁ ଆବଶ୍ୟକ ଅନୁମତିପତ୍ର ପାଇ ସାରିଲେଣି। ସେ କିନ୍ତୁ ଅପେକ୍ଷା କରିଛି କେବେ ତା'ର ସେ ସୌଭାଗ୍ୟ ହେବ।

ସହସ୍ର ଆଲୋକବର୍ଷ କିମ୍ବା ତା'ଠାରୁ କେତେ ଗୁଣ ଅଧିକ ଦୂରତାରେ ଥିବା ଏ ମୃତଲୋକରୁ କିପରି ବା ବାର୍ତ୍ତାଟିଏ ପଠାଇଦେବ ତା' ଅସ୍ଥିକୁ ପ୍ରୟାଗରାଜରେ ବିସର୍ଜନ କରିବାକୁ ଭୁଲି ଯାଇଥିବା ତା'ର ସେ ଆତ୍ମଘୋଷିତ ପାଖଲୋକ ଜଣକୁ? ସହଜେ ତ ଆଜିକାଲି ସବୁଠି ଇଣ୍ଟରନେଟ୍‌ରେ ଭାରି ଭିଡ଼। ସେ ମର୍ତ୍ତ୍ୟଲୋକରେ ଲୀଳା ଖେଳା କରୁଥିବା ବେଳେ ଯୋଉ ଟେଲିଗ୍ରାମ୍ ବ୍ୟବସ୍ଥାଟି ଥିଲା ସେଇଟି ତ କେବେଠାରୁ ଅକାମୀ ହୋଇସାରିଲାଣି। ତେଣୁ ଅଗତ୍ୟା ସେ ତମ୍ବାପାତ୍ରରେ ଥିବା ସେଇ ଛୋଟିଆ ଅସ୍ଥିଟିକୁ ବାର୍ତ୍ତାପ୍ରେରଣର ମାଧ୍ୟମ କରିବାକୁ ନିଷ୍ପତ୍ତି ନେଲା। ସେଇଟିକୁ ନିର୍ଦ୍ଦେଶ ଦେଲା ସେ ପାଖଲୋକର ଘରେ କିଛି କିଛି ଉତ୍ପାତ ରଚିବାକୁ। ବଶମ୍ବଦ ଅସ୍ଥି ଖଣ୍ଡକ ବି ଅକ୍ଷରେ ଅକ୍ଷରେ ସେ ନିର୍ଦ୍ଦେଶ ପାଳନ କରିଚାଲିଲା। ରାତିଅଧରେ ବା ବେଳଅବେଳରେ କେଉଁ ଝଟକରେ ଅସ୍ଥିଟି ବାହାରି ପଡ଼ିଲା ତମ୍ବା ପାତ୍ରରୁ। କେତେବେଳେ ସେ ଦାଣ୍ଡଦୁଆର ହେଉ ବା ଅନ୍ୟ କେଉଁ ଦୁଆର କି ଝରକା ହେଉ -ସବୁଠି ଦେଇ ଚାଲିଲା ମୃଦୁ ଧକ୍‌କାମାନ। ବେଳେବେଳେ ବି ଅକୁହା କ୍ରୋଧ କି ଅଭିମାନରେ ସେ ଦେଉଥିବା ଧକ୍‌କାଗୁଡ଼ିକର ଶବ୍ଦ ବେଶ୍ ହାଡ଼ଥରା ହେବା ସେ ପାଖଲୋକ ଜଣକ ଏବଂ ତା'ଘରର ଅନ୍ୟ ସଦସ୍ୟ / ସଦସ୍ୟା ଶୁଣି କାକୁସ୍ଥ, ତଟସ୍ଥ ହୋଇପଡ଼ିଲେ। ଅତର୍କ୍କାରେ ବାବୁଜଣକ ଦୌଡ଼ିଲେ ପଣ୍ଡିତ ଓ ଗୁଣିଆମାନଙ୍କ ପାଖକୁ। ସନାତନୀ ବିଦ୍ୟାରେ ଧୂରୀଣ ଓ ମହାନ୍ ତାନ୍ତ୍ରିକ ଭାବରେ ଖଣ୍ଡମଣ୍ଡଳରେ ଭାରି ନାଁ କରିଥିବା ଜଣେ କେହି କହିଲେ- 'ଯାଅ, ଯାଅ, ତୁରନ୍ତ ସେ ଅସ୍ଥିଖଣ୍ଡକ ନେଇ ତ୍ରିବେଣୀରେ ବିସର୍ଜନ କରି ଦେଇ ଆସ।' ତଥାକଥିତ ପାଖଲୋକ ଜଣକ ସେଇଆ ହିଁ କଲେ ଏବଂ ଅସ୍ଥି -ଉପଦ୍ରବରୁ ରକ୍ଷା ପାଇଗଲେ।

ଏକବିଂଶ ଶତାବ୍ଦୀର ଏ ଦୁନିଆରେ ବିଜ୍ଞାନ ଯେତେବେଳେ ଅଭୂତପୂର୍ବ ଚମତ୍କାରିତା ଦେଖାଇ ଅନେକ ଦୃଷ୍ଟିବାଧିତମାନଙ୍କୁ ଚକ୍ଷୁସ୍ମାନ କରି ସାରିଲାଣି, ସେତେବେଳେ ଆମର ଏ ପବିତ୍ରତମ ଜଗନ୍ନାଥ ଦେଶର ଜଣେ ତଥାକଥିତ ସବ୍‌ଜାନ୍ତା ମଣିଷ ତା'ଘରେ ଥିବା ଗୋଟିଏ ଅସ୍ଥି ଏମିତି ସବୁ କାରନାମା କରିଥିବା କଥା ମହାଉତ୍ସାହରେ ସର୍ବସାଧାରଣରେ କହିବାକୁ ଟିକେ ବି କୁଣ୍ଠାପ୍ରକାଶ କଲାନାହିଁ। ଟିକେ ଭାବନ୍ତୁ ତ! ଯଦି ମୃତଲୋକମାନଙ୍କର ଅସ୍ଥି ସବୁ ଏମିତି ଉପଦ୍ରବ କରିବା ସବୁଠି ଆରମ୍ଭ କରିଦେବେ, କେଡ଼େ ବିଭ୍ରାଟ ନ ଘଟିବ! ସବୁଠାରୁ ମାରାତ୍ମକ ବିଭ୍ରାଟ ସୃଷ୍ଟିହେବ ମୃତ୍ୟୁ ପରେ ଆପଣା ଶରୀରଦାନ କରିଥିବା ସାଧୁ ମଣିଷମାନଙ୍କ ଅସ୍ଥି ସବୁ ରହିଥିବା ମେଡିକାଲ୍‌ମାନଙ୍କରେ। ଅସ୍ଥି ତ ନୁହେଁ, ସମଗ୍ର କଙ୍କାଳଗୁଡ଼ିକ ସଜ୍ଜା ହୋଇ ରହିଥାଏ ସେଠାରେ। ବେଳଅବେଳରେ ଯଦି ସେ କଙ୍କାଳସବୁ କିଳିକିଳିରାବ ଆରମ୍ଭ କରିଦେବେ ଆମକୁ 'ପ୍ରୟାଗରାଜ ନେଇ ଚାଲ' ଲେଖାଥିବା ପ୍ଲାକାର୍ଡମାନ ଧରି, କି ଅବସ୍ଥା ନହେବ ଆମ ଡାକ୍ତରୀ ପିଲାମାନଙ୍କର ଏବଂ ଆମ ରୋଗୀ ଓ ସେମାନଙ୍କ ପାଖରେ ରହୁଥିବା ଜ୍ଞାତି ପରିଜନମାନଙ୍କର।

ପୁଣି ଏମିତି ବି ହୋଇପାରେ - ମୃତ ମଣିଷମାନଙ୍କ ପ୍ରିୟଚିଜ ବା ଆସବାବପତ୍ର, ଯାହାକିଛି ସେମାନଙ୍କ ପୁତ୍ରକନ୍ୟାମାନଙ୍କ ପାଖରେ ରହିଯାଇଥିବ, ସେ ସବୁ ବି ଅଜବ କାଣ୍ଡ କାରଖାନା ଭିଆଇ ପାରନ୍ତି। ମୃତ ଜେଜେବାପାଙ୍କ ଜୋତା ହଳକ ଯଦି ତାଙ୍କ ଦାହସଂସ୍କାର ବେଳେ ଯଥାବିଧି ଅଗ୍ନିରେ ବା ଶ୍ମଶାନଘାଟରେ ବିସର୍ଜିତ ହୋଇନଥିବ, ସେ ଜୋତା, ସେ ବୁଟ୍ ଠକ୍‌ଠକ୍ ଶବ୍ଦ କରି ରାତିସାରା ଘରେ ଚାଲିପରେ। ମୃତ ପରିଜନଙ୍କ ପୋଷା ବିଲେଇ କି କୁକୁରମାନେ ବି ହଠାତ୍ ଜଲାତଙ୍କରେ ପୀଡ଼ିତ ହୋଇ ଗୋଡ଼ାଇ ଗୋଡ଼ାଇ କାମୁଡ଼ି ପାରନ୍ତି ସ୍ପଷ୍ଟ ଦିବାଲୋକରେ। ମୃତ ଜେଜୀମା'ଙ୍କ ବଙ୍କୁଲି ବାଡ଼ି ଯଦି ଗୋଡ଼ାଇ ଗୋଡ଼ାଇ ଗୋଗଛ ପିଟିଚାଲିବ, କି ଅନର୍ଥ ନ ହେବ ଭାବନ୍ତୁ ତ! ପ୍ରଥମେ ତ ଦୋରସ୍ତ ପିଟା ଖାଇବ ବୋହୂ ସାଆନ୍ତାଣୀ ଜଣକ। ବୁଢ଼ୀ ଆରପାରିକୁ ଚାଲିଯାଇଥିଲେ ବି ତଥାପି କ'ଣ ଭୁଲି ପାରିଥିବ ତା' ଜୀବଦ୍ଦଶାରେ କି ଅନଭୋଗ ତାକୁ ନ ଦେଇଛି ସେ ବୋହୂ। ଏକଦା ଆପଣାର ପ୍ରତାପରେ ସସାଗରା ଧରା ଥରାଇ ଦେଉଥିବା ମହାନ୍ ପରାକ୍ରମୀ ରାଜନେତା ଜଣକ ପରଲୋକକୁ ତା'ର ଅନିଚ୍ଛାସତ୍ତ୍ୱେ ଘୋଷରା ହୋଇ ଗଲା ପରେ ଯଦି ତା'ର କୁର୍ତ୍ତା, ପାଇଜାମା କି ତା'ର ଦୁର୍ଗନ୍ଧଯୁକ୍ତ ରୁମାଲ ହଠାତ୍ ସଭିଙ୍କ ଚକ୍ଷୁ ସମ୍ମୁଖରେ ଦୋଳି ଖେଳି ଚାଲିବେ ଏବଂ ସେଗୁଡ଼ିକୁ ତୁରନ୍ତ ଡ୍ରାଇୱାସ୍ କରି କାହିଁକି ରଖାଯାଇନି ବୋଲି ଇଙ୍ଗିତ ଦେଇଚାଲିବେ, କି ହୀନସ୍ତା ନ ହେବ ତା'ର ଅଲିଅଳ ବିଶିକେସନ ପୁତ୍ରଜଣକ! ଏପରି ସ୍ଥଳେ ବୋଧହୁଏ ଅନତି ବିଳମ୍ବେ ଗୋଟିଏ ଦେଶ ବା ରାଜ୍ୟର ମନ୍ତ୍ରିମଣ୍ଡଳରେ ସ୍ୱତନ୍ତ୍ର ବିଭାଗଟିଏ ଖୋଲାଯାଇପାରେ - ଯା'ର ଏକମାତ୍ର କାମ ହେବ ମୃତ ଲୋକମାନଙ୍କ ଅସ୍ଥି ଠାରୁ ଆରମ୍ଭ କରି ଅନ୍ୟ ପ୍ରତ୍ୟେକ ଦେହଲଗା ଚିଜମାନଙ୍କର ବିହିତ ଶାସ୍ତ୍ରାନୁମୋଦିତ ବ୍ୟବସ୍ଥା ସବୁର ତ୍ୱରିତ କାର୍ଯ୍ୟାନ୍ୱୟନ କରିବା।

ଏ ଲେଖକ ଅବଶ୍ୟ ମାନିବ ଯେ ଉପରୋକ୍ତ କଥାଗୁଡ଼ିକ ଭାରି ଲଘୁ କିମ୍ବା ତୁଚ୍ଛା ଅତିଶୟୋକ୍ତି ମନେ ହୋଇପାରେ ଅନେକଙ୍କୁ। କିନ୍ତୁ ବନ୍ଧୁ! ଆମମାନଙ୍କ ସାମୂହିକ ଚେତନା ତ ଘୋର ପ୍ରଦୂଷିତ ହୋଇସାରିଲାଣି କେବେଠାରୁ - ଏହା କଣ ଏକ ଧ୍ରୁବ ସତ୍ୟ ନୁହେଁ କି? ଯାବତୀୟ ଅନ୍ଧବିଶ୍ୱାସ ଓ କୁସଂସ୍କାରଗୁଡ଼ିକୁ ଆଜି ଆମ ନେତୃବୃନ୍ଦ ପୂରାପୂରି ଧର୍ମୀୟ, ଆମ ମହାନ୍ ସଂସ୍କୃତିର ଅନୁକୂଳ ବୋଲି ରଟି ଚାଲିଛନ୍ତି ଏକ ବିଚିତ୍ର ଉନ୍ମାଦନାରେ। ସହଜେ ତ ଆମ ଦେଶର ଶତକଡ଼ା ଅନେଶୋତ ସବୁକାଳେ ଧର୍ମଭୀରୁ; ଭାଗ୍ୟ, ଭଗବାନ, ଭୂତ, ପ୍ରେତ, ପିଶାଚ ଆଦିରେ ଆଜନ୍ମ ବିଶ୍ୱାସୀ। ତେଣୁ ଯେତେବେଳେ ଆମ ଦେଶ ବା ଆମ ରାଜ୍ୟର ତଥାକଥିତ ମହାଜନମାନେ 'ଅସ୍ଥି-ଉପଦ୍ରବ' ଉପାଖ୍ୟାନକୁ ନେଇ ପାରାୟଣ କରିବେ, ସେଇମାନଙ୍କ କଥାକୁ ଶିରୋଧାର୍ଯ୍ୟ କରିବେ ସେମାନଙ୍କ ବୋଲକରା ଭକ୍ତମାନେ। କାରଣ ଆମ ଶାସ୍ତ୍ର ତ ଆମକୁ କହିଛି - 'ମହାଜନୋ ଯେନା ଗତଃ ସ ପନ୍ଥା'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ (ଜଗତ୍‌ସିଂହପୁର),
ମୋ: ୯୮୫୩୩୫୫୧୦୭

# ବୌଦ୍ଧ ଐତିହ୍ୟ: ଦକ୍ଷିଣକୋଶଳ

**ପ୍ରବୀର କୁମାର ପଟ୍ଟନାୟକ**

**ଦ୍ୱିତୀୟ-ବୁଦ୍ଧ କଥା**

ଭାରତୀୟ ଇତିହାସର ସ୍ରୋତରେ ବିଭିନ୍ନ ସାମ୍ରାଜ୍ୟର ଉତ୍‌ଥାନ ଓ ପତନ ଘଟିଛି। କିନ୍ତୁ ଉତ୍ତରର ମଗଧ, ଗୌଡ଼, ବଙ୍ଗ, ଅବନ୍ତୀ, ଲତା, ସୌରାଷ୍ଟ୍ର, କୋଶଳ ଓ ଉତ୍କଳ ଆଦି ଏବଂ ଦକ୍ଷିଣରେ କଳିଙ୍ଗ, ଆନ୍ଧ୍ର, ମହାରାଷ୍ଟ୍ର, କର୍ଣ୍ଣାଟ ଓ ଚୋଳ ଆଦି ପ୍ରଦେଶଗୁଡ଼ିକ ସମଗ୍ର ଭାରତୀୟ ଇତିହାସ କାଳରେ ଭିନ୍ନ ଭିନ୍ନ ନାମରେ ଭିନ୍ନ ଭିନ୍ନ ସାମ୍ରାଜ୍ୟର ଅଂଶଭାବେ ତିଷ୍ଠି ରହିଛନ୍ତି।

ଏ ସବୁ ରାଜ୍ୟଗୁଡ଼ିକ ମଧ୍ୟରେ ଭାରତୀୟ ପରମ୍ପରା ଓ ସାହିତ୍ୟରେ କୋଶଳର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା ରାମଙ୍କର ରାଜ୍ୟଭାବେ ପ୍ରଥମରୁ ପରିଚିତ ଏବଂ ପରେ ଖ୍ରୀ.ପୂ ୬ଷ୍ଠ ଶତାବ୍ଦୀରୁ ବୌଦ୍ଧଗ୍ରନ୍ଥ 'ଅଙ୍ଗୁତ୍ତର ନିକାୟ'ରୁ ଏହାର ଅନ୍ୟ ଏକ ପରିଚୟ। ପୌରାଣିକ ଗ୍ରନ୍ଥ ରାମାୟଣ ମୁତାବକ ରାମଙ୍କ ତିରୋଧାନ ପରେ ତାଙ୍କ ରାଜ୍ୟ କୋଶଳ ଦୁଇପୁଅ ଲବ ଓ କୁଶଙ୍କ ମଧ୍ୟରେ ଦୁଇଭାଗ ହୋଇ ବଣ୍ଟନ ହେଲା। ଲବଙ୍କ ଅଂଶ ଉତ୍ତରକୋଶଳ ଏବଂ କୁଶଙ୍କ ଭାଗରେ ଦକ୍ଷିଣକୋଶଳ ରହିଲା। ମୋଟାମୋଟି ଭାବେ ଦକ୍ଷିଣକୋଶଳ ବର୍ତ୍ତମାନର ଅବିଭକ୍ତ ରାୟପୁର ଓ ବିଳାସପୁର ଜିଲ୍ଲା(ପୂର୍ବର ମଧ୍ୟପ୍ରଦେଶ ଓ ବର୍ତ୍ତମାନର ଛତିଶଗଡ଼ ଅନ୍ତର୍ଗତ) ଓଡ଼ିଶାର ଅବିଭକ୍ତ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ-ଫୁଲବାଣୀ ଏବଂ କୋରାପୁଟ ଜିଲ୍ଲା ଅଞ୍ଚଳ ରହିଲା। ଦକ୍ଷିଣକୋଶଳର ଐତିହାସିକ ଭୂଗୋଳ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ (୭ମ ଶତାବ୍ଦୀ)ଙ୍କ ବିବରଣୀରୁ ମଧ୍ୟ ଜଣାପଡ଼ିଥାଏ।

ଦକ୍ଷିଣକୋଶଳର ରାଜଧାନୀ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବାର ଦେଖାଯାଏ। ନଳମାନଙ୍କ କାଳରେ ରାଜଧାନୀ ପୁଷ୍କରୀ (କୋରାପୁଟର ଉମରକୋଟ ଅଞ୍ଚଳ), ଶରଭପୁରିଆଙ୍କ ସମୟରେ ଶରଭପୁର(ସୁନ୍ଦରଗଡ଼ ଜିଲ୍ଲା), ପରବର୍ତ୍ତୀ କାଳରେ ମହାନଦୀ କୂଳରେ ଶ୍ରୀପୁର ବା ଶିର୍‌ପୁର(ଛତିଶଗଡ଼ର ଏବେର ମହାସମୁଦ ଜିଲ୍ଲା)। ସେଠାରୁ ମହାଭବଗୁପ୍ତ ଜନ୍ମେଜୟଙ୍କ କାଳରେ ସୁବର୍ଣ୍ଣପୁର (ସୋନପୁର), ପୁଣି ସେଠାରୁ ମହାଶିବଗୁପ୍ତ ଯଯାତିଙ୍କ ସମୟରେ ସେହି ସୋନପୁର ଜିଲ୍ଲାର ବିନୀତପୁରକୁ। ସେଠାରୁ ପୁଣି ଚାଲିଗଲା ବଉଦକୁ- ଯାହାକୁ ଯଯାତିନଗର କୁହାଗଲା (ଏବେର ବଉଦ ନିକଟସ୍ଥ ମହାନଦୀ କୂଳସ୍ଥ ଜଗତି)।

ଦକ୍ଷିଣକୋଶଳ ପ୍ରାକୃତିକ ଭାବେ ନଦୀ ଉପତ୍ୟକା ଓ ପାହାଡ଼ିଆ ଅଞ୍ଚଳ। ଏହି ଭୂଖଣ୍ଡର ସଭ୍ୟତା ମୁଖ୍ୟତଃ ମହାନଦୀ ତଟବର୍ତ୍ତୀ ଅଞ୍ଚଳରେ ବିକାଶ ଲାଭ କରିଥିଲା। ସୋମବଂଶୀମାନଙ୍କର ତାମ୍ରଫଳକଗୁଡ଼ିକରେ ମହାନଦୀ ବହୁବାର ଲିପିବଦ୍ଧ ହୋଇଛି। ସେହିଭଳି ଶରଭପୁରିଆ ଓ ପାଣ୍ଡୁବଂଶୀମାନଙ୍କର ରାଜଧାନୀ ସେହି ମହାନଦୀ କୂଳରେ ଶ୍ରୀପୁର, ସୁବର୍ଣ୍ଣପୁର ଓ ଜଗତିଠାରେ ସ୍ଥାପିତ ହୋଇଥିଲା।

**ଦକ୍ଷିଣକୋଶଳରେ ବୌଦ୍ଧଧର୍ମ:** ଦକ୍ଷିଣ କୋଶଳ ଆଂଶିକ ବା ସମ୍ପୂର୍ଣ୍ଣ ଭାବରେ ଖ୍ରୀ.ପୂ ତୃତୀୟ ଶତାବ୍ଦୀରୁ ମୌର୍ଯ୍ୟ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ହୋଇଥିବା ଜଣାଯାଏ। ଛତିଶଗଡ଼ର ସରଗୁଜା ଜିଲ୍ଲାର ସୀତାବେଙ୍ଗା ଓ ଯୋଗୀମରାର ପ୍ରସ୍ତର ଗୁମ୍ଫାର ଶିଳାଲିପିରୁ ତଥା ହୁଏନ୍‌ସାଂଙ୍କ ଭ୍ରମଣ ବୃତ୍ତାନ୍ତରୁ ଏହା ଜଣାଯାଏ। ଅଶୋକ ଏହି ଅଞ୍ଚଳରେ ସ୍ତୂପ ଓ ଅନ୍ୟାନ୍ୟ ବୌଦ୍ଧ କୀର୍ତ୍ତିମାନ ପ୍ରତିଷ୍ଠା କରିଥିବା ହୁଏନ୍‌ସାଂ କହିଛନ୍ତି। ଏଥିରେ ସ୍ପଷ୍ଟ ମୌର୍ଯ୍ୟ କାଳରେ ହିଁ ବୌଦ୍ଧଧର୍ମ ଦକ୍ଷିଣକୋଶଳକୁ ପ୍ରବେଶ କରିଥିଲା। ପାଟଳୀପୁତ୍ରଠାରେ ମୋଗଲିପୁତ୍ତ ତିସ୍‌ସଙ୍କ ନେତୃତ୍ୱରେ ତୃତୀୟ ବୌଦ୍ଧ ସମ୍ମିଳନୀର ନିଷ୍ପତ୍ତିକ୍ରମେ ଭାରତ ମଧ୍ୟରେ ଓ ଭାରତ ବାହାରେ ବୌଦ୍ଧଧର୍ମ ପ୍ରଚାର କରିବା ନିମନ୍ତେ ଅଭିଜ୍ଞ ଭିକ୍ଷୁମାନଙ୍କୁ ପ୍ରେରଣ କରାଗଲା। ହୁଏନ୍‌ସାଂଙ୍କ ବର୍ଣ୍ଣନା ମୁତାବକ ସାତବାହନ ଶାସନ କାଳରେ ଦକ୍ଷିଣକୋଶଳ ରାଜଧାନୀ ସନ୍ନିକଟ ଏକ ବୌଦ୍ଧ ବିହାରରେ ବୌଦ୍ଧ ଦାର୍ଶନିକ ନାଗାର୍ଜୁନ ବସବାସ କରୁଥିଲେ। ସମ୍ଭବତଃ ସେ ଏହି ଅଞ୍ଚଳରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର କରୁଥିଲେ।

ପାଣ୍ଡୁବଂଶୀମାନେ ଖ୍ରୀ. ଷଷ୍ଠ ଶତାବ୍ଦୀରୁ ଦକ୍ଷିଣକୋଶଳରେ ଶାସନ କରୁଥିଲେ। ସେମାନଙ୍କ ସମୟରେ ଏ ଅଞ୍ଚଳରେ ବୌଦ୍ଧଧର୍ମ ବ୍ୟାପକଭାବେ ପ୍ରଚାର ପ୍ରସାର କରିଥିଲା। ପାଣ୍ଡୁବଂଶୀ ରାଜା ଭାବଦେବ ବୌଦ୍ଧ ମନ୍ଦିର ଓ ବିହାର ସ୍ଥାପନ କରିଥିବାର ପ୍ରମାଣ ରହିଛି। ତାଙ୍କ ପୂର୍ବରୁ ତାଙ୍କ ବଂଶର ରାଜା ସୂର୍ଯ୍ୟଘୋଷ ତାଙ୍କ ମୃତ ପୁତ୍ରଙ୍କ ସ୍ମୃତି ସ୍ୱରୂପ ବୌଦ୍ଧକୀର୍ତ୍ତି ନିର୍ମାଣ କରିଥିଲେ। ସେହି ବଂଶର ରାଜା ଭାବଦେବ ରତ୍ନକେଶରୀ ସ୍ୱୟଂ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ। ଏ ସବୁରୁ ଗୁପ୍ତ ସାମ୍ରାଜ୍ୟର ପରବର୍ତ୍ତୀ କାଳରେ ଏ ଅଞ୍ଚଳରେ ବୌଦ୍ଧକୀର୍ତ୍ତିମାନ ସ୍ଥାପିତ ହୋଇଥିବାର ଜଣାଯାଇଛି। ମହାଶିବଗୁପ୍ତ ବାଳାର୍ଜୁନଙ୍କ ତାମ୍ରଫଳକ ଏବଂ ମାମୁଁ ଭାସ୍କର ଦର୍ଶନଙ୍କ କାର୍ଯ୍ୟକଳାପ ସବୁରୁ ଦକ୍ଷିଣକୋଶଳରେ ମଗଧ ତରଫରୁ ବହୁ ବୌଦ୍ଧ ଅନୁଷ୍ଠାନମାନ ସ୍ଥାପିତ କରାଯାଇଥିଲା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅଙ୍ଗନବାଡ଼ି କେନ୍ଦ୍ର ଅଧପନ୍ତରିଆ; ହନ୍ତସନ୍ତ କୋମଳମତି ଛାତ୍ରଛାତ୍ରୀ

ଖଣ୍ଡପଡ଼ା/କଣ୍ଟିଲୋ, ୨୮।୩(ସମିସ): ରାଜ୍ୟ ସରକାର ସମନ୍ୱିତ ଶିଶୁ ବିକାଶ ବିଭାଗକୁ ସୁଦୃଢ଼ କରିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ବିଭାଗ ଅଧୀନରେ ଥିବା ଅଙ୍ଗନବାଡି କେନ୍ଦ୍ରରେ କିଭଳି ପିଲାମାନେ ସଠିକ୍ ପାଠ ପଢ଼ିପାରିବେ, ସେ ନେଇ ସମସ୍ତ ସୁବିଧା ମଧ୍ୟ ସୁନିଶ୍ଚିତ କରିଛନ୍ତି। ମାତ୍ର ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କୃଷ୍ଣେଶ୍ୱରପାଟଣା ଓ ମାଧବ ଚୌଧୁରୀପାଟଣା ରାସ୍ତା ନିକଟରେ ଥିବା ୪ନଂ ଅଙ୍ଗନବାଡି ଗୃହ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ଅଧାଗଢ଼ା ହୋଇରହିଛି। ବିଭାଗୀୟ ଦାୟିତ୍ୱହୀନତା ଯୋଗୁଁ କୋମଳମତି ଶିଶୁ କେବେ କ୍ଲବ୍ ଘର ବାରଣ୍ଡା ତ କେବେ ତଳେ ବସି ପାଠ ପଢୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ପୂର୍ବରୁଆସିଥିବା ୫ ଲକ୍ଷଅନୁଦାନରାଶିରେଛାତପଡ଼ିଥିବାବେଳେ ଗତ ଦୁଇ ବର୍ଷ ହେବ ଏହା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସ୍ଥିତି ଏମିତି ହୋଇଛି ଯେ ଅନାବନା ଗଛଲତା ଓ ଘାସବୁଦା ସହ ଜଙ୍ଗଲର ଭ୍ରମ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସାହି ବାରଣ୍ଡାରେ ପିଲାମାନେ ଅତି ଦୟନୀୟ ଅବସ୍ଥାରେ ପଢୁଥିବା ନେଇ ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଖରା ଓ ବର୍ଷା ଦିନର ସ୍ଥିତି ନ କହିବା ଭଲ। ଗାଁର ପୋଲିଓ କେନ୍ଦ୍ର ଏଠାରେ ହେବାର ସରକାରୀ ନିୟମ ରହିଥିବାବେଳେ ଘରଅଭାବରୁ କେବେ ସ୍କୁଲ ପରିସରରେ ତ କେବେ ଗ୍ରାମର କୋଠଘରେ ପୋଲିଓ ଦିଆଯାଉଥିବା ଅଭିଯୋଗ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ବ୍ଲକ ପ୍ରଶାସନ ସହ ଯୋଗାଯୋଗ କରିବାରୁ ଅନୁଦାନ ରାଶି ଅଭାବ ଥିବା କହିଛନ୍ତି। ସରକାରୀ ଯୋଜନାରେ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷାର ଭିତ୍ତିଭୂମି ଯଦି ଅଙ୍ଗନବାଡି କେନ୍ଦ୍ର ବୋଲି ବିବେଚନା ହୁଏ, ତେବେ ଏହାକୁ ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

## ଜିଲ୍ଲା ପୁଲିସ୍‌ରେ ବଡ଼ଧରଣର ଅଦଳବଦଳ

# ୬ ଇନ୍ସପେକ୍ଟର, ୯ ଏସ୍ଆଇ ଓ ୩ ଏଏସ୍ଆଇଙ୍କ ବଦଳି

ନୟାଗଡ଼, ୨୮।୩(ସମିସ)

ନୟାଗଡ଼ ଜିଲ୍ଲା ପୁଲିସରେ ଆଜି ବଡ଼ଧରଣର ଅଦଳବଦଳ ହୋଇଛି। ଏହି ବଦଳି ପ୍ରକ୍ରିୟାରେ ୬ ଜଣ ଇନ୍ସପେକ୍ଟର, ୯ ଜଣ ଏସ୍ଆଇ ଓ ୩ ଜଣ ଏଏସ୍ଆଇଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଏହି କ୍ରମରେ ୪ଟି ଥାନା ଅଧିକାରୀଙ୍କ ବଦଳି ହୋଇଥିବା ଜଣାପଡ଼ିଛି।

ଇଟାମାଟି ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ ପୁଲିସ ମୁଖ୍ୟାଳୟରୁ ପ୍ରିୟବ୍ରତ ରାଉତଙ୍କୁ ଇଟାମାଟି ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ନୂଆଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀଙ୍କୁ ସଦର ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବାବେଳେ ଓଡ଼ଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କୁ ନୂଆଗାଁ ଥାନା ଅଧିକାରୀ ଭାବେ ବଦଳି ହୋଇଛି। ପୁଲିସ ମୁଖ୍ୟାଳୟରୁ ଅଭୟ ବେହେରାଙ୍କୁ ଓଡ଼ଗାଁ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ସଦର ଥାନା ଅଧିକାରୀ ବିଜୟା ସାହୁଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ଜଣାପଡ଼ିଛି। ସେହିଭଳି ଦଶପଲ୍ଲା ଥାନାରେ କାର୍ଯ୍ୟରତ ଏସ୍ଆଇ ରମେଶ ଚନ୍ଦ୍ର ଜେନାଙ୍କୁ ସଦର ଥାନାକୁ ବଦଳି କରାଯାଇଛି। ଚାନ୍ଦପୁର ଥାନାରେ କାର୍ଯ୍ୟରତ ଏସ୍ଆଇ ଶ୍ୟାମସୁନ୍ଦର ପ୍ରଧାନଙ୍କୁ ଗଣିଆ, ଖଣ୍ଡପଡ଼ାରେ କାର୍ଯ୍ୟରତ ଏସ୍ଆଇ ଉପେନ୍ଦ୍ର ଦିଗାଲଙ୍କୁ ଦଶପଲ୍ଲା ଥାନା, ଭାପୁର ବିଟ୍ ହାଉସରୁ ସଞ୍ଜୟ କୁମାର ପରିଡ଼ାଙ୍କୁ ଇଟାମାଟି ଥାନା, ଏସ୍ଆଇ ସୁଶାନ୍ତ ବେହେରାଙ୍କୁ ରିଜର୍ଭରୁ ଭାପୁର ବିଟ୍ ହାଉସ, ଏସ୍ଆଇ ଗୋପବନ୍ଧୁ ମଲ୍ଲିକଙ୍କୁ ଇଟାମାଟିରୁ ଖଣ୍ଡପଡ଼ା ଥାନା, ସଦର ଥାନାରୁ ଏସଆଇ ଧର୍ମେନ୍ଦ୍ର ଶିଆଳଙ୍କୁ ଚାନ୍ଦପୁର ଥାନା, ରିଜର୍ଭରୁ ଏସ୍ଆଇ ସଙ୍ଗୀତା ବେସ୍ରାଙ୍କୁ ନୟାଗଡ଼ ଥାନା, ନୟାଗଡ଼ ଟାଉନ ଥାନାରୁ ରାଇବରି ତିରିଆଙ୍କୁ ଫତେଗଡ଼ ଥାନା, ଖଣ୍ଡପଡ଼ାରୁ ଏଏସ୍ଆଇ ପ୍ରବାସ ସାବରଙ୍କୁ ରଣପୁର, ଖଣ୍ଡପଡ଼ାରୁ ଶଙ୍କର ପାଢ଼ୀଙ୍କୁ ନୂଆଗଡ଼ିଆସାହି ଫାଣ୍ଡି, ନୂଆଗଡ଼ିଆସାହି ଫାଣ୍ଡିରୁ ମନୋଜ କୁମାର ନାୟକଙ୍କୁ ଖଣ୍ଡପଡ଼ା ଥାନାକୁ ବଦଳି କରାଯାଇଛି। ନୟାଗଡ଼ ଜିଲ୍ଲା ପୁଲିସରେ ବାରମ୍ବାର କରାଯାଉଥିବା ବଦଳି ପ୍ରକ୍ରିୟାକୁ ନେଇ ନାନାଦି ଆଲୋଚନା ହେଉଛି। ଗତ କିଛିଦିନ ତଳେ ଗୋଟିଏ ବଦଳି ନିର୍ଦ୍ଦେଶରେ ଏସ୍ଆଇ ରମେଶ ଚନ୍ଦ୍ର ଜେନାଙ୍କୁ ଦଶପଲ୍ଲାରୁ ଖଣ୍ଡପଡ଼ା ଓ ଖଣ୍ଡପଡ଼ାରୁ ଉପେନ୍ଦ୍ର ଦିଗାଲଙ୍କୁ ନୟାଗଡ଼ ବଦଳି କରାଯାଇଥିଲା। ଉକ୍ତ ନିର୍ଦ୍ଦେଶକୁ ପୁନଃ ବାତିଲ କରାଯାଇଥିଲା। ଏବେ ପୁଣି ଦୁଇ ଏସ୍ଆଇଙ୍କୁ ବଦଳି କରାଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପୁଲିସରେ ବରିଷ୍ଠ ଅଧିକାରୀଙ୍କ ସହ ତଳିଆ କର୍ମଚାରୀଙ୍କ ସମନ୍ୱୟ ଅଭାବ ପାଇଁ ଏଭଳି ହେଉଛି କି ବୋଲି ପ୍ରଶ୍ନ ଉଠିଛି।

## ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

ଭାପୁର, ୨୮।୩(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ପଦ୍ମାବତୀ ଗ୍ରାମରେ ଘଟିଛି ଏକ ଦୁଃଖଦ ଘଟଣା। ନଡ଼ିଆ ଗଛରୁ ଜଣେ ଯୁବକ ଖସିପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପଦ୍ମାବତୀ ଗ୍ରାମର ସ୍ୱର୍ଗତ କେଳୁଚରଣ ସାହୁଙ୍କ ପୁଅ ଦୁର୍ଗାପ୍ରସାଦ ସାହୁ (୪୫) ଅପରାହ୍ନ ୫ଟା ସମୟରେ ନଡ଼ିଆ ଗଛରେ ଚଢି ପଇଡ଼ ପାରୁଥିବାବେଳେ ଅସାବଧାନତାବଶତଃ ୩୦ ଫୁଟ ଉଚ୍ଚରୁ ତଳକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କ କହିବାନୁଯାୟୀ ଦୁର୍ଗାପ୍ରସାଦ ଛୋଟବଡ଼ ଚୋରି କରି ଅନେକ ଥର ଜେଲ ଯାଇଥିଲା। କିଛିଦିନ ପୂର୍ବେ ଜାମିନେର ଗାଁକୁ ଆସିଥିଲା।

## ଆବାସ ଗୃହ ନିର୍ମାଣ ନେଇ ବିବାଦ

ରଣପୁର, ୨୮।୩(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ କୁଳାସର ଗ୍ରାମର ଟୁକୁନା ସେଠୀ (୫୦)ଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ନେଇ ପଡ଼ିଶା ଘର ଲୋକଙ୍କ ସହ ବିବାଦ ସୃଷ୍ଟି ହୋଇଛି। ଟୁକୁନା ସେଠୀଙ୍କ କୌଣସି ସନ୍ତାନ ନ ଥିବାବେଳେ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜ ଜାଗାରେ ଘର ନିର୍ମାଣ କରିଛନ୍ତି। ପଡୋଶୀ ଜାଗା ଛାଡ଼ି ଘର କରିବାକୁ ଦାବି କରିଥିଲେ। ଟୁକୁନା ସେଠୀ ଅମାନ୍ୟ କରିବାରୁ ତାଙ୍କ ଗ୍ରାମର ବୁଦ୍ଧିଆ ନାୟକ, ବନୀତା ନାୟକ, କାହ୍ନା ନାୟକ, ଛାଟିଆଣି ନାୟକ, ନାରଖରୀ ନାୟକ, ନଖିଆ ନାୟକ ପ୍ରମୁଖ ମିଳିତ ଭାବେ ତାଙ୍କୁ ଆକ୍ରମଣ କରି ମୁଣ୍ଡ ପଠାଇ ଦେଇଥିବା ନେଇ ଟୁକୁନା ରଣପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନା ଅଧିକାରୀ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଦଶପଲ୍ଲା ବନ ନିଗମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଦଶପଲ୍ଲା, ୨୮।୩(ସମିସ): ଦଶପଲ୍ଲା ବ୍ଲକର ପ୍ରମୁଖ ଆଦିବାସୀ ବହୁଳ ପଞ୍ଚାୟତ ଦୁଡ଼ା ଗ୍ରାମରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବନ ନିଗମ ପକ୍ଷରୁ ଆୟୋଜିତ ଏହି ଶିବିରରେ ଆଖପାଖ ଅଞ୍ଚଳରୁ ଶତାଧିକ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ବରିଷ୍ଠ ଡାକ୍ତର ବିଶ୍ୱଜିତ ନାୟକ, ଡାକ୍ତର ସସ୍ମିତା ବେହେରା, ନର୍ସିଂ ଅଫିସର୍ ସ୍ନେହାଞ୍ଜଳି ଭୋଇ, ସୁନୀଲ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ବନ ନିଗମ ଉପଖଣ୍ଡିୟ ପରିଚାଳକ ଶିବାଶିଷ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ନୟାଗଡ଼ ଜିଲ୍ଲା ବିକାଶ ପାଇଁ ସଂକଳ୍ପ ଅଧିବେଶନ




ନୟାଗଡ଼, ୨୮।୩(ସମିସ): ସମସ୍ତ ପ୍ରାକୃତିକ ଓ ଭୌଗୋଳିକ ପରିବେଶର ଅନୁକୂଳ ଅବସ୍ଥିତି ସତ୍ତ୍ୱେ ନୟାଗଡ଼ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଆଶାନୁରୂପ ହୋଇପାରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରି ନୟାଗଡ଼ କେସି କ୍ଲବଠାରେ ରାଜଧାନୀ ସହରରେ ସୁପ୍ରତିଷ୍ଠିତ ନୟାଗଡ଼ିଆଙ୍କୁ ନେଇ ଗଠିତ ହୋଇଥିବା ନୟାଗଡ଼ ଜିଲ୍ଲା ବିକାଶ ସମ୍ମିଳନୀ ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କରୁଣାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ସମ୍ମିଳନୀ ଉଦ୍ୟୋକ୍ତା ତଥା ଭାରତ ସରକାରଙ୍କ ପ୍ରାକ୍ତନ ଗଣମାଧ୍ୟମ ପରାମର୍ଶଦାତା ଡଃ ଉମାକାନ୍ତ ମିଶ୍ର, ଗବେଷକ ତଥା ପାଠାଗାର ଆନ୍ଦୋଳନର ପ୍ରମୁଖ ପ୍ରବୀର ପଟ୍ଟନାୟକ, ଡଃ ବ୍ରଜବନ୍ଧୁ ପଣ୍ଡା, ସ୍ତମ୍ଭକାର ଡଃ ଜାନକୀଶ ବଡ଼ପଣ୍ଡା ଯୋଗଦେଇ ନୟାଗଡ଼ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ରାଜଧାନୀ ସହରରେ ପ୍ରତିଷ୍ଠିତ ଏହି ସଂଗଠନ ଜିଲ୍ଲାବାସୀଙ୍କ ସ୍ୱାର୍ଥସିଦ୍ଧି ପାଇଁ ଉଚ୍ଚ ପ୍ରଶାସନିକ ସ୍ତରରେ ଏକ ସେତୁର କାର୍ଯ୍ୟ କରିବ ଓ ଜିଲ୍ଲାର ଆଠଟି ବ୍ଲକରେ ଏହି ବିକାଶର ଧାରାରେ ସାମିଲ ହେବାକୁ ଥିବା ଉଦ୍ୟୋଗୀଙ୍କୁ ନେଇ ବୈଠକ କରିବା ସହିତ ଜ୍ୱଳନ୍ତ ସମସ୍ୟାକୁ ବର୍ଗୀକରଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀର ନୟାଗଡ଼ ଜିଲ୍ଲା ଆବାହକ ସମାଜସେବୀ ପ୍ରମୋଦ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଜିଲ୍ଲାର ପ୍ରମୁଖ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରତି ବ୍ଲକରୁ ପ୍ରତିନିଧି ରୂପେ ଯୋଗ ଦେଇଥିବା ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ଆଡଭୋକେଟ ଶରତ ଚନ୍ଦ୍ର ବେହେରା, ସୁଦାମ ଚରଣ ବେହେରା, ଅଧ୍ୟାପକ ଭିକାରୀ ଚରଣ ସ୍ୱାଇଁ, ଆଡଭୋକେଟ ପ୍ରସନ୍ନ କୁମାର ପଣ୍ଡା, ସମାଜସେବୀ ଗୋଲକ ବିହାରୀ ମୁଦୁଲି, ନିତ୍ୟାନନ୍ଦ ପରିଡ଼ା, ସ୍ୱରାଜ କୁମାର ମହାନ୍ତି, ବିନାୟକ ମିଶ୍ର, ବାବି ସିଂସାମନ୍ତ, ଲକ୍ଷ୍ମୀଧର ସାହୁ, ଦୁର୍ଯ୍ୟୋଧନ ସାହୁ, ଗୋକୁଳ ଷଡ଼ଙ୍ଗୀ, ପ୍ରଦୀପ କୁମାର ରଥ ପ୍ରମୁଖ ଆଲୋଚନାରେ ଭାଗନେଇ ଜିଲ୍ଲାର ବିକାଶ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ନୟାଗଡ଼ରେ ଚିନିଶିଳ୍ପ ପୁନରୁଦ୍ଧାର କରି ଜିଲ୍ଲାର ଆଖୁଚାଷରେ ବିକାଶ ଘଟାଇବା, ବୃତଙ୍ଗ ଜଳଭଣ୍ଡାର ନିର୍ମାଣ କରି କୃଷିର ବିକାଶ କରିବା, ମହାନଦୀରେ ବ୍ୟାରେଜ ନିର୍ମାଣ କରି ଜଳସେଚନର ବିକାଶ କରିବା, ଦଶପଲ୍ଲା ଅଞ୍ଚଳରେ ବାଉଁଶ ଜଙ୍ଗଲର ବିକାଶ କରି କାଗଜ କଳ ପ୍ରତିଷ୍ଠା କରିବା, ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ, ଶୀତଳ ଭଣ୍ଡାର ସ୍ଥାପନ ଇତ୍ୟାଦି ପ୍ରମୁଖ ଦାବି ଉପରେ ଗୁରୁତ୍ୱ ଦେଇ ଆଲୋଚନା କରାଯାଇଛି। ଅନ୍ୟତମ ଉଦ୍ୟୋକ୍ତା ବିଶ୍ୱନାଥ ମହାପାତ୍ର କାର୍ଯ୍ୟପନ୍ଥା ଉପରେ ମାର୍ଗଦର୍ଶନ କରିବା ପରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ନାଟ୍ୟ ଦିବସ ପାଳିତ




ନୟାଗଡ଼, ୨୮।୩(ସମିସ): ସମଗ୍ର ବିଶ୍ୱରେ ମଞ୍ଚ ନାଟକର ବ୍ୟାପ୍ତି ସହ ନିର୍ଦ୍ଦେଶକ, ନାଟ୍ୟକାର, କଳାକାର, ମଞ୍ଚ ସହଯୋଗୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ୧୯୬୨ରୁ ପାଳିତ ହେଉଛି ବିଶ୍ୱ ନାଟ୍ୟ ଦିବସ। ଚଳିତ ବର୍ଷ ନୟାଗଡ଼ର ଦୁଇ ପ୍ରମୁଖ ନାଟ୍ୟ ଅନୁଷ୍ଠାନ ମଞ୍ଚାୟନ ଓ ନାଟ୍ୟଧାରା ମିଳିତ ସହଯୋଗରେ ସ୍ଥାନୀୟ ନ୍ୟୁ ଜନତା କମ୍ପ୍ଲେକ୍ସ ପରିସରରେ ପାଳିତ ହୋଇଯାଇଛି ବିଶ୍ୱ ନାଟ୍ୟ ଦିବସ। ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ବିଶିଷ୍ଟ ଅତିଥି ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ସମ୍ମାନିତ ଅତିଥି ବରିଷ୍ଠ ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ଅଭିନେତା ତଥା ନାଟ୍ୟଧାରା ସମ୍ପାଦକ ମି. କାଳିଆ ଯୋଗଦେଇ ବିଶ୍ୱ ନାଟ୍ୟ ଦିବସ ପରିପ୍ରେକ୍ଷୀରେ ନୟାଗଡ଼ ନାଟକର ବିକାଶ, ପ୍ରଗତି ସହ ସମୃଦ୍ଧ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ମଞ୍ଚାୟନର ଉପସଭାପତି ସୁରେନ୍ଦ୍ର ସାହୁ ଓ ସହସମ୍ପାଦକ ଜ୍ଞାନପ୍ରକାଶ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ମଞ୍ଚାୟନ ସଭାପତି ନିରଞ୍ଜନ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏ ଅବସରରେ ଦୂରଦର୍ଶନର ଗାୟକ ବିଶ୍ୱନାଥ ପ୍ରଧାନ ଓ ସାଥୀ ଦାସକାଠିଆ ପରିବେଷଣ କରିଥିଲେ। ଇଣ୍ଡିଆନ ଡ୍ୟାନସ୍ ଏକାଡେମୀର କଳାକାର ଓଡ଼ିଶୀ ନୃତ୍ୟ କରିଥିବାବେଳେ ଯୁବ କଳାକାର ବିଦ୍ୟାବିଜିତା ମହାନ୍ତି ଓ ଅଭିଲିପ୍ସା ସାହୁଙ୍କ ଏକକ ଅଭିନୟ ଦର୍ଶକଙ୍କୁ ବିଭୋର କରିଥିଲା। ମଞ୍ଚାୟନର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ନୟାଗଡ଼ ନାଟକରେ ଯୁବ ପ୍ରତିଭାଙ୍କ ଯୋଗଦାନ ଉପରେ ଗୁରୁତ୍ୱ ଦେବା ସହ ନାଟକ କର୍ମଶାଳା ଆୟୋଜନ ବିଷୟରେ ସୂଚନା ଦେଇଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ଅଭିନେତା ଓ ନିର୍ଦ୍ଦେଶକ ପ୍ରଶାନ୍ତ ସାମନ୍ତରାୟ।

# ମାଛ ମାରି ଫସିଲେ ଦୁର୍ବୃତ୍ତ

## ■ ଥାନା ଡ୍ରାଇଭରଙ୍କୁ ପଡ଼ିଲା ମହଙ୍ଗା।

ରଣପୁର, ୨୮।୩(ସମିସ): ରଣପୁର ଥାନା ଅନ୍ତର୍ଗତ ଅଡାଲ ଗ୍ରାମର ବାଈଆବନ୍ଧରେ ଗତ ୨୧ ତାରିଖରେ ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦସ୍ତ ମାଛ ମାରି ନେଇଥିଲେ। ବନ୍ଧକୁ ମା’ ମଙ୍ଗଳା ମହିଳା ବିକାଶ ଗୋଷ୍ଠୀ ପାଞ୍ଚ ବର୍ଷ ପାଇଁ ଲିଜ୍ ସୂତ୍ରରେ ନେଇଥିବାବେଳେ ଜୋର ଜବରଦସ୍ତ ମାଛ ମରାକୁ ନେଇ ରଣପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ଅଡାଲ ଗ୍ରାମର ୧୩ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ଅସଦାଚରଣ, ଆକ୍ରମଣ, ଜୋର ଜବରଦସ୍ତ ମାଛ ମାରିବା ନେଇ ମହିଳାମାନେ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିଛି ସଦସ୍ୟାଙ୍କ ସୂଚନା ଅନୁସାରେ ରଣପୁର ଥାନାରେ ଡ୍ରାଇଭର ଭାବେ କାମ କରୁଥିବା ଜଣେ ବ୍ୟକ୍ତି ଅଡାଲ ଗ୍ରାମର ହୋଇଥିବାରୁ ଗ୍ରାମ ଲୋକଙ୍କୁ ଜୋର ଜବରଦସ୍ତ ମାଛ ମାରିବା ପାଇଁ ସେ ଉସକାଇ ଥିଲେ। ପୁଲିସ ବିଭାଗରେ କାମ କରୁଥିବାରୁ ଡ୍ରାଇଭର ହେଲେ ବି ନିଜକୁ ଆଇଆଇସି ଭଳି ବ୍ୟବହାର କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଫଳରେ ଅନ୍ୟମାନେ ମାଛ ମାରିବାକୁ ସାହସ ପାଇଥିଲେ। ରଣପୁର ଆଇଆଇସି ସମସ୍ତ ପରିସ୍ଥିତିକୁ ଅନୁସନ୍ଧାନ କରି ଡ୍ରାଇଭର ଓ ମାଛ ମାରିଥିବା ୧୨ ଜଣଙ୍କ ନାମରେ ମାମଲା ରୁଜୁ କରିଥିବାରୁ ଥାନା ଅଧିକାରୀ ଆଶିଷ ଦେବ ସାହୁଙ୍କୁ ମହିଳାମାନେ ସାଧୁବାଦ ଦେଇଛନ୍ତି।

# ଦଶପଲ୍ଲାରେ ଇସ୍କନ ଗୋଶାଳା ଗୃହ ପ୍ରତିଷ୍ଠା



ଦଶପଲ୍ଲା, ୨୮।୩(ସମିସ): ଦଶପଲ୍ଲା ବ୍ଲକ ଅଧୀନସ୍ଥ ଆଦିବାସୀ ବହୁଳ ଘୁଗୁଡ଼ିପଡ଼ା ପଞ୍ଚାୟତର ମର୍ଦ୍ଦାବାଡି ଗ୍ରାମରେ ଇସ୍କନ ପକ୍ଷରୁ ନିର୍ମିତ ଗୋଶାଳାର ଆଜି ଗୃହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବଦାନ୍ୟ ତଥା ଧାର୍ମିକ ପରିବାର ସର୍ଦ୍ଦାର ଗ୍ରୁପ୍ ପକ୍ଷରୁ ବିନା ଶୁଳ୍କରେ ଏଥିନିମନ୍ତେ ୫ ଏକର ପରିମିତ ଉପଯୋଗୀ ଜମି ପ୍ରଦାନ କରାଯାଇଛି। ଆସନ୍ତା ମାସ ଆରମ୍ଭରୁ ଏହି ଗୋଶାଳାରେ ଅନ୍ୟୁନ ଏକଶହ ଗୋରୁଙ୍କୁ ନେଇ ଗୋ ସେବା ଆରମ୍ଭ ହେବ ବୋଲି ଗୋରକ୍ଷା ବାହିନୀ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏହି ଉତ୍ସବରେ ଇସ୍କନର ଉଚ୍ଚ ପଦାଧିକାରୀଙ୍କ ସହିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ସୀତାରାମ ୟୁଥ୍ କ୍ଲବ୍‌ର ସଦସ୍ୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ନୋଟାରୀ ସୁଶାନ୍ତ ପାତ୍ର, ଗୋରକ୍ଷା ସମିତି ସଂଯୋଜକ ମାନସ ସାହୁ, ଶୀତିକଣ୍ଠ ମିଶ୍ର, ସୁରେଶ ପାତ୍ର, ସୁନୀଲ ପାତ୍ର ଓ ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗ ଦେଇଥିଲେ।

# ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଓଡ଼ଗାଁ, ୨୮।୩(ସମିସ): ସ୍ଥାନୀୟ ରଘୁନାଥ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବୟସର ଖେଳାଳିଙ୍କ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ରୋଡ୍ ସରକାରୀ କଲ୍ୟାଣମଣ୍ଡପସ୍ଥିତ ବ୍ୟାଡ୍‌ମିଣ୍ଟନ କୋର୍ଟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୨୦ ଯୋଡି ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଓମିଶାଭ ପ୍ରଧାନ ଓ ଅଂଶୁମାନ ନାୟକ ଚାମ୍ପିଅନ, ସୌମ୍ୟରଞ୍ଜନ ଦାସ ଓ କୁମାର ଅଂଶୁମାନ ରନର୍ସ ଅପ ହୋଇଥିବା ବେଳେ ରାମେଶ୍ୱର ସାହୁ ଓ ଆୟୁଷ ରଜତ ରାଉତ ୨ୟ ରନର୍ସ ଅପ୍ ହୋଇଥିଲେ। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ଅଧ୍ୟାପକ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି, ସୁଶାନ୍ତ ପାତ୍ର, ପାଣୁ ଚରଣ ସେଠୀ, ବୀର କିଶୋର ବଳବନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦିବାକର ନାୟକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



## ଖଳିସାହି ଦଶଦୋଳ ଉଦ୍‌ଯାପିତ

# ସାମନ୍ତଙ୍କ ମାଟି ଭାଇଚାରା, ସଂସ୍କୃତି ଓ ଉତ୍ସବର କ୍ଷେତ୍ର

ଖଣ୍ଡପଡ଼ା, ୨୮।୩(ସମିସ)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଯାତ୍ରା ପଡ଼ିଆରେ ଆୟୋଜିତ ପ୍ରସିଦ୍ଧ ଦଶଦୋଳ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଜି ଅନ୍ତିମ ସନ୍ଧ୍ୟାରେ ଦଶଦୋଳ ମହୋତ୍ସବ କମିଟି ସଭାପତି ବାପିନା କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ

## ● ଇରା ମହାନ୍ତିଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ସଙ୍ଗୀତ ନିର୍ଦ୍ଦେଶକ ଅଶୋକ ଗଣ୍ଡିଆ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସାମନ୍ତ ମାଟି ହେଉଛି ଭାଇଚାରା, ସଂସ୍କୃତି ଓ ଉତ୍ସବର କ୍ଷେତ୍ର ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଫକୀରମୋହନ ଦାସ ଉପସ୍ଥିତ ରହି ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶୁଭଶ୍ରୀ ସାଥୁଆ, ସୁଶ୍ରୀ ସ୍ୱାଗତିକା ସାହୁ, ପ୍ରମୋଦ ପାଢ଼ୀ ଓ ରାମଚନ୍ଦ୍ର ସାହୁଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ମହୋତ୍ସବ ଉପଭୋଗ କରିଥିଲେ। ଅପରାହ୍ନ ୪ଟାରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ଓ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ସନ୍ଧ୍ୟା ୬ଟାରେ ବରଗଡ଼ର ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ ହୋଇଥିଲା। ପରେ ଓଡ଼ିଶାର ମେଲୋଡି କୁଇନ ଇରା ମହାନ୍ତି ନିଜର ସୁରିଲା କଣ୍ଠରେ ସୁନ୍ଦର ସୁନ୍ଦର ଗୀତ ଗାଇ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲେ। ଦୀର୍ଘ ୭୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ ହେଉଥିବା ଏହି ଦଶଦୋଳ ଯାତ୍ରାରେ ଖଳିସାହି ସମେତ ଆଖପାଖ ଅଞ୍ଚଳର ଗ୍ରାମର ସହଯୋଗକ୍ରମେ ଦଶଦୋଳ ମହୋତ୍ସବ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ସମ୍ପାଦକ ଧୀରେନ ଗଣ୍ଡିଆଙ୍କ ସମେତ ଉପଦେଷ୍ଟା ସୁଦର୍ଶନ ସାହୁ, ଶରତ କୁମାର ସାହୁ, ଉପସଭାପତି ଫକୀରମୋହନ ସାହୁ, ସଭ୍ୟ ଦୀପକ କୁମାର ସାହୁ, ବିରଞ୍ଚି ନାରାୟଣ ମିଶ୍ର, ଶୁଭମ ପୃଷ୍ଟି, ରବିନାରାୟଣ ମିଶ୍ର, ପ୍ରଦୀପ୍ତ କୁମାର ସାହୁ, ଦୁଷ୍ମନ୍ତ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।





# ଗଣିତ-ବିଜ୍ଞାନ ପ୍ରଦର୍ଶନୀ, ଶିକ୍ଷଣ ସାମଗ୍ରୀ କର୍ମଶାଳା

ରଣପୁର, ୨୮।୩ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ଗଣିତ-ବିଜ୍ଞାନ ପ୍ରଦର୍ଶନୀ, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଓ ‘ଆମ ସଂସ୍କୃତି ଆମ ଖେଳନା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀଧର ସାହୁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଗୌରାଙ୍ଗପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦେଶିନୀ ପତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଧନ କେନ୍ଦ୍ର ସଂଯୋଜକ ସୁଧାକର ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଲ ରଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗଣିତ-ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ରଛାତ୍ରୀ ନିଜର କୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଚତୁର୍ଥ ଶ୍ରେଣୀର ସୌମ୍ୟରଞ୍ଜନ ରଣା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପଞ୍ଚମ ଶ୍ରେଣୀର ସ୍ୱୟଂଶ୍ରୀ ରଣସିଂହ ଦ୍ୱିତୀୟ ଓ ଦ୍ୱିତୀୟ ଶ୍ରେଣୀର ଆୟୁଷ୍ମାନ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସହକାରୀ ଶିକ୍ଷକ ଦିଲ୍ଲୀପ ସାହୁ, ଶିକ୍ଷୟିତ୍ରୀ ପଦ୍ମାବତୀ ବେହେରା ଓ ଅଙ୍ଗନବାଡି କର୍ମୀ ପୁଷ୍ପମଞ୍ଜରୀ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ପରିଚାଳନା କମିଟି ସଦସ୍ୟସଦସ୍ୟା, ଅଭିଭାବକ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।










ମ୍ୟାଁମାର ଭୂକମ୍ପରେ ଭୁଶୁଡି ପଡ଼ିଲା ଦେଶର ଦ୍ୱିତୀୟ ବୃହତ୍ତମ ପୋଲ



ଧ୍ୱସ୍ତ ବିଧ୍ୱସ୍ତ କୋଠା



ରାସ୍ତାରେ ଫାଟ


## କାହିଁକି ଆସିଲା ଭୂକମ୍ପ

ନାପିତ୍ୟ, ୨୮।୩ (ଏଜେନ୍ସି): ମ୍ୟାଁମାର ଭୂପୃଷ୍ଠ ତଳେ ଥିବା ଏକ ପ୍ଲେଟ୍‌ରେ ବହୁତ ବଡ଼ ଫାଟ ସୃଷ୍ଟି ହୋଇଛି। ଏହା ଦେଶର ଅନେକ ଭାଗ ଦେଇ ଗତି କରୁଛି। ଏହି ଫାଟ ସାଗାଇଙ୍ଗ ସହର ନିକଟ ଦେଇ ଯାଇଛି। ତେଣୁ ଏହାର ନାମ ସାଗାଇଙ୍ଗ ଫଲ୍ଟ ରଖାଯାଇଛି। ଏହା ମ୍ୟାଁମାରର ଉତ୍ତରରୁ ଦକ୍ଷିଣକୁ ୧୨୦୦ କିମି ଯାଏଁ ବ୍ୟାପିଛି। ଏହାକୁ 'ଷ୍ଟ୍ରାଇକ-ସ୍ଲିପ୍ ଫଲ୍ଟ' କୁହାଯାଏ। ଏହାର ଉଭୟ ପାର୍ଶ୍ୱରେ ଥିବା ପ୍ଲେଟ ପରସ୍ପର ନିକଟରୁ ସମାନ୍ତର ଭାବେ ଧସିବାରେ ଲାଗିଛି। ଏହି ଫାଟ ଆଣ୍ଡାମାନ ସାଗରରୁ ହିମାଳୟ ପାଦଦେଶ ପର୍ଯ୍ୟନ୍ତ ଯାଇଛି। ପୃଥିବୀର ଟେକ୍ଟୋନିକ ପ୍ଲେଟ୍ ଦୋହଲିବାରୁ ଏହା ସୃଷ୍ଟି ହୋଇଛି। ଭାରତୀୟ ପ୍ଲେଟ ଉତ୍ତର-ପୂର୍ବ ଅଭିମୁଖେ ବଢୁଛି। ଏହା ଦ୍ୱାରା ସାଗାଇଙ୍ଗ ଫଲ୍ଟ ଉପରେ ଚାପ ବଢୁଛି। ତେଣୁ ପ୍ଲେଟ୍ ଧସିବାରେ ଲାଗିଛି। ଏହି ସାଗାଇଙ୍ଗ ଫଲ୍ଟ ଯୋଗୁଁ ମ୍ୟାଁମାରରେ ଅନେକ ଭୂକମ୍ପ ଆସିଛି। ଏହା ପୂର୍ବରୁ ୨୦୧୨ରେ ୬.୮ ତୀବ୍ରତାର ଭୂକମ୍ପ ହୋଇଥିଲା। ୧୯୩୦ରୁ ୧୯୫୭ ମଧ୍ୟରେ ସାଗାଇଙ୍ଗ ଫଲ୍ଟ ନିକଟରେ ୭ ତୀବ୍ରତାର ୬ରୁ ଅଧିକ ଭୂକମ୍ପ ଆସିଥିଲା।

## ୨୦୦୦ ବିମାନର ଅବତରଣ ବାତିଲ

ବ୍ୟାଙ୍କକ, ୨୮।୩ (ଏଜେନ୍ସି): ମ୍ୟାଁମାରରେ ଶୁକ୍ରବାର ସକାଳେ ଆସିଥିବା ୭.୭ ତୀବ୍ରତାର ଭକମ୍ପ ଥାଇଲାଣ୍ଡରେ ତାଣ୍ଡବ ସୃଷ୍ଟି କରିଛି। ଏଥିଯୋଗୁଁ ଚାରିଆଡେ ଭୟର ବାତାବରଣ ଖେଳି ଯାଇଛି। ବ୍ୟାଙ୍କକରେ ଏକ ନିର୍ମାଣାଧିନ ୩୦ ମହଲା କୋଠା ଭୁଶୁଡ଼ି ଯାଇଥିବାବେଳେ ଅନେକ ଲୋକ ଭୟରେ ରାସ୍ତାକୁ ଦୌଡ଼ି ଆସିଛନ୍ତି। ବିଭିନ୍ନ ଅଞ୍ଚଳରେ ଅନେକ କୋଠା ଭୁଶୁଡ଼ି ଯାଇଛି। ସ୍ଥିତିକୁ ଦେଖି ଥାଇଲାଣ୍ଡରେ ଏମର୍ଜେନ୍ସି କାର୍ଯ୍ୟକାରୀ କରାଯାଇଛି। ଏଥିଯୋଗୁଁ ବିମାନ ଯାତ୍ରା ପ୍ରଭାବିତ ହୋଇଛି। ଦକ୍ଷିଣ ପୂର୍ବ ଏସିଆର ପ୍ରମୁଖ ଏୟାର ଟ୍ରାନ୍ସପୋର୍ଟ କେନ୍ଦ୍ର ଭାବେ ପରିଚିତ ଥାଇଲାଣ୍ଡରେ ଦୁଇ ହଜାରରୁ ଅଧିକ ବିମାନର ଅବତରଣକୁ ରୋକି ଦିଆଯାଇଛି। ଏଥିଯୋଗୁଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନେକ ଲୋକ ବିମାନବନ୍ଦରରେ ଅଟକି ରହିଛନ୍ତି। ପର୍ଯ୍ୟଟନ ଏବଂ ବ୍ୟବସାୟ ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଯାତ୍ରୀ ଏହି ଦେଶକୁ ଆସନ୍ତି। ତେଣୁ ଏହି ଭୂକମ୍ପ ଦ୍ୱାରା ଉଡ଼ାଣ ଏବଂ ଯାତ୍ରୀଙ୍କ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ୨୦୨୪ରେ ଥାଇ ବିମାନବନ୍ଦରରେ ପ୍ରାୟ ୭.୬ ଲକ୍ଷ ଉଡ଼ାଣ ରେକର୍ଡ କରାଯାଇଥିଲା। ଏଠାରୁ ଦିନକୁ ପ୍ରାୟ ୨୦୮୨ ବିମାନ ଉଡ଼ାଣ କରୁଛି। ଏହି ଦେଶକୁ ୟୁରୋପରୁ ସର୍ବାଧିକ ଯାତ୍ରୀ ଆସୁଛନ୍ତି।

## ଭୂକମ୍ପର ଭବିଷ୍ୟବାଣୀ କରିଥିଲେ ଭାରତୀୟ ଜ୍ୟୋତିଷ



ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି): ମ୍ୟାଁମାରରେ ଆସିଥିବା ଶକ୍ତିଶାଳୀ ଭୂକମ୍ପକୁ ନେଇ ତିନି ସପ୍ତାହ ତଳେ ଭବିଷ୍ୟବାଣୀ ହୋଇଥିବା ଦାବି କରାଯାଉଛି। କର୍ଣ୍ଣାଟକ ମହୀଶୂରର ଜ୍ୟୋତିଷ ଅଭିଜ୍ଞ ଆନନ୍ଦ (୨୦) ମାର୍ଚ୍ଚ ୧ରେ ନିଜ ୟୁଟ୍ୟୁବ ଚ୍ୟାନେଲରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏଥିରେ ଆଗାମୀ କିଛି ସପ୍ତାହ ମଧ୍ୟରେ କିମ୍ବା ଚଳିତ ବର୍ଷ ମଧ୍ୟଭାଗରେ ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି କହିଥିଲେ। ସେ ତାରିଖ ସହିତ ମାନଚିତ୍ରରେ ସ୍ଥାନ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ ଅଭିଜ୍ଞ ୧୧ ବର୍ଷ ହେଲା ଜ୍ୟୋତିଷ ବିଦ୍ୟା ଅଧ୍ୟୟନ କରୁଛନ୍ତି। ସେ ୭ ବର୍ଷ ବୟସରେ ଭଗବତ୍ ଗୀତା କଣ୍ଠସ୍ଥ କରି ନେଇଥିଲେ। ବହୁତ କମ୍ ବୟସରୁ ସେ ସଂସ୍କୃତ ଶିକ୍ଷା କରିଥିଲେ। ଏଥିପାଇଁ ମା' ତାଙ୍କୁ ଅନୁପ୍ରାଣୀତ କରିଥିଲେ। ଅଭିଜ୍ଞ ଏକ ଭିଡିଓ ଚ୍ୟାନେଲ ଚଳାଉଛନ୍ତି। ଏଥିରେ ସେ ଅନେକ ଭିଡିଓ ଅପଲୋଡ କରିଛନ୍ତି। ଏହା ମାଧ୍ୟମରେ ସେ ଅନେକ ଭବିଷ୍ୟବାଣୀ କରିଛନ୍ତି।

### ଜଷ୍ଟିସ ବର୍ମାଙ୍କ ବଦଳିକୁ କେନ୍ଦ୍ରର ମଞ୍ଜୁରୀ

# ନ୍ୟାୟିକ କାର୍ଯ୍ୟ ପ୍ରଦାନ ନ କରିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାକୁ ନେଇ ବିବାଦରେ ଥିବା ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ଦିଲ୍ଲୀରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିଦିଆଯାଇଛି। ଏ ନେଇ ସୁପ୍ରିମକୋର୍ଟ କରିଥିବା ସୁପାରିସକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଛନ୍ତି। ଶୁକ୍ରବାର ଏ ନେଇ ଆଇନ ମନ୍ତ୍ରାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ତେବେ ଜଷ୍ଟିସ ବର୍ମାଙ୍କୁ କୌଣସି ନ୍ୟାୟିକ କାର୍ଯ୍ୟ ପ୍ରଦାନ ନ କରିବା ପାଇଁ ଆହ୍ଲାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଏତଲା ଦାଏର ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ଅନ୍ୟପକ୍ଷରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ଏତଲା ରୁଜୁ ଦାବିରେ ଆଗତ ଜନସ୍ୱାର୍ଥ ମାମଲା (ପିଆଇଏଲ)କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୁଇଁଆଙ୍କ ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ଆଭ୍ୟନ୍ତରୀଣ କମିଟି ଏହି ମାମଲାର ତଦନ୍ତ କରୁଛି। ଯଦି ରିପୋର୍ଟରେ କିଛି ଅନିୟମିତତା ସାମ୍ନାକୁ ଆସେ ତେବେ ଏତଲା ରୁଜୁ କରାଯିବ କିମ୍ବା ମାମଲା ସଂସଦକୁ ପଠାଇ ଦିଆଯିବ। ଜଷ୍ଟିସ ବର୍ମାଙ୍କ ବିରୋଧରେ ଏତଲା ଦାବି କରି ଓକିଲ ମାଥ୍ୟୁଜ୍ ଏବଂ ଅନ୍ୟ ତିନି ଜଣ ଏହି ଆବେଦନ ଦାଏର କରିଥିଲେ। ଏଥିରେ ସୁପ୍ରିମକୋର୍ଟଙ୍କ ୩୪ ବର୍ଷ ତଳର ଏକ ନିଷ୍ପତ୍ତିର ସମୀକ୍ଷା ଦାବି କରାଯାଇଥିଲା। ୧୯୯୧ରେ ବୀରସ୍ୱାମୀ ମାମଲାରେ ସୁପ୍ରିମକୋର୍ଟ ନିଷ୍ପତ୍ତି ଶୁଣାଣି କହିଥିଲେ ଯେ ସିଜେଆଇଙ୍କ ଅନୁମତି ବିନା ହାଇକୋର୍ଟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟର କୌଣସି ବିଚାରପତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ।

ଏହା ମଧ୍ୟରେ ଜଷ୍ଟିସ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟର ପ୍ରାଶାସନିକ କମିଟିରୁ ହଟାଇ ଦିଆଯାଇଛି। ସୁପ୍ରିମକୋର୍ଟ ୱେବସାଇଟ ଅନୁଯାୟୀ ଗତ ୨୬ ତାରିଖରେ ଏହି କମିଟିର ପୁନର୍ଗଠନ କରାଯାଇଥିଲା। ଏଥିରେ ଜଷ୍ଟିସ ବର୍ମାଙ୍କୁ ସାମିଲ କରାଯାଇ ନ ଥିଲା। ସୂଚନାଯୋଗ୍ୟ ଯେ ଗତ ୧୪ ତାରିଖରେ ଜଷ୍ଟିସ ବର୍ମାଙ୍କ ସରକାରୀ ବଙ୍ଗଳାରେ ନିଆଁ ଲାଗି ଯାଇଥିଲା। ଏହି ନିଆଁ ଲିଭାଇବାକୁ ଯାଇଥିବା ଦମକଳ ଟିମ୍ ବିଚାରପତିଙ୍କ ଷ୍ଟୋରରୁମ୍ର ବସ୍ତାରେ ଥିବା ଅଧା ଜଳା ୫୦୦ ଟଙ୍କିଆ ନୋଟ୍ ପାଇଥିଲା। ସେହିଦିନଠାରୁ ଏହି ମାମଲା ଚର୍ଚ୍ଚାରେ ରହିଛି।

## ଅକ୍ସଫୋର୍ଡ ୟୁନିଭର୍ସିଟିରେ ମମତାଙ୍କୁ ବିରୋଧ

ଲଣ୍ଡନ,୨୮।୩ (ଏଜେନ୍ସି): ଇଂଲଣ୍ଡ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର କେଲୋଗ୍ କଲେଜରେ ଗୁରୁବାର ଭାଷଣ ଦେବା ସମୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବିରୋଧର ସାମ୍ନାକୁ କରିବାକୁ ପଡିଛି। କିଛି ଛାତ୍ର ମମତା ଫେରିଯାଅ ସ୍ଲୋଗାନ ଦେଇ ପଶ୍ଚିମବଙ୍ଗ ହିଂସା, ଆରଜି କର କଲେଜ ଦୁଷ୍କର୍ମ-ହତ୍ୟା ମାମଲା ଏବଂ ସନ୍ଦେଶଖାଲିରେ ମହିଳା ବିରୋଧୀ ଅପରାଧକୁ ନେଇ ତାଙ୍କୁ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ମମତା କହିଥିଲେ ଯେ ମାମଲା କୋର୍ଟରେ ଅଛି ବୋଲି ଆପଣ ଜାଣିଛନ୍ତି। ଏହି ମାମଲା ରାଜ୍ୟ ସରକାରଙ୍କ ହାତରେ ନାହିଁ। ଏବେ କେନ୍ଦ୍ର ସରକାର ଦେଖୁଛନ୍ତି। ଏହା ସତ୍ତ୍ୱେ ବି ଛାତ୍ର ଶାନ୍ତ ନ ହେବାରୁ ମମତା କହିଥିଲେ ଯେ ଏଠାରେ ରାଜନୀତି କର ନାହିଁ। ଏହା ରାଜନୀତିର ମଞ୍ଚ ନୁହେଁ। ମୋ ରାଜ୍ୟକୁ ଆସି ମୋ ସହ ରାଜନୀତି କର। ଏହା ଶୁଣି ଷ୍ଟୁଡେଣ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସଏଫଆଇ-ୟୁକେ) ପ୍ରଦର୍ଶନକାରୀଙ୍କ ହଙ୍ଗାମା କରିଥିଲେ। ଏଥିଯୋଗୁଁ ମମତା ଭାଷଣ ଅଧାରୁ ବନ୍ଦ କରିଦେଇଥିଲେ। ମମତାଙ୍କ ମିଥ୍ୟା ଦାବିକୁ ବିରୋଧ କରୁଛୁ ବୋଲି ଛାତ୍ର କହିଥିଲେ।



ଏହା ପୂର୍ବରୁ କାର୍ଯ୍ୟକ୍ରମ ସମୟରେ ମମତା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଭାରତ ୨୦୬୦ ସୁଦ୍ଧା ବିଶ୍ୱର ସବୁଠାରୁ ବଡ଼ ଅର୍ଥ ବ୍ୟବସ୍ଥା ହେବ କି ବୋଲି ଦିଦିଙ୍କୁ ପଚରା ଯାଇଥିଲା। ସେ ଏହା ଉପରେ ଅସହମତି ପ୍ରକାଶ କରିଥିଲେ। ଅଲଗା ରାୟ ରଖିଥିବା କହିଥିଲେ। ସେହିପରି ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଦିଦି କହିଥିଲେ ଯେ ଏକତା ବଜାୟ ରଖିବା କଠିନ କାମ, କିନ୍ତୁ କିଛି ମୁହୂର୍ତ୍ତରେ ବିଭାଜନ କରିହେବ। ମୁଖ୍ୟମନ୍ତ୍ରୀ ଆସନରେ ବସିଥିବାରୁ ସମାଜକୁ ଭାଗ ଭାଗ କରିପାରିବି ନାହିଁ। ମୋତେ ଦୁର୍ବଳ ଏବଂ ଗରିବଙ୍କ ଧ୍ୟାନ ରଖିବାକୁ ହେବ।

### କଠୁଆ ଏନ୍‌କାଉଣ୍ଟର

## ୪ ସୁରକ୍ଷାକର୍ମୀ ସହିଦ; ୨ ଆତଙ୍କବାଦୀ ନିହତ




ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି): ଜମ୍ମୁ-କଶ୍ମୀର କଠୁଆ ଜିଲ୍ଲା ଘଟି ଜୁଥାନା ଅଞ୍ଚଳର ଜଖୋଲା ଗ୍ରାମ ନିକଟରେ ଏନ୍‌କାଉଣ୍ଟର ହୋଇଛି। ଏଠାରେ ସୁରକ୍ଷାବାହିନୀ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଆହୁରି ତିନିରୁ ଚାରି ଆତଙ୍କବାଦୀ ଲୁଚି ରହିଥିବା ଆଶଙ୍କା କରାଯାଉଛି। ସେହିପରି ଆତଙ୍କବାଦୀଙ୍କ ଗୁଳିରେ ଚାରି ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି। ଏସ୍‌ଓଜି ଟିମ୍‌ର ନେତୃତ୍ୱ ନେଉଥିବା ଡିଏସ୍‌ପି ଧୀରଜ ସିଂହଙ୍କ ସମେତ ୭ ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଛନ୍ତି। ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଗୁରୁବାର ସକାଳେ ଆରମ୍ଭ ହୋଇଥିବା ଏହି ଏନକାଉଣ୍ଟରରେ ଏସଓଜି ଯବାନ ତାରିକ ଅହମ୍ମଦ, ଜଶବନ୍ତ ସିଂହ ଏବଂ ବଲବିନ୍ଦର ସିଂହ ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଏମାନେ ପ୍ରାଣ ହରାଇଥିଲେ। ସେହିପରି ଶୁକ୍ରବାର ସକାଳେ ଚତୁର୍ଥ ଯବାନଙ୍କ ମୃତଦେହ ମିଳିଥିଲା।

ଏହି ଅଞ୍ଚଳରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଛାମୁଆ ଶାଖା ପିପୁଲ୍ସ ଆଣ୍ଟି ଫାସିଷ୍ଟ ଫ୍ରଣ୍ଟର ୯ ଆତଙ୍କବାଦୀ ଲୁଚି ରହିଥିବାର ଗୁଇନ୍ଦା ସୂଚନା ମିଳିଥିଲା। ଏହା ପରେ ବିଏସଏଫ, ସେନା, ସିଆରପିଏଫ, ଏନଏସ୍‌ଜି, ଏସିଓପି ଏବଂ ପୁଲିସର ମିଳିତ ଟିମ୍ ଚାରିପଟୁ ଘେରଉ କରି ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା।

### ଟଙ୍କା ଦୁଇ ଗୁଣ କରିବା ନାମରେ ଠକେଇ

## ଶ୍ରେୟସ୍ ତଲ୍‌ପଡେଙ୍କ ବିରୋଧରେ ମାମଲା

ଲକ୍ଷ୍ନୌ, ୨୮।୩ (ଏଜେନ୍ସି): ବଲିଉଡ ଅଭିନେତା ଶ୍ରେୟସ ତଲପଡେଙ୍କ ବିରୋଧରେ ଉତ୍ତର ପ୍ରଦେଶରେ ମାମଲା ରୁଜୁ ହୋଇଛି। କୋଟି କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତିରେ ସେ ସାମିଲ ଥିବା ଅଭିଯୋଗ ହୋଇଛି। ତାଙ୍କ ବ୍ୟତୀତ ଆଉ ୧୪ ଜଣଙ୍କ ନାମରେ ମଧ୍ୟ



ମାମଲା ରୁଜୁ ହୋଇଛି। ରିପୋର୍ଟ ଅନୁଯାୟୀ ଅଭିନେତା ଶ୍ରେୟସ 'ଲୋନି ଅର୍ବାନ ମଲ୍ଟିଷ୍ଟେଟ କ୍ରେଡିଟ ଆଣ୍ଡ ଥ୍ରିଫ୍ଟ କୋ-ଅପରେଟିଭ ସୋସାଇଟି ଲିମିଟେଡ କମ୍ପାନୀ' ସହ ଜଡ଼ିତ ଅଛନ୍ତି। ଏହି କମ୍ପାନୀ ଗ୍ରାମବାସୀଙ୍କ ଟଙ୍କା ଦୁଇ ଗୁଣ କରିବ ବୋଲି ଦାବି କରୁଥିଲା। ଶ୍ରେୟସ ଏହି କମ୍ପାନୀରେ ସାମିଲ ଥିବା କୁହାଯାଉଥିଲା। ଲୋକେ ଅଭିନେତାଙ୍କୁ ଦେଖି ସହଜରେ ଭରସା କରି ନେଇଥିଲେ। ଆଉ ଏହି କମ୍ପାନୀରେ କୋଟି କୋଟି ଟଙ୍କା ଲଗାଇ ଥିଲେ। ଟଙ୍କା ନିବେଶ କରିଥିବା ଲୋକଙ୍କ ମଧ୍ୟରେ ମେକାନିକଙ୍କଠାରୁ ନେଇ ମିସ୍ତ୍ରୀଙ୍କ ପର୍ଯ୍ୟନ୍ତ ସାମିଲ ଅଛନ୍ତି। ତେବେ ଟଙ୍କା ଫେରାଇବାକୁ କହିବାରୁ କମ୍ପାନୀର ଏଜେଣ୍ଟ ଅଚାନକ ଅଫିସ ବନ୍ଦ କରିଦେଇ ଜିଲ୍ଲାରୁ ପଳାଇ ଥିଲେ।

ଏହି ମାମଲାରେ ମହୋବାର ଶ୍ରୀନଗର ଥାନାରେ କମ୍ପାନୀର ଅଧ୍ୟକ୍ଷ ଏବଂ ଶ୍ରେୟସ ତଲପଡେଙ୍କ ସମେତ ୧୫ ଜଣଙ୍କ ବିରୋଧରେ ଗ୍ରାମବାସୀ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଦେଇଛି। ଏବେ କମ୍ପାନୀର ସବୁ ନମ୍ବର ବନ୍ଦ ଅଛି ବୋଲି ଯାଞ୍ଚରୁ ଜଣାପଡ଼ିଛି। ଏହା ପୂର୍ବରୁ ମଧ୍ୟ ଶ୍ରେୟସଙ୍କ ବିରୋଧରେ ଠକେଇ ଅଭିଯୋଗ ଲାଗିଥିଲା।

### ■ ନେପାଳରେ ରାଜତନ୍ତ୍ର ପ୍ରତିଷ୍ଠା ଦାବିରେ ହିଂସ୍ରକ ଆନ୍ଦୋଳନ

## ଏମର୍ଜେନ୍ସି ଭଳି ସ୍ଥିତି; ହିଂସାରେ ୨ ମୃତ

### କାଠମାଣ୍ଡୁରେ କର୍ଫ୍ୟୁ;ସେନା ମୁତୟନ


### ସରକାରଙ୍କୁ ସପ୍ତାହେ କଣ୍ଟ ଦେଲେ ବିକ୍ଷୋଭକାରୀ

କାଠମାଣ୍ଡୁ, ୨୮।୩ (ଏଜେନ୍ସି): ନେପାଳରେ ଗଣତନ୍ତ୍ର ବିରୋଧୀ ଆନ୍ଦୋଳନ ଜୋରଦାର ହେବାରେ ଲାଗିଛି। ରାଜତନ୍ତ୍ର ପ୍ରତିଷ୍ଠା ଦାବିରେ ଲୋକେ ଶୁକ୍ରବାର ହିଂସ୍ରକ ଆନ୍ଦୋଳନ କରିଛନ୍ତି। ପ୍ରଦର୍ଶନକାରୀ କାଠମାଣ୍ଡୁର ତିନକୁନେରେ ଥିବା ଏକ କୋଠାରେ



ଭଙ୍ଗାରୁଜା କରି ନିଆଁ ଲଗାଇ ଦେଇଛନ୍ତି। ଗଣତନ୍ତ୍ର ସପକ୍ଷବାଦୀଙ୍କ ସହ ମଧ୍ୟ ମୁହାଁମୁହିଁ ହୋଇଛନ୍ତି। ପୁଲିସ ଉପରେ ପଥରମାଡ କରିଛନ୍ତି। ପୁଲିସ ଅଟକାଇବାରୁ ବାରିକେଡ ଭାଙ୍ଗି ଆଗକୁ ବଢ଼ିଛନ୍ତି। ଏହାକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସ୍ଥିତି ବିଗୁଡୁଥିବା ଦେଖି ପୁଲିସ ଲୁହବୁହା ଗ୍ୟାସ୍ର ଗୋଳା ମାଡ଼ କରିଛି। ଏଥିରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଛି। ୩୦ରୁ ଅଧିକ ଆହତ ହୋଇଛନ୍ତି। ପୁଲିସ ଅନେକ ଯୁବକଙ୍କୁ ମଧ୍ୟ ଗିରଫ କରିଛି। ଏହା ଜାଣିବା ପରେ ପ୍ରଦର୍ଶନକାରୀ ଅଧିକ ଉଗ୍ର ହୋଇ ଉଠିଛନ୍ତି। ଏହାକୁ ଦେଖି କାଠମାଣ୍ଡୁରେ କର୍ଫ୍ୟୁ ଲଗାଇ ଦିଆଯାଇଛି। ସେନା ମୁତୟନ କରାଯାଇଛି। ସୂଚନା ଅନୁଯାୟୀ ଦେଶର ୪୦ରୁ ଅଧିକ ସଂଗଠନ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜା ଆସନ୍ତୁ ଦେଶ ବଞ୍ଚାନ୍ତୁ, ଭ୍ରଷ୍ଟ ସରକାର ମୁର୍ଦାବାଦ ଏବଂ ପୁଣି ରାଜତନ୍ତ୍ର ଫେରୁ ବୋଲି ପ୍ରଦର୍ଶନକାରୀ ସ୍ଲୋଗାନ ଦେଇଛନ୍ତି। ସେମାନେ ସରକାରଙ୍କୁ ସପ୍ତାହେ କଣ୍ଟ ଦେଇଛନ୍ତି। ଯଦି ସପ୍ତାହେ ମଧ୍ୟରେ ସରକାର କୌଣସି ନିଷ୍ପତ୍ତି ନ ନେବେ ତେବେ ଉଗ୍ର ବିରୋଧ ପ୍ରଦର୍ଶନ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଗୋଷ୍ଠୀ 'ସମାଜବାଦୀ ମୋର୍ଚ୍ଚା' ନେତୃତ୍ୱରେ ହଜାର ହଜାର ପ୍ରଦର୍ଶନକାରୀ ଭ୍ରିକୁଟିମଣ୍ଡପ ଅଞ୍ଚଳରେ ଏକାଠି ହୋଇଛନ୍ତି। ଏମାନେ ଗଣତନ୍ତ୍ର ଜିନ୍ଦାବାଦ, ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ରାଜତନ୍ତ୍ରକୁ ସମାପ୍ତ କର ବୋଲି ସ୍ଲୋଗାନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଫେବୃଆରୀ ୧୯ରେ ଗଣତନ୍ତ୍ର ଦିବସ ଅବସରରେ ନେପାଳର ପୂର୍ବତନ ରାଜା ଏକ ଭିଡିଓ ବାର୍ତ୍ତା ଜାରି କରି ଜନତାଙ୍କୁ ସମର୍ଥନ ମାଗିଥିଲେ। ସେ ରାଜତନ୍ତ୍ରଙ୍କୁ ସମର୍ଥନ ଦେବାକୁ କହିଥିଲେ। ଏହା ପରେ ନେପାଳରେ ପୁଣି ରାଜତନ୍ତ୍ର ପ୍ରତିଷ୍ଠା ଦାବି ଜୋର ଧରିଥିଲା। ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଏବଂ ଅନ୍ୟ ରାଜତନ୍ତ୍ର ସପକ୍ଷବାଦୀ ଦଳ ଏହି ଦାବିକୁ ଜୋରଦାର କରିଥିଲେ।

## ପତ୍ନୀଙ୍କୁ ହତ୍ୟା କରି ସୁଟ୍‌କେସ୍‌ରେ ଭର୍ତ୍ତି କଲେ



ବେଙ୍ଗାଲୁରୁ, ୨୮।୩ (ଏଜେନ୍ସି): କର୍ଣ୍ଣାଟକ ବେଙ୍ଗାଲୁରୁର ହୁଲିମାଭୁ ଅଞ୍ଚଳରେ ବୁଧବାର ପତ୍ନୀକୁ ହତ୍ୟା ପରେ ମୃତଦେହକୁ ସୁଟ୍‌କେସରେ ଭର୍ତ୍ତି କରି ପାଇଖାନାରେ ଛାଡ଼ି ସ୍ୱାମୀ ପୁନେ ପଳାଇଛି। ଏଠାରୁ ଶଶୁରଘର ଲୋକଙ୍କୁ ଫୋନ୍ କରି ହତ୍ୟାର ସୂଚନା ଦେଇଛି। ପରେ ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଛି। କାରରୁ ଅଚେତ ଅବସ୍ଥାରେ ଲୋକେ ତାକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୁନେ ପୁଲିସ ଅଭିଯୁକ୍ତକୁ ଗୁରୁବାର ସନ୍ଧ୍ୟାରେ ଗିରଫ କରିଛି। ସୂଚନାନୁଯାୟୀ ଗତ ୨୬ରେ ମହାରାଷ୍ଟ୍ରର ସ୍ୱାମୀ ରାକେଶ ଏବଂ ସ୍ତ୍ରୀ ଗୌରୀ ଅନୀଲ ସାମ୍ବେକରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ କ୍ଷୁବ୍ଧ ହୋଇ ସ୍ୱାମୀ ପତ୍ନୀଙ୍କ ପେଟରେ ଛୁରି ଭର୍ତ୍ତି କରିଦେଇଥିଲା। ପରେ ତଣ୍ଟି ଚିପି ହତ୍ୟା କରିଥିଲା। ରାକେଶ ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ଗୌରୀ ଗଣମାଧ୍ୟମ ଏବଂ ଯୋଗାଯୋଗରେ ଗ୍ରାଜୁଏସନ କରିଥିଲେ। ଅନ୍ୟପକ୍ଷରେ ମହାରାଷ୍ଟ୍ର ସାଙ୍ଗଲି ଜିଲ୍ଲା ମଙ୍ଗଲେ ଗ୍ରାମର ମଙ୍ଗେଶ ଚନ୍ଦ୍ରକାନ୍ତ କାମ୍ବଲେ ନିଶାଗ୍ରସ୍ତ ହୋଇ ନିଜ ପତ୍ନୀ ପ୍ରାଜକ୍ତାକୁ ତଣ୍ଟି ଚିପି ହତ୍ୟା କରି ମୃତଦେହକୁ ଖଣ୍ଡ ଖଣ୍ଡ କରିଛି। ଏହାକୁ ଇଲେକ୍ଟ୍ରିକ ପମ୍ପ ବାକ୍ସରେ ଭର୍ତ୍ତି କରିଦେଇଛି। ପରେ ଥାନାରେ ଯାଇ ଆତ୍ମସମର୍ପଣ କରିଛି।

### କୃଷ୍ଣକାୟ ଶିଶୁଙ୍କୁ ପୋଷ୍ୟ କରି ଗୋଲାମ ବନାଉଥିଲେ

# ଆମେରିକା ଦମ୍ପତିଙ୍କୁ ୩୬୫ ବର୍ଷ ଜେଲ୍‌ଦଣ୍ଡ

ୱାସିଂଟନ, ୨୮।୩ (ଏଜେନ୍ସି): ଆମେରିକା ୱେଷ୍ଟ ଭର୍ଜିନିଆର ଶ୍ୱେତାଙ୍ଗ ଦମ୍ପତି ଜେନି କେ ହ୍ୱାଇଟଫିଦର (୬୩) ଏବଂ ତାଙ୍କ ସ୍ୱାମୀ ଡୋନାଲ୍ଡ ଲାଣ୍ଟଜ (୬୪) କୃଷ୍ଣକାୟ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଥିଲେ। ଏଭଳି କାର୍ଯ୍ୟ ପାଇଁ ସମାଜରେ ନିଜର ଭଲ ଛବି ସୃଷ୍ଟି କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ଜଣେ କି ଦୁଇ ଜଣ ନୁହେଁ, ପ୍ରାୟ ୫ କୃଷ୍ଣକାୟ ଶିଶୁଙ୍କୁ ସେ ପୋଷ୍ୟ କରିଥିଲେ। ମାତ୍ର ଶ୍ୱେତାଙ୍ଗ ଦମ୍ପତି ହୋଇ କଳା ପିଲାଙ୍କୁ ପୋଷ୍ୟ କରୁଥିବା ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ତଦନ୍ତରୁ ଏହା ପଛରେ ଥିବା ଭୟଙ୍କର ଉଦ୍ଦେଶ୍ୟ ସାମ୍ନାକୁ ଆସିଥିଲା। ଉଭୟେ ବର୍ଣ୍ଣବୈଷମ୍ୟ ଭେଦଭାବ ରଖିଥିଲେ। ମାନବ ଚାଲାଣ କରିବାକୁ ଚାହୁଁଥିଲେ। ପିଲାଙ୍କୁ ଗୋଲାମ କରି ଘରୋଇ କାମ କରିବାକୁ ବାଧ୍ୟ କରୁଥିଲେ। ଖରାପ ପରିବେଶରେ ରଖିଥିଲେ। ଏବେ ୱେଷ୍ଟ ଭର୍ଜିନିଆର ସର୍କିଟ କୋର୍ଟ ଏହି ମାମଲାରେ ଦମ୍ପତିଙ୍କୁ ୩୬୫ ବର୍ଷର କଠୋର ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଏହା ଆମେରିକା ଇତିହାସର ସବୁଠୁ ଅଧିକ ବର୍ଷର ଜେଲ୍ ଦଣ୍ଡ ବୋଲି କୁହାଯାଉଛି। ରାୟ ଶୁଣାଇ ବିଚାରପତି କହିଥିଲେ ଯେ ଦମ୍ପତ୍ତି ଶିଶୁଙ୍କ ଜୀବନକୁ ନର୍କ କରିଦେଇଥିଲେ। ଏବେ ତାଙ୍କୁ ନିଜ ସ୍ଥାନକୁ ପଠାଇ ଦିଆଯିବ। ଭଗବାନ ତୁମକୁ କ୍ଷମା ଦେଇପାରନ୍ତି, କିନ୍ତୁ କୋର୍ଟ ଦେବେ ନାହିଁ।



ଏହି ମାମଲା ୨୦୨୩ର। କନୱାହା କାଉଣ୍ଟି ସେରିଫ ବିଭାଗର ଅଧିକାରୀ ଦମ୍ପତିଙ୍କ ଘରେ ଚଢ଼ଉ କରିଥିଲେ। ସେଠାରେ ଯାହା ଦେଖିଥିଲେ ତାହା କୌଣସି ଖରାପ ସ୍ୱପ୍ନଠାରୁ ବି କମ୍ ନ ଥିଲା। ପିଲାଙ୍କୁ ଗୋଟିଏ କ୍ଷୁଦ୍ର ଜନ୍ତୁ ଭଳି ପ୍ରକୋଷ୍ଠରେ ଅମାନବୀୟ ସ୍ଥିତିରେ ରଖାଯାଇଥିଲା। ବାୟୁ ଚଳାଚଳର କୌଣସି ବ୍ୟବସ୍ଥା ମଧ୍ୟ ନ ଥିଲା। ପାଣି କି ପବନ ଠିକ୍‌ରେ ଆସୁ ନ ଥିଲା। ଶିଶୁଙ୍କୁ ତଳେ ଶୋଇବାକୁ ପଡୁଥିଲା। ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଏହି ପ୍ରକୋଷ୍ଠକୁ ବନ୍ଦ କରି ରଖାଯାଉଥିଲା। ଏଥିଯୋଗୁଁ ୫ ଶିଶୁ ଦୁର୍ବଳ ହୋଇ ଯାଇଥିଲେ। ଖାଇବାକୁ ନ ପାଇ ସମସ୍ତେ ଅପପୁଷ୍ଟିର ଶିକାର ହୋଇଥିଲେ। ଏହି ଦମ୍ପତି କଳା ଶିଶୁଙ୍କୁ ଘୃଣା କରୁଥିବାରୁ ଶୋଷଣ କରୁଥିଲେ।

## ପରିବା ଫସଲ ନଷ୍ଟକଲେ ହାତୀପଲ

ବେଗୁନିଆ,୨୮ ।୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଜାଲଭାର ଜଙ୍ଗଲରୁ ୮ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହୋଇ ଦୁଇ ଏକର ଜମିର ପରିବା ଫସଲକୁ ନଷ୍ଟ କରି ଦେଇଛନ୍ତି। ସୂଚନା ଅନୁଯାୟୀ, ଶଗଡ଼ଭଙ୍ଗା ଗ୍ରାମର ସୁରେନ୍ଦ୍ର କୁମାର ସୁନ୍ଦରାୟ ଓ ପ୍ରସନ୍ନ କୁମାର ବଳିୟାରସିଂହ ଦୁଇ ଏକର ଜମିରେ କୋବି, ମକା, ବାଇଗଣ, ଟମାଟୋ ଓ ଲଙ୍କା ଚାଷ କରିଥିଲେ। ତେବେ ଅତର୍କିତ ଭାବେ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ



ପଶି ଚାଷ ନଷ୍ଟ କରୁଥିବା ବେଳେ ବନ ବିଭାଗ କର୍ମଚାରୀ ପହଞ୍ଚି ଜନସାଧାରଣଙ୍କ ସହଯୋଗରେ ହାତୀପଲକୁ ଘଉଡାଇବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଏଥିରେ ପ୍ରାୟ ଦୁଇ ଲକ୍ଷ ଟଙ୍କାର ପରିବା ଫସଲ ନଷ୍ଟ ହୋଇଥିବାର ଚାଷୀ ଦୁଇଜଣ ଅଭିଯୋଗ କରିଥିବା ସ୍ଥଳେ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି।

## ମୋରମ ଚାଲାଣ ବେଳେ ଚଢ଼ଉ

ବେଗୁନିଆ,୨୮ ।୩(ସମିସ): ବାଘମାରୀ ଥାନା ଅନ୍ତର୍ଗତ ଅଟ୍ରିସ୍ଥିତ ମୋରମ ଖଣିରେ ମାଟି ଉତ୍ତୋଳନ ଓ ଖନନ କରୁଥିବା ବେଳେ ଅତର୍କିତ ଭାବେ ଚଢ଼ଉ ହୋଇଥିଲା। ଏଥିରେ ମୋଟ ଦୁଇଟି ହାଇୱା ଓ ଗୋଟିଏ ପ୍ରୋକଲିନ ଅଟକ ରଖି ପୁଲିସ ନିକଟରେ ଜିମା ଦିଆଯାଇଛି। ତେବେ ଜିଲ୍ଲା ଖଣି ନିଗମ ଅଧିକାରୀ ଜଗନ ବେହେରାଙ୍କୁ ପଚାରିବାର ସେ କହିଥିଲେ ଯେ ବାଘମାରୀଠାରେ ବାଇପାସ୍



ରାସ୍ତା ନିର୍ମାଣ ପାଇଁ ଠିକାଦାର ସଂସ୍ଥା ପକ୍ଷରୁ ମୋରମ ଖନନ ଓ ଉତ୍ତୋଳନ ହେଉଥିବା ବେଳେ ରାଜସ୍ୱ ନିରୀକ୍ଷକ ପହଞ୍ଚି ଗାଡ଼ିକୁ ଅଟକ ରଖିଥିଲେ। ପରେ ଆବଶ୍ୟକୀୟ କାଗଜାତଗୁଡ଼ିକୁ ତନଖି କରିବା ପରେ ସଠିକ ରହିଛି ବୋଲି କହିଛନ୍ତି।

### ପ୍ରଶାସନର ବେପରୁଆ ମନୋଭାବ

# ମିଳିଲାନି ନ୍ୟାୟ; ଗାଁ ଛାଡ଼ିବେ ବାସନ୍ଦ ପରିବାର

ବେଗୁନିଆ,୨୮ ।୩(ସମିସ)

ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ମଶାଣିଆ ଗ୍ରାମରେ କିଛି ଲୋକ ସ୍ୱାର୍ଥସାଧନ କରିବା ପାଇଁ ପ୍ରଶାସନକୁ ହାତବାରିସି କରି ବାସନ୍ଦ ପରିବାର ଉପରେ ବାରମ୍ବାର ଅତ୍ୟାଚାର କରୁଥିବା ଅଭିଯୋଗ ହୋଇଛି। ଯାହାର ପରିଣାମ ସ୍ୱରୂପ ଉକ୍ତ ପରିବାର ଏବେ ଗାଁ ଛାଡ଼ିବା ପାଇଁ ବାଧ ହେଉଛନ୍ତି। ଏହି ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ କରାଯାଇ ଥିଲେ ମଧ୍ୟ ଅସୁବିଧା ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଯୋଗୁଁ ଦିନକୁ ଦିନ ନିର୍ଯାତନା କମିବା ପରିବର୍ତ୍ତେର୍ ବଢ଼ି ଚାଲିଛି। ତେବେ ପ୍ରଶାସନ ଚାହିଁଲେ ଘଟଣାର ସ୍ଥାୟୀ ସମାଧାନ ହୋଇପାରନ୍ତା ବୋଲି ସଚେତନ ନାଗରିକ ଯୁକ୍ତି ବାଢୁଥିବା ବେଳେ ବିଭିନ୍ନ ମହଲରୁ ଚାପର ବଶବର୍ତ୍ତୀ ହେଉଥିବାରୁ ୨୦୧୯ ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭିନ୍ନ ସମୟରେ ଏହି ମାମଲା ବିଭିନ୍ନ ରୂପ ନେଉଥିବା ପରିଲକ୍ଷିତ ହେଉଛି।

ସୂଚନା ଅନୁଯାୟୀ, ମଶାଣିଆ ଗ୍ରାମର ବରିଷ୍ଠ ନାଗରିକ ଜୟକୃଷ୍ଣ ସାହୁ ସମାଜର ଉନ୍ନତି ପାଇଁ ଜନସାଧାରଣଙ୍କ ହିତରେ ବିଭିନ୍ନ କାର୍ଯ୍ୟ କରିଥାନ୍ତି। ୨୦୧୯ ମସିହାରେ ତାଙ୍କର ସ୍ଥିତିବାନ ଜମିବାଡ଼ି ଓ ଜଗନ୍ନାଥଙ୍କ ଜମିକୁ ନେଇ ପଡୋଶୀ ଗ୍ରାମର ସଭାପତିଙ୍କ ସହ ମତାନ୍ତର ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଶ୍ରୀ ସାହୁଙ୍କୁ ନିଆଁ ପାଣି ବାସନ୍ଦ କରାଯାଇଥିଲା। ଏପରିକି ଶ୍ରୀ ସାହୁଙ୍କ ପତ୍ନୀ ସଞ୍ଜୁଲତା ହତୋତ୍ସାହ ହୋଇ ପରିବାର ଇଚ୍ଛାମୃତ୍ୟୁ ପାଇଁ ପ୍ରଶାସନିକ ଉଚ୍ଚ ପଦସ୍ଥ ଅଧିକାରୀ ଓ ଉଚ୍ଚ ନ୍ୟାୟାଳୟରେ ନିବେଦନ କରିଥିଲେ। ଜିଲ୍ଲାପାଳଙ୍କ ଚିଠି ନଂ୧୪୭୩୭/୭.୯.୧୯ ଅନୁସାରେ ବେଗୁନିଆ ତହସିଲଦାର ମଶାଣିଆ ଗ୍ରାମକୁ ଯାଇ ଉଭୟ ପକ୍ଷଙ୍କୁ ଡାକି ଘଟଣାର ସମାଧାନ କରିଥିବାବେଳେ ପୁନଶ୍ଚ ୨୦୨୨ ସେପ୍ଟେମ୍ବର ମାସରେ ଶ୍ରୀ ସାହୁଙ୍କଠାରୁ ଭାଗବତପୂର୍ଣ୍ଣିମା ଚାନ୍ଦା ଗ୍ରହଣ କରାନଯିବା ଓ ଗ୍ରାମଫଣ୍ଡ ଟଙ୍କା ସମସ୍ତଙ୍କୁ ବଣ୍ଟାଯାଇଥିବା ବେଳେ ଅଂଶ ଧନ ନ ଦେଇ ପୁନଶ୍ଚ ଗଠନ କରାଯାଉଥିବା ନୂତନ ଫଣ୍ଡରେ ରହିବା ପାଇଁ କୁହାଯାଇଥିଲା। ଶ୍ରୀ ସାହୁ ଏଥିରେ ରାଜି ନ ହେବାରୁ ଏକଘରିକିଆ କରାଯାଇଥିବାରୁ ସିସିଟିଏନଏସରେ ୨୦୨୩ ମସିହାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଉଚ୍ଚ କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରିବାରୁ ଖୋର୍ଦ୍ଧା ଏସ୍‌ଡିପିଓ ଲୋକସେବା ଅଧିକାର ଅଧିନିୟମ ୨୦୧୨ରେ ପ୍ରଣୀତ ଆଇନ ଅନୁସାରେ ଅଭିଯୋଗ କରିଥିଲେ। ଏଥିରେ ଦୋଷୀମାନଙ୍କ ବିରୋଧରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସ୍ୱରାଷ୍ଟ୍ର ବିଭାଗ ଶାସନ ସଚିବଙ୍କ ନିକଟରେ ୨୦୨୪ ମସିହାରେ ଲିଖିତ ଅଭିଯୋଗ କରିଥିଲେ। ଭୁବନେଶ୍ୱର ରାଜ୍ୟ ମାନବିକ ଅଧିକାର ଆୟୋଗଙ୍କ ନିକଟରେ କେଶ ନଂ ୮୩୨/୨୪ରେ ମଧ୍ୟ ଅଭିଯୋଗ କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକାରୀ ଓଆର୍‌ଏଚ୍‌ଆର୍‌ସିଙ୍କୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୩ ଓ ୨୪ ମସିହାରେ ତାଙ୍କ ଦୁଆରେ ଠାକୁର ଭୋଗ ଖାଇଥିବାବେଳେ ତାଙ୍କଠାରୁ କୌଣସି ଚାନ୍ଦା ଭେଦା ନିଆ ଯାଉ ନ ଥିବା ବେଳେ ପ୍ରଶାସନ ପକ୍ଷରୁ ଯଦି ଘଟଣା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା ତାହେଲେ ଘଟଣାର ପୁନରାବୃତ୍ତି ହୋଇନଥାନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଚଳିତ ମାସ ୧୩ ତାରିଖ ଦିନ ଦୋଳପୂର୍ଣ୍ଣିମୀରେ ଠାକୁର ଗ୍ରାମରେ ଚାଚେରୀ ଭୋଗ ଖାଉଥିବାବେଳେ ଜୟକୃଷ୍ଣଙ୍କ ଦୁଆରେ ଠାକୁର ଭୋଗ ଖାଇବାକୁ ବାରଣ କରାଯାଇଥିଲା।

ଏସବୁ ସତ୍ତ୍ୱେ ଶ୍ରୀ ସାହୁଙ୍କ ଦୁଆରେ ଠାକୁର ଭୋଗ ନଖାଇବା ଯୋଗୁଁ ସେ ୧୪ ତାରିଖରେ ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରିବାରୁ ପୁଲିସ ଗ୍ରାମ ସଭାପତି, ମାଳି ଓ ପୂଜାରୀଙ୍କୁ ଡାକି ବୁଝାସୁଝା କରିଥିଲା। ତେବେ ତାଙ୍କ କଥାକୁ କେହି ଶୁଣୁ ନ ଥିବାରୁ ଭୟଭୀତ ଅବସ୍ଥାରେ ପରିବାର ସଦସ୍ୟା ଜୀବନ ନିର୍ବାହ କରୁଥିବା କହିଛନ୍ତି।

## ଦେଶୀମଦ ଜବତ; ୨ ଗିରଫ

ବେଗୁନିଆ,୨୮ ।୩(ସମିସ): ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ଭ୍ରାମ୍ୟମାଣ ଅବକାରୀ ବିଭାଗ ଥାର୍ପା ମାରାଣ୍ଡିଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ବିଭାଗ ଅଞ୍ଚଳରେ ଆଜି ଚଢ଼ଉ ହୋଇଛି। ଏଥିରେ ମୋଟ ୪୫ ଲିଟର ଦେଶୀମଦ ଜବତ ସହ ଚଟୁଆ ଓ ପିଚୁକୁଳି ଗ୍ରାମର ସୁଶାନ୍ତ କୁମାର ସାହୁ ଓ ଅନନ୍ତ ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଫେରାର ହତ୍ୟା ଅଭିଯୁକ୍ତକୁ ଉଠାଇନେଲା ସୁରଟ ପୁଲିସ

ବାଣପୁର,୨୮ ।୩(ସମିସ): ଏକ ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘ ୩୦ବର୍ଷ ଧରି ଫେରାର ଥିବା ବାଣପୁର ଥାନା ଅଞ୍ଚଳର ଜଣେ ଅଭିଯୁକ୍ତକୁ ବାଣପୁର ପୁଲିସ ସହାୟତାରେ ଗୁଜରାଟର ସୁରଟ ପୁଲିସ ବାଣପୁରରୁ ଉଠାଇ ନେଇଛି। ଅଭିଯୁକ୍ତ ଜଣକ ହେଲା, ବାଣପୁର ଥାନା ଦାଶରଥିପୁର ସାହିର ରାଜେନ୍ଦ୍ର ପରିଡ଼ା(୫୨)। ସୂଚନା ମୁତାବକ, ଦାଶରଥିପୁର ସାହିର ରାଜେନ୍ଦ୍ର ଦୀର୍ଘ ୩୦ ବର୍ଷ ପୂର୍ବେ ଗୁଜରାଟର ସୁରଟ ସହରରେ କାମ କରୁଥିବା ସମୟରେ ଏକ ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଥିଲା। ସୁରଟ ପୁଲିସ ତାଙ୍କୁ ବହୁ ଖୋଜାଖୋଜି କରିବାରୁ ରାଜେନ୍ଦ୍ର ଗିରଫ ଭୟରେ ସୁରଟ ଛାଡ଼ି ଆସି ଉକ୍ତ ଦିନଠାରୁ ବାଣପୁରର ଦାଶରଥିପୁର ସାହିସ୍ଥିତ ନିଜ ଘରେ ରହି ଆସୁଥିଲେ। ଦୀର୍ଘ ୩୦ବର୍ଷ ଧରି ଫେରାର୍ ଥିବା ଅଭିଯୁକ୍ତକୁ ଧରିବା ପାଇଁ ସୁରଟର ଏକ କୋର୍ଟରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଏହି ଜାମିନବିହୀନ ଗିରଫ ପରୱାନା ବଳରେ ସୁରଟ ପୁଲିସର ଏକ ଟିମ୍ ଆସି ବାଣପୁର ପୁଲିସ ସହାୟତାରେ ରାଜେନ୍ଦ୍ରକୁ ତାଙ୍କ ଘରୁ ଗିରଫ କରିଛି।

## ଚତୁର୍ଦ୍ଧା ଫାଉଣ୍ଡେସନ୍ ପକ୍ଷରୁ ୨ ସ୍କୁଲକୁ ୱାଟର କୁଲର୍ ପ୍ରଦାନ





ଭୁବନେଶ୍ୱର,୨୮ ।୩(ସମିସ): ଚତୁର୍ଦ୍ଧା ଫାଉଣ୍ଡେସନ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭଗବାନପୁର ସରକାରୀ ବିଦ୍ୟାଳୟ ଓ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଅଣ୍ଡାସ୍ଥିତ ଶ୍ରୀ ସାଳେଶ୍ୱର ସ୍ୱପ୍ନେଶ୍ୱରଦେବ ବିଦ୍ୟାପୀଠରେ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ୱାଟର କୁଲର ପ୍ରଦାନ କରାଯାଇଛି। ଖରା ସମୟରେ ଏହି ୱାଟର କୁଲର୍‌ଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ଶୀତଳ ପାନୀୟ ଜଳ ଯୋଗାଇବ। ଏଥିପାଇଁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଫାଉଣ୍ଡେସନ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ଫାଉଣ୍ଡେସନ୍ ପକ୍ଷରୁ ଅନ୍ୟ ସ୍କୁଲଗୁଡ଼ିକୁ ମଧ୍ୟ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ‘ବେଟି ବଚାଓ ବେଟି ପଢ଼ାଅ’ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୮ ।୩(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ବାଳିକାମାନଙ୍କ ପାଇଁ ଶିକ୍ଷାର ଆବଶ୍ୟକତା, ପାଠ ପଢିବାର ଗୁରୁତ୍ୱ ଓ ନାରୀ ଜୀବନରେ ଶିକ୍ଷା କିପରି ଜୀବନ ସଂଗ୍ରାମରେ ଉପଯୋଗୀ ହେବେ ସେ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକ ଆଲୋକପାତ କରିଥିଲେ। ସେହିପରି ଝିଅମାନେ ଭଲ ପାଠ ପଢ଼ିବା ସହ ସ୍ୱାବଲମ୍ବୀ ହେବା ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ଶିକ୍ଷୟିତ୍ରୀ ବବିତା ମହାନ୍ତି ଝିଅମାନଙ୍କ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ଶେଷରେ ଶିକ୍ଷୟିତ୍ରୀ ସଞ୍ଜୁବାଳା ଦେଇ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରାଣୀ ଖୁଣ୍ଟିଆ, ଗୋପଲକ୍ଷ୍ମୀ ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ।

## ‘ଆମ ସଂସ୍କୃତି ଆମ ଖେଳନା’ କାର୍ଯ୍ୟକ୍ରମ



ନିରାକାରପୁର/ଭୂଷଣ୍ଡପୁର,୨୮ ।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଜଗନ୍ନାଥପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ପ୍ରକୋଷ୍ଠରେ “ଆମ ସଂସ୍କୃତି ଆମ ଖେଳନା’ ଓ ବିଦ୍ୟାଳୟସ୍ତରୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଭୂଷଣ୍ଡପୁର ଗ୍ରାମପଞ୍ଚାୟତର ସରପଞ୍ଚ ସୌରଭ କୁମାର ଦାସମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିଖା ପାଠକ ସଭାରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ବେହେରା ଏବଂ କମିଟିର ସଭ୍ୟସଭ୍ୟା, ସହକାରୀ ଶିକ୍ଷକ ଯୁଧିଷ୍ଠିର ଜଗଦେବ ସଭାରେ ଉପସ୍ଥିତ ରହି ମେଧା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ସହିତ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବିଧୁଭୂଷଣ ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଖୋର୍ଦ୍ଧା/ଜଟଣୀ,୨୮ ।୩(ସମିସ): ଜଟଣୀ ବ୍ଲକ ଅଧୀନ ଅଙ୍ଗାରପଡା ପଞ୍ଚାୟତ ଅନ୍ତର୍ଗତ ମାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ତଥା ଜିଲ୍ଲାପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ସିଆରସିସି ଦେବେନ୍ଦ୍ର କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ଜଟଣୀ ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଖଟେଇ, ଟାଙ୍ଗୀ ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ଅଙ୍ଗାରପଡା ସରପଞ୍ଚ ମମତା ସାହୁ, ସମିତିସଭ୍ୟା ସୁମିତ୍ରା ସ୍ୱାଇଁ, ଜଟଣୀ ବ୍ଲକ ଶିକ୍ଷକ ସଂଘ ସଭାପତି ଜିତ ରଞ୍ଜନ ମହାପାତ୍ର, ପିଷ୍ଟା ସଭାପତି ଅକ୍ଷୟ କୁମାର ପାଲଟାସିଂ, ମହୁଲ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ର, ପାଣିଓରା ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତି, ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜିତ କୁମାର ନାୟକ, ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନ, ୱାର୍ଡ ସଭ୍ୟା ସୁକାନ୍ତି ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅରିଶଳ ସ୍କୁଲର ଶିକ୍ଷକ ଆକାଶ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା ଶିଶୁ ସୃଜନିକା ଓ ପ୍ରାଚୀର ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ସହକାରୀ ଶିକ୍ଷକ ନାରାୟଣ ବେହେରା, ଶିକ୍ଷୟିତ୍ରୀ କୁନି ମୁଣ୍ଡା, ପାଚିକା କୁମାରୀ ନାୟକ, ଗ୍ରାମର ପ୍ରଣତି ନାୟକ, ଚୈତନ୍ୟ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ବେହେରା, ବଟକୃଷ୍ଣ ପ୍ରଧାନ, ସୁରେନ୍ଦ୍ର ନାୟକ, ଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ

ଖୋର୍ଦ୍ଧା,୨୮ ।୩(ସମିସ): ଖୋର୍ଦ୍ଧା ଉଦ୍ୟାନ କୃଷି କାର୍ଯ୍ୟାଳୟର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ୩ ଦିନିଆ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ଖୋର୍ଦ୍ଧା ବ୍ଲକର ୭ଟି ପଞ୍ଚାୟତ ଓ ଖୋର୍ଦ୍ଧା ପୌର ପରିଷଦର ମୋଟ ୧୦୦ ଜଣ ଚାଷୀଙ୍କ ମଧ୍ୟରେ ଉଦ୍ୟାନ କୃଷି ଉପରେ ଧାରଣା ଦେବା ସହିତ ଅଳ୍ପ ଖର୍ଚ୍ଚରେ କିଭଳି ଅଧିକ ରୋଜଗାର ହୋଇପାରିବ, ଉଦ୍ୟାନ କୃଷି କାର୍ଯ୍ୟ କରି ଯୁବ ବ୍ୟବସାୟୀ ସୃଷ୍ଟି ହେବେ ସେ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା। ଚାଷୀମାନେ ଏକତାର ସହିତ ନିଜ ସହଭାଗିତାରେ ସରକାରୀ ସହାୟତାରେ କିଭଳି ଚାଷ କରିବେ, ସରକାରଙ୍କ କେଉଁ କେଉଁ ଯୋଜନା ଓ ତାର ରିହାତି ଉପରେ ଆଲୋଚନା କରାଯାଇଥିଲା। ସେହିପରି (ଉଦ୍ୟାନ କୃଷି ମିଶନ ଯୋଜନା) ଏମଆଇଡିଏଚ ଓ ମନରେଗା ଯୋଜନାରେ କିଭଳି ଜଣେ ଚାଷୀ ଲାଭବାନ ହୋଇପାରିବେ। ଏଥିସହିତ ଫଳଚାଷ, ଫୁଲ ଚାଷ, ପନିପରିବା, ଛତୁଚାଷ ଓ ଜୈବିକ ପ୍ରଣାଳୀରେ ଏବଂ ଅଳ୍ପ ଜଳ ବ୍ୟବହାର କରି କିଭଳି ଚାଷ କରିହେବ ତାହା ଉପରେ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ଉଦ୍ୟାନ ପ୍ରଶିକ୍ଷଣ କେନ୍ଦ୍ର ଖୋର୍ଦ୍ଧାର ବିଜୟ ବେହେରା, ବର୍ତ୍ତମାନର ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ର ଖୋର୍ଦ୍ଧା ଉପନିର୍ଦ୍ଦେଶକ ଉର୍ମିଳା ମହାପାତ୍ର, ଖୋର୍ଦ୍ଧା ଉଦ୍ୟାନ କୃଷିର ସହକାରୀ ଉପନିର୍ଦ୍ଦେଶକ ସ୍ମିତା ମହାନ୍ତି, ସହକାରୀ ଉଦ୍ୟାନ ଅଧିକାରୀ ଗାୟତ୍ରୀ ମହାପାତ୍ର, ବେଗୁନିଆ ସହକାରୀ ଉଦ୍ୟାନ ଅଧିକାରୀ, ଖୋର୍ଦ୍ଧା ଉଦ୍ୟାନ ପରିଦର୍ଶକ ପ୍ରତାପ ଚନ୍ଦ୍ର ପାଇକରାୟ, ସହକାରୀ କୃଷି ଅଧିକାରୀ ବିନୋଦିନୀ ସାହୁ, ଆପିକଲର ଜିଲ୍ଲା ସଂଯୋଜକ ଶିବପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ୟାନ କ୍ଷେତ୍ର କର୍ମଚାରୀ ସଂଗ୍ରାମ କେଶରୀ ଗୁମାନସିଂ, କୃଷକ ସାଥୀ ବିଶ୍ୱନାଥ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।



## ଅଗ୍ନିଶମ ବାହିନୀ ପକ୍ଷରୁ ପ୍ରଶିକ୍ଷଣ ଶିବିର



ଟାଙ୍ଗୀ,୨୮ ।୩(ସମିସ): ଚାନ୍ଦପୁର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏ.ଜି ମିଶନ୍ ସ୍କୁଲ ପରିସରରେ ଟାଙ୍ଗୀ ଅଗ୍ନିଶମ ବାହିନୀ ବିଭାଗ ତରଫରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ମୁଖ୍ୟ ପ୍ରତାପ କୁମାର ପ୍ରଧାନ, ଫାୟାରମ୍ୟାନ୍ ମିଥୁନ କୁମାର ସାହୁ, ଫାୟାରମ୍ୟାନ୍ ଅଜୟ ସେଠୀ ଏବଂ ଡ୍ରାଇଭର ଭାଗିରଥୀ ବଳିଆରସିଂ ଉପସ୍ଥିତ ରହି ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ଅଗ୍ନିଜନିତ ବିଭିନ୍ନ ଅଘଟଣ ସମୟରେ ନିଜକୁ ଏବଂ ଅନ୍ୟକୁ କିପରି ସୁରକ୍ଷା ଦିଆଯିବ ସେ ସଂପର୍କରେ ବିଭିନ୍ନ ଉପାୟରେ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍. ମାର୍ଟିନ ଉଦ୍‌ଘାଟନ କରିଥିଲେ।

## ଧର୍ମପରାୟଣ ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି



ବେଗୁନିଆ,୨୮ ।୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମର ଶିକ୍ଷାବିତ୍ କୁଳମଣି ମିଶ୍ରଙ୍କ ମାତା ଚମ୍ପା ଦେବୀଙ୍କ ଆବର୍ତ୍ତମାନରେ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ୍ ଲୋକନାଥ ପଣ୍ଡା, ରାଜ କିଶୋର ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ସାମ୍ବାଦିକ ଡଃ ନଳିନୀ କାନ୍ତ ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସମିତିସଭ୍ୟ ଡଃ. ଶିଶିର କୁମାର ଆଚାର୍ଯ୍ୟ, ସମାଜସେବୀ କାଳନ୍ଦୀ ଚରଣ ମହାପାତ୍ର, ମାନସ ରଞ୍ଜନ ଦାଶ, ରଞ୍ଜନ କୁମାର ଦାଶ, ଶ୍ରୀକାନ୍ତ କୁମାର ବାହିନୀପତି, ମନୋରଞ୍ଜନ ପଣ୍ଡା, ସୁବାସ ଚନ୍ଦ୍ର ମହାପାତ୍ର, ହରେକୃଷ୍ଣ ଦାଶ ଓ ଡଃ. ବିଦ୍ୟାଧର ମହାରଣାଙ୍କ ସମେତ ଅଞ୍ଚଳର ବହୁ ଶୁଭେଚ୍ଛୁ ଯୋଗଦେଇ ସ୍ୱର୍ଗତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶେଷରେ ନାତି ବିଭୁ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବାଇକ୍ ଚୋରା ଚାଲାଣ ରାକେଟ୍

# ଓଡ଼ିଶାରୁ ଚୋରି; ଆନ୍ଧ୍ରରେ ବିକ୍ରି

ନିରାକାରପୁର,୨୮ ।୩(ସମିସ)

ଅଭିନବ ଉପାୟରେ ଉଚ୍ଚଶିକ୍ଷିତ ଯୁବକମାନେ ଅଧିକ ଅର୍ଥ ଉପାର୍ଜନ କରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଲାଗିପଡିଛନ୍ତି। ସେମାନେ ନିଜ ଗାଁ ଛାଡି ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ସମେତ ବିଭିନ୍ନ ଅଞ୍ଚଳରେ ଘରଭଡ଼ାରେ ରହି ନୂଆ ନୂଆ ବାଇକ୍ ଚୋରି କରି ପଡୋଶୀ ଆନ୍ଧ୍ରପ୍ରଦେଶରେ ଦଲାଲଙ୍କ ଜରିଆରେ ବିକ୍ରି କରିବା ପାଇଁ ଟାର୍ଗେଟ୍ ରଖୁଛନ୍ତି। ଏଥିପାଇଁ ସେମାନେ କିଛି ଦିନ ବଜାରଘାଟରେ ବୁଲି ବାଇକ୍ ଲୁଟିବା ସ୍ଥାନ ଓ ପରେ ତାକୁ ନେଇ ଲୁଚାଇ ରଖିବା ସ୍ଥାନ ଶେଷରେ ଉକ୍ତ ବାଇକ୍‌କୁ ଆନ୍ଧ୍ର ଦଲାଲଙ୍କ ହାତରେ ବିକ୍ରି କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ପରେ ଚୋରିକୁ ସଫଳ ରୂପ ଦେଉଛନ୍ତି। ଏହି



ବାଇକ୍ ଥରେ ରାଜ୍ୟ ବାହାରକୁ ପଳାଇଲା ପରେ ବାଇକ୍ ମାଲିକ ଯେତେ ଖୋଜା ଖୋଜି କଲେ ବି ତାର କୌଣସି ପତ୍ତା ପାଉନାହାନ୍ତି। ଏହି ଅଞ୍ଚଳରୁ କିଛି ବାଇକ୍ ଦୀର୍ଘ ଦିନ ହେବ ଚୋରି ଯାଇଥିଲେ ବି ପୁଲିସ ଏ ସମ୍ପର୍କରେ ସୁରାକ ପାଇବାରେ ପ୍ରାୟତଃ ବିଫଳ ହୋଇଛି।

### ଭଡ଼ାଘରେ ରହି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି ଦୁର୍ବୃତ୍ତ

ସୂଚନାଯୋଗ୍ୟ କି ଗତ ବର୍ଷ ସେପ୍ଟେମ୍ବର ୨ ତାରିଖ ରବିବାର ରାତିରେ କଣାସ ବ୍ଲକ୍ ଟୁପୁରିଙ୍ଗ ଅଞ୍ଚଳର ହିଟୁ ପ୍ରଧାନଙ୍କ ନିରାକାରପୁର ଭଡାଘରୁ କେହି ଦୁର୍ବୃତ୍ତ ତାଙ୍କ ନାଲି ରଙ୍ଗର ନୂଆ ବୁଲେଟ୍‌କୁ ଗ୍ରିଲ୍ ଭାଙ୍ଗି ନେଇ ପଳାଇଥିଲେ। ସେ ଏ ନେଇ ନିରାକାରପୁର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଏହାର କୌଣସି ସନ୍ଧାନ ମିଳି ନ ଥିଲା। ଦୁଇ ମାସ ହେବ ଆନ୍ଧ୍ରପ୍ରଦେଶ ସିକାକୁଲମ୍ ପୁଲିସ ଏହି ଗାଡିକୁ ଜବତ କରି ହିଟୁଙ୍କୁ ଫୋନ କରିବା ସହିତ ସେଠାର ପୁଲିସ ଆସି ନିରାକାରପୁରରେ ଚଢ଼ାଉ କରିଥିଲା। ଏଠାରୁ କଣାସ ବ୍ଲକ୍ ଥାନା ଅଧୀନସ୍ଥ କିଛି ଯୁବକ ଯେଉଁମାନେ ନିରାକାରପୁରରେ ଭଡାରେ ରହୁଥିଲେ ସେମାନଙ୍କୁ ଆନ୍ଧ୍ର ନେଇ ପଚରଉଚରା କରୁଥିବା ସହିତ ଆନ୍ଧ୍ର ଓ ଓଡ଼ିଶାର ଅନ୍ୟ କେଉଁମାନେ ଏହି ଘଟଣାରେ ସଂପୃକ୍ତ ଅଛନ୍ତି ସେ ବିଷୟରେ ଖୋଳତାଡ ଆରମ୍ଭ କରିଛି। ଓଡ଼ିଶାର ବିଭିନ୍ନ ଜାଗାରେ ଗାଡି ଚୋରି କରି ଏହି ଚୋରମାନେ ଆନ୍ଧ୍ର ଚୋରଙ୍କୁ ବିକ୍ରି କରି ଦେଉଥିଲେ। ଚୋରି ବୁଲେଟ୍ ଉଦ୍ଧାର ପରେ ଏଠାରେ ଅନେକ ବାଇକ୍ ବିକ୍ରି କରାଯାଇଥିବା ପୁଲିସ ତରଫରୁ ଜଣାପଡିଛି। ସେମାନେ ଏହି ଗାଡିଗୁଡ଼ିକ ନେଇ ଏଥିରୁ ଓଡ଼ିଶା ନମ୍ବର ପ୍ଲେଟ ଖୋଲି ମର୍ଡଲିଂ କରି ଚଢୁଥିବାର ଜଣାପଡିଛି। ଯେଉଁ ଚୋରମାନେ ଏଠାରେ ଭଡାଘରେ ରହି ଏହି ସବୁ କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ ସ୍ଥାନୀୟ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୦ ● ପାଉଣ୍ଡ ୧୧୦.୯୪
- ୟୁରୋ ୯୨.୯୪ ● ୟେନ୍ ୦.୫୬

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୨,୩୬୦ (ନୂଆଦିଲ୍ଲୀ)
- ରୁପା : ୧,୦୧,୯୦୦ (କେଜି)




**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୪୧୪.୦୦
- ନିଫ୍ଟି ୨୩,୫୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଅନୁଗୋଳରେ ଆକାଶ ଇନ୍‌ଷ୍ଟିଚ୍ୟୁଟ ଉଦ୍‌ଘାଟିତ



**ଅନୁଗୋଳ,୨୮।୩ (ସମିସ):** ଅନୁଗୋଳରେ ଖୋଲିଛି ଆକାଶ ଇନଷ୍ଟିଚ୍ୟୁଟ୍। ଅମଲାପଡ଼ା ବାଳିକା ବିଦ୍ୟାଳୟ ସମ୍ମୁଖରେ ଏହାର ଉଦ୍‌ଘାଟନ ହୋଇଛି। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମୁଖ୍ୟ ଅତିଥି, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ଖାଦ୍ୟ ଯୋଗାଣ ନିଗମ ଅଧ୍ୟକ୍ଷ ଅବନିକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅନୁଷ୍ଠାନ ଅନୁଗୋଳରେ ଖୋଲିବା ପରେ ଛାତ୍ରଛାତ୍ରୀ ବେଶ୍ ଉପକୃତ ହୋଇପାରିବେ। ପୂର୍ବରୁ ଅନୁଗୋଳ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ଆକାଶରେ ପଢ଼ିବାକୁ ହେଲେ ଭୁବନେଶ୍ୱର କିମ୍ବା କଟକରେ ରହିବାକୁ ପଡୁଥିଲା। ଏବେ ଜିଲ୍ଲାର ଛାତ୍ରଛାତ୍ରୀ ହାତ ପାଆନ୍ତରେ ଉନ୍ନତ ମାନର ଶିକ୍ଷାଲାଭ କରି ନିଜକୁ ନିଟ୍ କିମ୍ବା ଜେଇଇ ପାଇଁ ପ୍ରସ୍ତୁତ କରିପାରିବେ। ଦେଶର ରାଜଧାନୀ ଦିଲ୍ଲୀର ଛାତ୍ରଛାତ୍ରୀ ଯେଉଁ ସୁବିଧା ପାଉଛନ୍ତି ଅନୁଗୋଳ ଛାତ୍ରଛାତ୍ରୀଙ୍କୁ ସେ ସବୁ ସୁବିଧା ଏଠାରେ ଯୋଗାଇ ଦିଆଯିବ ବୋଲି ଆକାଶର ଏକାଡେମୀକ ଡାଇରେକ୍ଟର ରାଜୀବ ନୟନ କହିଛନ୍ତି।

## ୟୁ ଗଭ୍ ସର୍ଭେରେ ଖୁଲାସା

# ଟେସ୍‌ଲା କିଣିବାକୁ ଚାହୁଁନାହାନ୍ତି ୬୭% ଆମେରିକୀୟ

**ୱାଶିଂଟନ୍,୨୮।୩(ଏଜେନ୍ସି):**



ଆମେରିକାରେ ଟେସ୍‌ଲା କମ୍ପାନୀ ଏବଂ ଏହାର ସିଇଓ ଏଲନ୍ ମସ୍କଙ୍କ ବିରୋଧରେ ବିରୋଧ ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ଦୁଇ-ତୃତୀୟାଂଶ ଆମେରିକୀୟ କହିଛନ୍ତି ଯେ ସେମାନେ ଟେସ୍‌ଲା କାର କିଣିବାକୁ ଚାହାଁନ୍ତିନାହିଁ। ମସ୍କଙ୍କ ରାଜନୈତିକ ସକ୍ରିୟତା, ତାଙ୍କର ବିବାଦୀୟ ବୟାନ ଏବଂ ଆମେରିକା ସରକାରରେ ତାଙ୍କର ବଢୁଥିବା ଭୂମିକା ବିରୋଧରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି।

ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କ ସମ୍ପତ୍ତି ଚଳିତବର୍ଷ ବହୁତ ହ୍ରାସ ପାଇଛି। ଏହା ପଛରେ କାରଣ ହେଉଛି ଟେସଲାର ସେୟାରରେ କ୍ରମାଗତ ହ୍ରାସ। ଆମେରିକୀୟମାନେ କେବଳ ଟେସ୍‌ଲା କାର କିଣିବାକୁ ଚାହୁଁନାହାଁନ୍ତି, ବରଂ ଅନେକ ଆମେରିକୀୟ ଟେସଲା ସେୟାର ମଧ୍ୟ ବିକ୍ରି କରୁଛନ୍ତି। ପ୍ରାୟ ଦୁଇ-ତୃତୀୟାଂଶ ଆମେରିକୀୟ କହିଛନ୍ତି ଯେ ସେମାନେ ଟେସ୍‌ଲାକୁ କିଣିବାକୁ କିମ୍ବା ଋଣ ନେବାକୁ ପସନ୍ଦ କରିବେନାହିଁ। ଏହାବ୍ୟତୀତ, ପ୍ରାୟ ୫୬% ଆମେରିକୀୟ ଏଥିପାଇଁ ମସ୍କ ଦାୟୀ ବୋଲି ଭାବନ୍ତି।

### ରାଜନୀତିରେ ଯୋଗଦେବା ମହଙ୍ଗା ପଡ଼ିଲା

ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ଭଳି କମ୍ପାନୀର ମାଲିକ ଥିବା ମସ୍କଙ୍କର ବିଗତ କିଛି ବର୍ଷ ହେବ ରାଜନୈତିକ ସକ୍ରିୟତା ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି କ୍ଷମତାକୁ ଆସିବା ପରେ, ମସ୍କଙ୍କୁ ସରକାରୀ ଦକ୍ଷତା ବିଭାଗ (ଡଜି) ର ନେତୃତ୍ୱ ମିଳିଥିଲା। ଏହି ବିଭାଗ ମାଧ୍ୟମରେ, ସଂଘୀୟ ଖର୍ଚ୍ଚ ହ୍ରାସ କରିବା ସହିତ ସରକାରୀ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଉଛି। ଏଥିଯୋଗୁଁ ହଜାର ହଜାର ସରକାରୀ କର୍ମଚାରୀଙ୍କୁ ଛଟେଇ କରାଯାଉଛି, ଅନେକ ସରକାରୀ ଚୁକ୍ତିନାମା ବାତିଲ କରାଯିବା ଏବଂ ଅନେକ ବିଦେଶୀ ସହାୟତା ମଧ୍ୟ ବନ୍ଦ କରାଯାଇଥିଲା। ମସ୍କଙ୍କ ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ଯୋଗୁଁ, ଆମେରିକାର ଲୋକମାନେ ତାଙ୍କୁ ଡୋନାଲ୍ଡ ଟ୍ରମ୍ପଙ୍କୁ କିଛି ନିର୍ବାଚନ ଜିତିବାରେ ସାହାଯ୍ୟ କରିବା ପାଇଁ ଖବରରେ ଥିଲେ। ଏକ ନୂତନ ୟାହୁ/ ୟୁଗଭ୍ ସର୍ଭେ ଅନୁଯାୟୀ, ମସ୍କଙ୍କ ଲୋକପ୍ରିୟତା ହ୍ରାସ ପାଉଛି।

**● ମସ୍କଙ୍କ ରାଜନୈତିକ ସକ୍ରିୟତା, ବିବାଦୀୟ ବୟାନକୁ ବିରୋଧ**

ଗଣତନ୍ତ୍ର ପାଇଁ ବିପଦ ବୋଲି ବିବେଚନା କରୁଛନ୍ତି। ଆମେରିକୀୟ ନାଗରିକମାନେ କହିଛନ୍ତି ଯେ ଜଣେ ଅନିର୍ବାଚିତ କୋଟିପତି ସରକାରୀ ନୀତି ଉପରେ ଏତେ ନିୟନ୍ତ୍ରଣ କରୁଛନ୍ତି।

ଏହି ସର୍ଭେ ୨୦ ମାର୍ଚ୍ଚରୁ ୨୪ ମାର୍ଚ୍ଚ ମଧ୍ୟରେ ପ୍ରାୟ ୧୬୭୭ ଆମେରିକୀୟ ବୟସ୍କଙ୍କ ଉପରେ କରାଯାଇଥିଲା। ଯେଉଁଥିରେ ଏହା ପ୍ରକାଶ ପାଇଛି ଯେ ଗତ ବର୍ଷ ନଭେମ୍ବର ପରଠାରୁ ଏଲୋନ ମସ୍କଙ୍କ ଲୋକପ୍ରିୟତା ହ୍ରାସ ପାଇଛି। ଏଲୋନ ମସ୍କ ପୂର୍ବରୁ ଏକ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଏବେ କେବଳ ୩୯% ଆମେରିକୀୟଙ୍କ ପାଖରେ ମସ୍କଙ୍କ ପ୍ରତି ସକାରାତ୍ମକ ମତ ଅଛି। ୫୫% ଆମେରିକୀୟ ତାଙ୍କ ପ୍ରତି ନକାରାତ୍ମକ ହୋଇଯାଇଛନ୍ତି। ପ୍ରାୟ ୫୪% ଆମେରିକୀୟ କହିଛନ୍ତି ଯେ ଟ୍ରମ୍ପଙ୍କର ମସ୍କଙ୍କ ଉପରେ ଅଧିକ ପ୍ରଭାବ ଅଛି ବୋଲି ମନେ ହେଉଛି। କେବଳ ୩୦% ଲୋକ କୁହନ୍ତି ଯେ ମସ୍କଙ୍କ ପ୍ରଭାବ ସତ୍ୟ। ଆମେରିକୀୟ ସରକାରଙ୍କ ଡଜିକୁ ପ୍ରାୟ ୪୦% ଆମେରିକୀୟ ସକାରାତ୍ମକ ଏବଂ ୪୪% ଆମେରିକୀୟ ନକାରାତ୍ମକ ଭାବରେ ଦେଖନ୍ତି।

# ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ସାଲାରି ୱାଲା ପ୍ଲାନ ଆରମ୍ଭ

ମୁମ୍ବଇ,୨୮।୩ : ବନ୍ଧନ ମ୍ୟୁଚୁଆଲ ଫଣ୍ଡ ଏକ ଆଇଏପି କ୍ୟାମ୍ପେନ, ସାଲାରି ୱାଲା ପ୍ଲାନର ଉନ୍ମୋଚନ କରିଛି ଯାହା "ସିଷ୍ଟମାଟିକ ୱିଥ୍‌ଡ୍ରୟାଲ ପ୍ଲାନ" (ଏସଡବ୍ଲ୍ୟୁପି)କୁ ଏକନୂଆ ରୂପ ଦେଇଛି। ଏହାଦ୍ୱାରା ନିବେଶକମାନେ ନିଜସ୍ୱ ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡିକରୁ ଏକ ନିୟମିତ ନଗଦ ପ୍ରବାହ ସୃଷ୍ଟି କରିବା କରିବା ସହ ବଳକା ପାଣ୍ଠିର ନିବେଶ ବଜାୟ ରଖିପାରିବେ। ଏହି କ୍ୟାମ୍ପେନ ଏସଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ଏସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, "ଏସଆଇପିଗୁଡିକ ନିବେଶ ପାଇଁ ଏକ ଶୃଙ୍ଖଳିତ ମାଧ୍ୟମ ଭାବେ ବ୍ୟାପକ ଲୋକପ୍ରିୟତା ହାସଲ କରିଥିବା ବେଳେ, ସ୍ଥାୟୀ ଆର୍ଥିକ ସ୍ୱାଧୀନତା ପାଇଁ ଏସଡବ୍ଲ୍ୟୁପିଗୁଡିକୁ ଏକ ରଣନୀତି ଭାବେ ଉପଯୋଗ କରାଯାଇନାହିଁ। ହାସଟ୍ୟାଗ ସାଲାରିୱାଲାପ୍ଲାନ କ୍ୟାମ୍ପେନ ମାଧ୍ୟମରେ ଆମେ ଏସଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧି କରି ଏହି ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ପୂର୍ବନିର୍ଦ୍ଧାରିତ ଫ୍ରିକ୍ୱେନ୍ସିରେ ସ୍ଥାୟୀ ନଗଦ ପ୍ରବାହ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ଅଧିକ ପ୍ରାସଙ୍ଗିକ କରିବ।

## ଆମ୍‌ଫାଇ-କ୍ରିସିଲ୍ ରିପୋର୍ଟ

# ମ୍ୟୁଚୁଆଲ୍ ଫଣ୍ଡରେ ପୁରୁଷଙ୍କ ତୁଳନାରେ ମହିଳା ଅଧିକ ନିବେଶ କରୁଛନ୍ତି

**ନୂଆଦିଲ୍ଲୀ,୨୮।୩(ଏଜେନ୍ସି):** ମ୍ୟୁଚୁଆଲ୍ ଫଣ୍ଡରେ ପୁରୁଷମାନଙ୍କ ତୁଳନାରେ ମହିଳାମାନେ ଅଧିକ ନିବେଶ କରୁଛନ୍ତି। ଏହି ନୂଆ ତଥ୍ୟ ପ୍ରକାଶ କରିଛି ଆମ୍‌ଫାଇ-କ୍ରିସିଲ୍। ରିପୋର୍ଟରେ ଗତ ୫ ବର୍ଷ ମଧ୍ୟରେ ମ୍ୟୁଚୁଆଲ୍ ଫଣ୍ଡରେ ମହିଳାମାନଙ୍କ ଅଂଶ ଦ୍ୱିଗୁଣିତ ହୋଇଛି। ପରିଚାଳନା ଅଧୀନ ସମ୍ପତ୍ତି (ଏୟୁଏମ୍)ର ମୋଟ ନିବେଶକଙ୍କ ମଧ୍ୟରୁ ଏବେ ମହିଳା ନିବେଶକଙ୍କ ସଂଖ୍ୟା ୩୩ ପ୍ରତିଶତ। ମହିଳାମାନଙ୍କର ନିବେଶ କ୍ଷମତା ବୃଦ୍ଧି ପାଉଛି। ମହିଳାମାନେ କେବଳ ସଞ୍ଚୟ ନୁହେଁ ବରଂ ନିବେଶରେ ମଧ୍ୟ ଆଗକୁ ବଢୁଛନ୍ତି। ମହିଳାମାନେ ମ୍ୟୁଚୁଆଲ୍ ଫଣ୍ଡରେ ସବୁଠାରୁ ଅଧିକ ନିବେଶ କରୁଛନ୍ତି। ମହିଳାମାନେ ଆର୍ଥିକ ସ୍ୱାଧୀନତା ପାଇଁ ନିରନ୍ତର ଆଗକୁ ବଢୁଛନ୍ତି।

ଆମ୍‌ଫାଇ-କ୍ରିସିଲ୍ ରିପୋର୍ଟ ଅନୁଯାୟୀ, ୨୦୧୯ ମସିହାରେ ମ୍ୟୁଚୁଆଲ୍ ଫଣ୍ଡରେ ମହିଳାମାନଙ୍କର ନିବେଶ ପ୍ରାୟ ୪.୫୯ ଲକ୍ଷ କୋଟି ଟଙ୍କା ଥିଲା। ଯାହା ୨୦୨୪ ମସିହାରେ ୧୧.୨୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ନିବେଶରେ ଶୃଙ୍ଖଳା ସହିତ,



**● ଏୟୁଏମ୍ ୧୧ ଲକ୍ଷ କୋଟି ଛୁଇଁଲା**

ମହିଳାମାନେ ଦୀର୍ଘକାଳୀନ ନିବେଶ ବିକଳ୍ପଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରୁଥିବା ମହିଳାମାନଙ୍କ ପାଇଁ ଏସ୍‌ଆଇପି ହେଉଛି ପସନ୍ଦର ବିକଳ୍ପ। ଗତ ପାଞ୍ଚ ବର୍ଷ ମଧ୍ୟରେ ଏସ୍‌ଆଇପି ଏଏମ୍‌ୟୁ ୩୧୯.୩ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଏହା ବ୍ୟତୀତ, ଗତ ପାଞ୍ଚ ବର୍ଷ ମଧ୍ୟରେ ଋଣ ପାଣ୍ଠିର ଅଂଶ ହ୍ରାସ ପାଇଛି ଏବଂ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡର ଅଂଶ ବୃଦ୍ଧି ପାଇଛି। ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡର ଅଂଶ ୪୩.୩ ପ୍ରତିଶତରୁ ବୃଦ୍ଧି ପାଇ ୬୩.୭ ପ୍ରତିଶତ ହୋଇଛି।

କିନ୍ତୁ ୨୦୧୯ରେ ଡେଟ୍ ଫଣ୍ଡରେ ମହିଳାଙ୍କ ନିବେଶ ୨୨.୭ ପ୍ରତିଶତ ଥିଲା, ଯାହା ଏବେ ୧୦.୭ ପ୍ରତିଶତକୁ ହ୍ରାସ ପାଇଛି। ଏହା ବ୍ୟତୀତ, ଇଣ୍ଡେକ୍ସ ଫଣ୍ଡ ଏବଂ ଇଟିଏଫରେ ମହିଳାମାନଙ୍କ ଅଂଶ ବୃଦ୍ଧି ପାଇଛି। ଯାହା ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ୨.୫ ପ୍ରତିଶତରୁ ୪.୧ ପ୍ରତିଶତକୁ ବୃଦ୍ଧି ପାଇଛି। ମହିଳାମାନେ ମଧ୍ୟ ସୁନାରେ ପ୍ରଚୁର ପରିମାଣରେ ନିବେଶ କରୁଛନ୍ତି। ପାଞ୍ଚ ବର୍ଷ ମଧ୍ୟରେ ମହିଳାମାନଙ୍କ ଦ୍ୱାରା ନିଷ୍କ୍ରିୟ ସୁନା ନିବେଶ ୨୪.୯ ପ୍ରତିଶତ ବୃଦ୍ଧି ପାଇଛି।

ନିବେଶରେ ଏବେ ବି ଶ୍ରେଷ୍ଠ 30ଟି ସହରାଞ୍ଚଳରେ ରହୁଥିବା ମହିଳାମାନେ ପ୍ରାଧାନ୍ୟ ବିସ୍ତାର କରୁଛନ୍ତି। ଏହି ସହରଗୁଡ଼ିକର ମହିଳାମାନଙ୍କ ସଂଖ୍ୟା ମୋଟ ମହିଳା ନିବେଶକର ୭୪.୮ ପ୍ରତିଶତ। ଏହା ବ୍ୟତୀତ, ନିବେଶ ଦୃଷ୍ଟିରୁ ଶ୍ରେଷ୍ଠ ୩୦ ବାହାରେ ଥିବା ସହରଗୁଡ଼ିକରେ ରହୁଥିବା ମହିଳାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ୨୦୧୯ ମସିହାରେ ବି୩୦ ସହରରେ ରହୁଥିବା ମହିଳା ନିବେଶକଙ୍କ ସଂଖ୍ୟା ୨୦.୧ ପ୍ରତିଶତ ଥିଲା, ଯାହା ୨୦୨୪ ମସିହାରେ ୨୫.୨ ପ୍ରତିଶତରେ ପହଞ୍ଚିଛି।

# ସୌଭାଗ୍ୟନଗରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍‌ର ନୂଆ ଶୋ 'ରୁମ୍



ଭୁବନେଶ୍ୱର, ୨୮।୩(ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ଓଡ଼ିଶାର ଭୁବନେଶ୍ୱର ସୌଭାଗ୍ୟନଗରଠାରେ ତା'ର ତୃତୀୟ ସୋ'ରୁମ୍ ଖୋଲିଛି। ପରିଚାଳନା ଦଳର ସଦସ୍ୟ, ଗ୍ରାହକ ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଓଲିଉଡ୍ ଅଭିନେତା ତଥା ମାଲାବାର ଜୁଏଲର୍ସର ବ୍ରାଣ୍ଡ ଆମ୍ବାସଡର ସବ୍ୟସାଚୀ ମିଶ୍ର ଏବଂ ବିଏମ୍‌ସି ମେୟର ସୁଲୋଚନା ଦାସ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ ସୋ'ରୁମ୍ ଗହଣାଗୁଡିକର ଆକର୍ଷଣୀୟ କଲେକ୍ସନ ସହିତ ଗ୍ରାହକଙ୍କୁ ଏକ ଅତୁଳନୀୟ କିଣାକିଣି ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି, ଯେଉଁଠାରେ ପ୍ରତ୍ୟେକ ଅବସର ନିମନ୍ତେ ବହୁବିଧ ବର୍ଗର ଡିଜାଇନ ଓ ଷ୍ଟାଇଲ ପ୍ରଦର୍ଶିତ ହେଉଛି। ନୂଆ ସୋ'ରୁମ୍‌ରେ ସୁନା, ହୀରା, ପ୍ଲାଟିନମ୍ ଏବଂ ଜେମ୍‌ଷ୍ଟୋନ ପିସ୍ ସମେତ ବ୍ୟାପକ ବର୍ଗର ଗହଣା ଉପଲବ୍ଧ କରାଉଛି, ଯେଉଁଗୁଡିକ ପ୍ରତ୍ୟେକ ପସନ୍ଦ ଓ ଅବସରକୁ ଖାପ ଖୁଆଇବା ଭଳି ଡିଜାଇନ କରାଯାଇଥିବା ନୂଆ ସୋ'ରୁମ୍ ଉଦ୍‌ଘାଟନ ଅବସରରେ ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି।

# ସାର ଉପରେ ପୋଷକ ତତ୍ତ୍ୱ ଆଧାରିତ ସବସିଡିକୁ କ୍ୟାବିନେଟ ମଞ୍ଜୁରି

**ନୂଆଦିଲ୍ଲୀ,୨୮।୩ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଖରିଫ ଋତୁ, ୨୦୨୫ ପାଇଁ ଫସଫେଟିକ୍ ଏବଂ ପୋଟାସିକ୍ (ପିଏଣ୍ଡକେ) ସାର ଉପରେ ପୁଷ୍ଟିକର ଆଧାରିତ ସବସିଡି (ଏନବିଏସ) ହାର ସ୍ଥିର କରିବା ପାଇଁ ସାର ବିଭାଗର ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଖରିଫ ଋତୁ ୨୦୨୫ ପାଇଁ ବଜେଟ ଆବଶ୍ୟକତା ପାଖାପାଖି ୩୭,୨୧୬.୧୫ କୋଟି ଟଙ୍କା ହେବ। ରବି ଋତୁ ୨୦୨୪-୨୫ ପାଇଁ ବଜେଟ ଆବଶ୍ୟକତା ଠାରୁ ଏହା ପ୍ରାୟ ୧୩,୦୦୦ କୋଟି ଟଙ୍କା ଅଧିକ।

# ରାଜଧାନୀରେ ଏଥରର ତୃତୀୟ ଏକ୍ସପେରିଏନ୍ସ ସେଣ୍ଟର

ଭୁବନେଶ୍ୱର,୨୮।୩(ସିମସ) : ଇଲେକ୍ଟ୍ରିକ ଦୁଇଚକିଆ ଯାନ ନିର୍ମାତା ଏଥର ଏନର୍ଜି ଲିମିଟେଡ ଭୁବନଶ୍ୱରର ପୁରୀ ବାଇପାସ୍ ରୋଡ୍ ପାଣ୍ଡେରା ଛକଠାରେ ଏହାର ତୃତୀୟ ଏକ୍ସପେରିଏନ୍ସ ସେଣ୍ଟରର ଶୁଭାରମ୍ଭ କରିଛି। ଏହି ଏକ୍ସପେରିଏନ୍ସ ସେଣ୍ଟରରେ ଗ୍ରାହକମାନେ ଏଥରର୍ ପ୍ରଥମ ଫ୍ୟାମିଲି ସ୍କୁଟର ରିଷ୍ଟା, ଏଥର-୪୫୦ ଏବିଏସ୍, ଏଥର-୪୫୦ଏସ, ଏଥର-୪୫୦ଏକ୍ସପ୍ରୋ କ୍ରୟ କରିପାରିବେ। ଏହି ଅବସରରେ ଏଥର ଏନର୍ଜିର ନ୍ୟାସନାଲ ସେଲ୍ସ ହେଡ୍ ଉମେଶ ଚୌଧୁରୀ ଓ ସୋ' ରୁମର ପ୍ରତିଷ୍ଠାତା ଅର୍ଣ୍ଣବ ବେହେରା ଓ ଅର୍ଣ୍ଣବ ପ୍ରଧାନଙ୍କ ସହ ଏଥର ଏନର୍ଜିର ପୂର୍ବାଞ୍ଚଳର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାର ଗ୍ରାଣ୍ଡ ଓପନିଂରେ ୧୫ଟି ଗାଡି ଡେଲିଭରି ଦିଆହୋଇଛି ଓ ୨୦ଟି ଗାଡି ବୁକ୍ ହୋଇଛି। ଇଲେକ୍ଟ୍ରି ଗାଡି କ୍ଷେତ୍ରରେ ବିକାଶକୁ ବଢାଇବା ପାଇଁ ଏଥର୍ ଏନର୍ଜି ତରଫରୁ ଅନେକ ପ୍ରକାର ମଡେଲମାନ ବଜାରକୁ ଛଡାଯାଉଛି ।




**ଏପ୍ରିଲ ପହିଲାରୁ କିଛି ବଡ଼ ପରିବର୍ତ୍ତନ**

# ୟୁପିଆଇଠାରୁ ଟିକସ ସଞ୍ଚୟ ଯାଏ ଅନେକ ନିୟମ ବଦଳିବ

**ନୂଆଦିଲ୍ଲୀ,୨୮।୩(ଏଜେନ୍ସି):**

୩୧ ମାର୍ଚ୍ଚ ଚଳିତମାସର ଶେଷ ତାରିଖ। ଏହା ପୂର୍ବରୁ ଅନେକ କାର୍ଯ୍ୟ ସମାପ୍ତ କରିବାକୁ ପଡ଼ିବ। କାରଣ ଏହି ଦିନ ହେଉଛି ଅନେକ ସରକାରୀ ଯୋଜନାର ଶେଷ ତାରିଖ। ଏହା ପରେ ଅନେକ ନିୟମରେ ପରିବର୍ତ୍ତନ ଘଟିବ। ନୂତନ ଆର୍ଥିକବର୍ଷ ଏବଂ ମାସ ଏପ୍ରିଲ ପହିଲାରୁ ଆରମ୍ଭ ହେବ। ଏପ୍ରିଲ ପହିଲାରୁ କିଛି ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି। ଏଥିରେ ୟୁପିଆଇଠାରୁ ଟିକସ ସଞ୍ଚୟ ଯାଏ ଅନେକ ନିୟମ ବଦଳିବ।

### ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର

ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର ଯୋଜନା କେବଳ ମହିଳା ଏବଂ ଝିଅମାନଙ୍କ ପାଇଁ। ପିତାମାତା କିମ୍ବା ଅଭିଭାବକମାନେ ନାବାଳିକା ଝିଅମାନଙ୍କ ପକ୍ଷରୁ ନିବେଶ କରିପାରିବେ। ଏହି ଆକାଉଣ୍ଟରେ ଅତି କମରେ ୧୦୦୦ ଟଙ୍କା ଜମା କରିବାକୁ ପଡିବ। ସର୍ବାଧିକ ୨ ଲକ୍ଷ ଟଙ୍କା ନିବେଶ କରାଯାଇପାରିବ। ଏହି ଯୋଜନାରେ ନିବେଶ କରିବାର ଶେଷ ତାରିଖ ହେଉଛି ମାର୍ଚ୍ଚ ୩୧।




### ବଦଳିବ ୟୁପିଆଇ ନିୟମ

ୟୁପିଆଇ ଆପ୍ ଏବେ ଉପଭୋକ୍ତାମାନଙ୍କୁ ସେମାନଙ୍କ ସମ୍ମତି ମାଗିବେ। ଉପଭୋକ୍ତାମାନଙ୍କୁ ସେମାନଙ୍କର ସଂଖ୍ୟାତ୍ମକ ୟୁପିଆଇ ଆଇଡି ତିଆରି କିମ୍ବା ପରିବର୍ତ୍ତନ କରିବା ପାଇଁ ସ୍ପଷ୍ଟ ଭାବରେ ହଁ କହିବାକୁ ପଡିବ। ଯେଉଁ ଉପଭୋକ୍ତାମାନେ ପୂର୍ବରୁ ତାଲିକାରେ ଅଛନ୍ତି ସେମାନଙ୍କୁ ଏଥିରୁ ବାଦ ଦିଆଯିବ। ଯଦି ସେମାନେ ଏହି ସୁବିଧା ବ୍ୟବହାର କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଏହାକୁ ନିଜେ ବାଛିବାକୁ ପଡିବ। କୌଣସି ଦ୍ୱନ୍ଦ୍ୱକୁ ଏଡାଇବା ପାଇଁ ଆସ୍ଥ କାରବାର ସମୟରେ ଏହି ସମ୍ମତି ମାଗିପାରିବେ ନାହିଁ।

### ସ୍ୱଳ୍ପ ସଞ୍ଚୟ ଯୋଜନା ସୁଧ ହାର

ସରକାର ପ୍ରତି ତିନି ମାସରେ ଥରେ ସୁକନ୍ୟା ସମୃଦ୍ଧି ଯୋଜନା, ପିପିଏଫ୍, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ଇତ୍ୟାଦି କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାର ଘୋଷଣା କରନ୍ତି। ଏହି ସମୟ ମଧ୍ୟରେ ଏହି ଯୋଜନାଗୁଡ଼ିକର ସୁଧ ହାର ପରିବର୍ତ୍ତନ ହୋଇପାରେ କିମ୍ବା ନ ହୋଇପାରେ। ଡିସେମ୍ବରରେ, ସରକାର ଜାନୁଆରୀ-ମାର୍ଚ୍ଚ ପାଇଁ ଚତୁର୍ଥ ଥର ପାଇଁ ସୁଧ ହାର ପରିବର୍ତ୍ତନ କରି ନ ଥିଲେ। ଏପ୍ରିଲ-ଜୁନ୍ ପାଇଁ ନୂତନ ସୁଧ ହାର ୩୧ ମାର୍ଚ୍ଚ ସୁଦ୍ଧା ଘୋଷଣା କରାଯିବ।

### ଆୟକର ସଞ୍ଚୟ

୨୦୨୪-୨୫ ଆର୍ଥିକବର୍ଷ ଶେଷ ହେବାକୁ ଯାଉଛି। ତେଣୁ, କରଦାତାମାନେ ମାର୍ଚ୍ଚ ୩୧ ପୂର୍ବରୁ ଟିକସ ସଞ୍ଚୟ ଯୋଜନାରେ ଟଙ୍କା ନିବେଶ କରିବା ଉଚିତ। ଏଥିରେ ୮୦ସି, ୮୦ଡି ଇତ୍ୟାଦି ଅନ୍ତର୍ଭୁକ୍ତ।

# ଘିବଲି ଏଆଇ ଧାରାରେ ଯୋଡ଼ିହେଲେ ବେଦାନ୍ତ ଅଧ୍ୟକ୍ଷ

**ଭୁବନେଶ୍ୱର,୨୮।୩(ସମିସ):** ବେଦାନ୍ତ ଲିମିଟେଡର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ଭାଇରାଲ ଘିବଲି ଏଆଇ ଧାରାରେ ନିଜକୁ ସାମିଲ କରିଛନ୍ତି। ଏଲନ ମସ୍କ, ସାମ ଅଲ୍ଟମ୍ୟାନ ଓ ଆସାମର ମାନ୍ୟବର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସହ ସେ ଘିବଲି ଏଆଇର ଅନୁଭୂତି ହାସଲ କରିଛନ୍ତି। ଏଥି ସହିତ ସେ ଭାରତୀୟ ବ୍ୟବସାୟ ମହାଶକ୍ତିକୁ ଡିଜିଟାଲ ଆଲୋଚନାରେ ସାମିଲ କରିଛନ୍ତି। ଦକ୍ଷତାରେ ଉନ୍ନତି ଓ ପରିଚାଳନା ଉତ୍କର୍ଷତା ବଢ଼ାଇବା ପାଇଁ ବେଦାନ୍ତ ଦୀର୍ଘଦିନରୁ ଆଗୁଆ ଚିନ୍ତାଧାରା, ଡିଜିଟାଲ ପ୍ରଥମ, ପ୍ରଯୁକ୍ତି ସମନ୍ୱୟ, ନବସୃଜନ ଓ ଅଟୋମେସନକୁ ଗ୍ରହଣ କରିଛି। ଏବେ ଏଆଇ ଧାରାରେ ସାମିଲ ହୋଇ ଶ୍ରୀ ଅଗ୍ରୱାଲ ନିଜ ଅନୁଭୂତି ବର୍ଣ୍ଣନା କରି କହିଛନ୍ତି ଯେ, "ଆଜି ମୋ କାର୍ଯ୍ୟାଳୟର ଯୁବବର୍ଗର ପିଲାମାନେ ଚାଟଜିପିଟିରେ ଏକ ନୂଆ ବୈଶିଷ୍ଟ୍ୟକୁ ବ୍ୟବହାର କରିବାର ପ୍ରୟାସ କରୁଥିଲେ, ଯେଉଁଥିରେ ଘିବଲି ଷ୍ଟାଇଲର କଳାକୃତି ପ୍ରସ୍ତୁତ ହେଉଛି। ତେଣୁ, ମୁଁ ମୋ ପାଇଁ ଗୋଟିଏ ପ୍ରସ୍ତୁତ କରିବାକୁ ସେମାନଙ୍କୁ କହିଥିଲି। ଯୁଗ ତ ଏଆଇର, ତେଣୁ ମୁଁ ବି ନିକଟରେ ଏହାର ବ୍ୟବହାର ଆରମ୍ଭ କରିଛି। ଏହାର ଚମତ୍କାର ଫଳ ମିଳିଛି।"



● କନିଷ୍ଠ ପୁରୁଷ ହକି ବିଶ୍ୱକପ୍

## ଚେନ୍ନାଇ, ମଦୁରାଇକୁ ଆୟୋଜନ ଅଧିକାର

ଚେନ୍ନାଇ, ୨୮ ।୩ (ଏଜେନ୍ସି): ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁର ଦୁଇ ପ୍ରମୁଖ ସହର ଚେନ୍ନାଇ ଓ ମଦୁରାଇରେ ଆଗାମୀ ଏଫ୍ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ । ନଭେମ୍ବର ୨୮ ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଦୁଇ ସପ୍ତାହ ଧରି ଏହି ଦୁଇଟି ଭେନ୍ୟୁରେ ଏହି ସମ୍ମାନଜନକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ହକି ଇଣ୍ଡିଆ ପକ୍ଷରୁ ଭେନ୍ୟୁ ଘୋଷଣା ନେଇ ଶୁକ୍ରବାର ଏକ ବିବୃତିରେ କୁହାଯାଇଛି ।




ପୁରୁଷ କନିଷ୍ଠ ବିଶ୍ୱକପ୍‌ର ଏହା ହେବ ୧୪ତମ ସଂସ୍କରଣ । ଏଥିରେ ବିଶ୍ୱର ୨୪ ଗୋଟି ଦଳ ଅଂଶଗ୍ରହଣ କରିବେ । ଭାରତ କ୍ରମାଗତ ୪ର୍ଥଥର ଲାଗି ଏହି ସମ୍ମାନଜନକ ଇଭେଣ୍ଟକୁ ଆୟୋଜନ କରିବାର ସୁଯୋଗ ପାଇଛି । ପୂର୍ବରୁ ୨୦୧୩ରେ ନୂଆଦିଲ୍ଲୀ, ୨୦୧୬ରେ ଲକ୍ଷ୍ନୌ ଓ ୨୦୨୧ରେ ଏହା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ଆୟୋଜିତ ହୋଇଥିଲା । 'ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ଯେ ଆମେ ଏଫ୍ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ଅଧିକାର ହାସଲ କରିଛୁ' ବୋଲି ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି । ଭାରତୀୟ ଦଳ ଦୁଇଥର କନିଷ୍ଠ ବିଶ୍ୱକପ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି । ୨୦୦୧ରେ ହୋବାର୍ଟ ସଂସ୍କରଣରେ ଭାରତ ପ୍ରଥମଥର ଟାଇଟଲ୍ ଜିତିଥିଲା । ଏହାପରେ ୨୦୧୬ରେ ଘରୋଇ ମାଟିରେ ଟାଇଟଲ୍ ହାସଲ କରିବାରେ ସଫଳ ହୋଇଥିଲା ।

## ଆଫଗାନିସ୍ତାନର ନୂଆ ହୋମ୍ ଭେନ୍ୟୁ ଆବୁଧାବି

ଆବୁଧାବି,୨୮ ।୩ (ଏଜେନ୍ସି): ଆସନ୍ତା ୫ ବର୍ଷ ଲାଗି ୟୁଏଇର ଆବୁଧାବି କ୍ରିକେଟ ଆଣ୍ଡ ସ୍ପୋର୍ଟ୍ସ ହବ୍ ଆଫଗାନିସ୍ତାନ କ୍ରିକେଟ ବୋର୍ଡର ନୂଆ ଭେନ୍ୟୁ ହେବ । ଏଥିଲାଗି ଉଭୟ ପକ୍ଷଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ୍ ହୋଇଛି । ରାଜନୈତିକ ଅସ୍ଥିରତା ଲାଗି ଆଫଗାନିସ୍ତାନ ଘରୋଇ ମାଟିରେ କ୍ରିକେଟ ଖେଳିବାକୁ ସମର୍ଥ ହେଉନାହିଁ । ଏଥିଲାଗି ବିଭିନ୍ନ ସ୍ଥାନରେ ଆଫଗାନିସ୍ତାନ କ୍ରିକେଟ ଖେଳୁଛି । ଏହା ପୂର୍ବରୁ ଉତ୍ତର ପ୍ରଦେଶର ନଏଡାରେ ଆଫଗାନିସ୍ତାନର ହୋମ ଭେନ୍ୟୁ ଥିଲା । ଏହି ଦେଶ ଡେରାଡୁନ୍, ଲକ୍ଷ୍ନୌ, ଗ୍ରେଟର ନଏଡ଼ା ଓ ୟୁଏଇରେ ଘରୋଇ ମ୍ୟାଚ୍ ଖେଳୁଥିଲା । ଏମିରେଟ୍ସ କ୍ରିକେଟ ବୋର୍ଡ ତାହାର କ୍ରିକେଟ ଭିତ୍ତିଭୂମି ଆଫଗାନିସ୍ତାନ କ୍ରିକେଟ ଟିମ୍‌କୁ ଯୋଗାଇଦେବାକୁ ରାଜି ହେବା ପରେ ଏହି ଦଳ ଅନ୍ତର୍ଜାତୀୟ କ୍ରିକେଟରେ ଭଲ ପ୍ରଦର୍ଶନ କରିବ ବୋଲି ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ନସୀବ୍ ଖାନ୍ କହିଛନ୍ତି ।

● ପ୍ରଭାତ ମେମୋରିଆଲ୍ ଟି-୨୦

## ଫାଇନାଲରେ ଗଙ୍ଗପଡ଼ା

ଭୁବନେଶ୍ୱର, ୨୮ ।୩ (ସମିସ): ତମାଣ୍ଡୋ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଭାତ ମେମୋରିଆଲ୍ ଟି- ୨୦ କ୍ରିକେଟ୍‌ରେ ଦ୍ୱିତୀୟ ଦଳ ଭାବେ ଗଙ୍ଗପଡ଼ା ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଅନୁଷ୍ଠିତ ୨ୟ ସେମିଫାଇନାଲରେ ଗଙ୍ଗପଡ଼ା ଆୟୋଜକ ତମାଣ୍ଡୋ ଦଳକୁ ୧୧୬ ରନରେ ପରାସ୍ତ କରିଥିଲା ।



ପ୍ରଥମେ ବ୍ୟାଟିଂ କରି ଗଙ୍ଗପଡ଼ା ୨୦ ଓଭରରେ ୬ ୱିକେଟ୍ ହରାଇ ୨୬୧ ରନ କରିଥିଲା । ଦଳ ପକ୍ଷରୁ ମହେଶ୍ୱର ସେନାପତି ୫୦ ଓ ଶୁଭେନ୍ଦୁ ପ୍ରଧାନ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଜବାବରେ ତମାଣ୍ଡୋ ଦଳ ପ୍ରଦୀପ ରାଉତଙ୍କ ୫୪ ରନ ସତ୍ତ୍ୱେ ୧୪.୨ ଓଭରରେ ୧୪୫ ରନରେ ସୀମିତ ରହିଥିଲା । ବିଜୟୀ ଗଙ୍ଗପଡ଼ାର ରଶ୍ମୀରଞ୍ଜନ ଜେନା ଓ ମୃତ୍ୟୁଞ୍ଜୟ ମାନସିଂ ୩ଟି ଲେଖାଏ ୱିକେଟ୍ ନେଇଥିଲେ । ବିଶ୍ୱଜିତ୍ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ମୃତ୍ୟୁଞ୍ଜୟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ । ରବିବାର ଯଦୁପୁର ଓ ଗଙ୍ଗପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ।


ଆଇପିଏଲ୍ ୧୮

# ଆରମ୍ଭରୁ ନବାଗତଙ୍କ ଚମକ


ନୂଆଦିଲ୍ଲୀ,୨୮ ।୩ (ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୮ ତମ ସଂସ୍କରଣ ଧମାକାଦାର ଭାବେ ଆରମ୍ଭ ହୋଇଛି । ଏହା ମଧ୍ୟରେ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ୫ଟି ଯାକ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିସାରିଛନ୍ତି । ଏହି ୫ଟି ମ୍ୟାଚ୍‌ରେ ବ୍ୟାଟରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି । ପ୍ରଥମଥର ପ୍ରଥମ ୫ଟି ମ୍ୟାଚ୍‌ରେ ଓଭର ପ୍ରତି ହାରହାରି ରନ୍ ସଂଗ୍ରହ ୧୦ରୁ ଅଧିକ ହୋଇଛି । ଏହି ୫ଟି ମ୍ୟାଚ୍‌ରେ ଛକା ସଂଖ୍ୟା ପୂର୍ବାପେକ୍ଷା ୩୭ ଶତକଡ଼ା ବୃଦ୍ଧି ପାଇଛି । ଏହି ୧୦ଟି ଇନିଂସରେ ୧୦ଟି ଇନିଂସରୁ ୬ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଛି । ସବୁଠାରୁ ବଡ଼ କଥା ହେଉଛି ରାଜସ୍ଥାନ ରୟାଲ୍ସ ପକ୍ଷରୁ ଜଣେ ଯୁବ ଖେଳାଳି ରିୟାନ ପରାଗ ଦଳର ନେତୃତ୍ୱ ନେଇଛନ୍ତି । ବିରାଟ କୋହଲି, ଷ୍ଟିଭେନ ସ୍ମିଥ ଓ ସୁରେଶ ରାଇନାଙ୍କ ପରେ ସେ ଚତୁର୍ଥ ସର୍ବକନିଷ୍ଠ ଆଇପିଏଲ୍ ଅଧିନାୟକ ହୋଇଛନ୍ତି । ଏହି ଧାରାରେ ପ୍ରଥମ ୫ଟି ମ୍ୟାଚ୍‌ରେ ୭ଜଣ ଭାରତୀୟ ଖେଳାଳି ଆଇପିଏଲ୍‌ରେ ଡେବ୍ୟୁ କରିଛନ୍ତି । ଏମାନଙ୍କ ମଧ୍ୟରୁ ୪ଜଣ ସେମାନଙ୍କ ଡେବ୍ୟୁ ମ୍ୟାଚ୍‌ରେ ପ୍ରଦର୍ଶନକୁ ସ୍ମରଣୀୟ କରିପାରିଛନ୍ତି । ଏମାନଙ୍କ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସର ବାମହାତୀ ସ୍ପିନର ଭିଗ୍ନେସ ପୁଥୁର, ଦିଲ୍ଲୀ କ୍ୟାପିଟାଲ୍ସର ଅଲରାଉଣ୍ଡର ବିପରାଜ ନିଗମ ଓ ଦିବେଶ ସିଂ ରାଠୀ, ପଞ୍ଜାବ କିଙ୍ଗ୍‌ସର ପ୍ରିୟାଂଶ ଆର୍ଯ୍ୟ । ଏମାନଙ୍କ ପ୍ରଦର୍ଶନ ଯେ କୌଣସି ପ୍ରତିଷ୍ଠିତ ଖେଳାଳିଙ୍କଠାରୁ କମ୍ ନୁହେଁ ବୋଲି ଆଲୋଚନା ହେଉଛି ।

### ବିଘ୍ନେଶ ପୁଥୁର
(ମୁମ୍ବାଇ ଇଣ୍ଡିଆନ୍ସ)

କେରଳର ୨୫ ବର୍ଷୀୟ ବାମହାତୀ ସ୍ପିନର ବିଘ୍ନେଶ ପୁଥୁର ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ ଡେବ୍ୟୁ କରିଛନ୍ତି । ଚେନ୍ନାଇ ସୁପର କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ସେ ଋତୁରାଗ ଗାଏକ୍‌ୱାଡ୍, ଶିବମ ଦୁବେ ଓ ଦୀପକ ହୁଡାଙ୍କ ୱିକେଟ ଅକ୍ତିଆର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ମ୍ୟାଚ୍‌ରେ ତାଙ୍କ ବୋଲିଂକୁ ଖେଳିବା ଚେନ୍ନାଇ ବ୍ୟାଟରଙ୍କ ଲାଗି କଷ୍ଟକର ହୋଇଥିଲା । କେରଳ ଟି-୨୦ ଲିଗ୍‌ରେ ଆଲେପ୍ପି ରିପଲ୍ସ ପକ୍ଷରୁ ମାତ୍ର ୩ଟି ମ୍ୟାଚ୍ ଖେଳି ୨ଟି ୱିକେଟ ନେଇଥିଲେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସର କର୍ମକର୍ତ୍ତାମାନେ ତାଙ୍କ ପ୍ରଦର୍ଶନରେ ଆକୃଷ୍ଟ ହୋଇଥିଲେ । ତାଙ୍କୁ ଟ୍ରାଏଲ୍ସକୁ ଡକାଯାଇଥିଲା ଓ ପରେ ଦଳରେ ସାମିଲ ହୋଇଥିଲେ । ଜଣେ ଅଟୋ ଡ୍ରାଇଭରଙ୍କ ପୁଅ ହୋଇଥିଲେ ମଧ୍ୟ କ୍ରିକେଟ ଖେଳ ପ୍ରତି ଥିବା ଆଗ୍ରହ ତାଙ୍କୁ ଏତେବାଟ ନେଇ ଆସିଛି । ୩୦ ଲକ୍ଷ ଟଙ୍କା ବିନିମୟରେ ସେ ମୁମ୍ବାଇ ଦଳରେ ସାମିଲ ହୋଇଛନ୍ତି ।



### ବିପରାଜ ନିଗମ
(ଦିଲ୍ଲୀ କ୍ୟାପିଟାଲ୍ସ)



ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ବିପକ୍ଷରେ ଦିଲ୍ଲୀକୁ ମ୍ୟାଚ୍ ଜିତାଇବାରେ ଆଶୁତୋଷ ଶର୍ମାଙ୍କୁ ହିରୋ ସାବ୍ୟସ୍ତ କରାଯାଉଛି । କିନ୍ତୁ ଏହି ମ୍ୟାଚ୍‌ରେ ମାତ୍ର ୧୫ଟି ବଲ୍‌ରୁ ୩୯ ରନ୍ କରି ଖେଳର ଗତିପଥ ବଦଳାଇଦେଇଥିବା ଅଲରାଉଣ୍ଡର ବିପରାଜ ନିଗମଙ୍କ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ହୋଇଛି । ଉତ୍ତରପ୍ରଦେଶ ପକ୍ଷରୁ ୩ଟି ପ୍ରଥମଶ୍ରେଣୀ, ୫ଟି ଲିଷ୍ଟ-ଏ (ଦିନିକିଆ) ଓ ୭ଟି ଟି-୨୦ ମ୍ୟାଚ୍ ଖେଳିଥିବା ଏହି ଲେଗ୍ ସ୍ପିନରଙ୍କୁ ଦିଲ୍ଲୀ ୫୦ ଲକ୍ଷ ଟଙ୍କା ବିନିମୟରେ ଦଳରେ ସାମିଲ କରିଛି । ବୋଲିଂରେ ସେ ୩୫ ରନ୍‌ରେ ଗୋଟିଏ ୱିକେଟ ନେଇଥିଲେ । କିନ୍ତୁ ବ୍ୟାଟିଂରେ ତାଙ୍କର କ୍ଲିନ୍ ହିଟ୍ ସମସ୍ତଙ୍କୁ ଆକୃଷ୍ଟ କରିଛି । ୟୁପି ଟି-୨୦ ଲିଗ୍‌ରେ ସେ ୧୧ଟି ଇନିଂସରେ ୨୦ଟି ୱିକେଟ ନେଇଛନ୍ତି । ବୋଲିଂରେ ନ ହେଲେ ମଧ୍ୟ ବ୍ୟାଟିଂରେ ତାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ହୋଇପାରିଛି ।

### ଦିବେଶ ରାଠୀ
(ଦିଲ୍ଲୀ କ୍ୟାପିଟାଲ୍ସ)

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସର ଆଉଜଣେ ସ୍ପିନର ଦିବେଶ ରାଠୀ ଡେବ୍ୟୁ କରିଛନ୍ତି । ଏହି ମ୍ୟାଚ୍‌ରେ ସେ ଦିଲ୍ଲୀ ଅଧିନାୟକ ଅକ୍ଷର ପଟେଲ ଓ ବିପଜ୍ଜନକ ସାବ୍ୟସ୍ତ ହେଉଥିବା ବିପରାଜ ନିଗମଙ୍କୁ ଆଉଟ କରିଥିଲେ । ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ ସୁପରଷ୍ଟାର୍ଜ ପକ୍ଷରୁ ଚଳିତବର୍ଷ ଖେଳି ସେ ୧୪ଟି ୱିକେଟ ନେଇଥିଲେ । ବିଶେଷକରି ସେ ଅଧିନାୟକ ଆୟୂଷ ବଦୋନୀଙ୍କ ଟ୍ରମ୍ପକାର୍ଡ ସାଜିଥିଲେ । ଏହି ପ୍ରଦର୍ଶନ ଯୋଗୁଁ ତାଙ୍କୁ ସିନିୟର ଟିମ୍‌ରେ ସାମିଲ କରାଯାଇଥିଲା ଓ ସେ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୩ଟି ମ୍ୟାଚ୍ ଖେଳି ୫ଟି ୱିକେଟ ନେବାରେ ସଫଳ ହୋଇଥିଲେ । ଏହି ୨୫ ବର୍ଷୀୟ ଖେଳାଳିଙ୍କୁ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ୩୦ ଲକ୍ଷ ଟଙ୍କା ବିନିମୟରେ ଦଳରେ ସାମିଲ କରିଛି ।



### ପ୍ରିୟାଂଶ ଆର୍ଯ୍ୟ
(ପଞ୍ଜାବ କିଙ୍ଗ୍‌ସ)

ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଗୋଟିଏ ଓଭରରେ ୬ଟି ଛକା ଓ ୫୦ ବଲ୍‌ରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏହି ୨୪ ବର୍ଷୀୟ ବାମହାତୀ ଓପନର । ସୟଦ ମୁସ୍ତାକ ଅଲି ଟି-୨୦ରେ ମଧ୍ୟ ଦିଲ୍ଲୀର ଟପ୍ ସ୍କୋରର ହୋଇଥିଲେ । ଏହି ସଫଳତା ତାଙ୍କୁ ନିଲାମିରେ ଗୁରୁତ୍ୱ ମିଳିଥିଲା । ତାଙ୍କର ମୂଳ ମୂଲ୍ୟ ୩୦ ଲକ୍ଷ ଟଙ୍କା ହୋଇଥିଲେ ମଧ୍ୟ ପଞ୍ଜାବ କିଙ୍ଗ୍‌ସ ୩ କୋଟି ୮୦ ଲକ୍ଷ ଟଙ୍କାରେ କିଣିଥିଲା । ପ୍ରିୟାଂଶ ଗୁଜରାଟ ଟାଇଟାନ୍ସ ବିପକ୍ଷ ଡେବ୍ୟୁ ମ୍ୟାଚ୍‌ରେ ଇନିଂସ ଓପନ କରି ୨୩ ବଲ୍‌ରୁ ୭ ଚୌକା ଓ ୨ ଛକା ସହ ୪୭ ରନ୍ କରିଥିଲେ । ଡେବ୍ୟୁରେ ପ୍ରିୟାଂଶଙ୍କ ବ୍ୟାଟିଂ ଯେ କୌଣସି ଅଭିଜ୍ଞ ଖେଳାଳିଙ୍କଠାରୁ ପରିପକ୍ୱ ହୋଇଥିଲା । ତାଙ୍କ ବ୍ୟାଟିଂ ଯୋଗୁଁ ପଞ୍ଜାବ ଭଲ ଆରମ୍ଭ କରିଥିଲା ଓ ଚଳିତ ଆଇପିଏଲ୍‌ରେ ଏହି ଖେଳାଳି ବେଶ ପ୍ରଭାବ ପକାଇବେ ବୋଲି ଡେବ୍ୟୁ ମ୍ୟାଚ୍‌ରୁ ସ୍ପଷ୍ଟ ସୂଚନା ଦେଇଛନ୍ତି ।



ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ୍ ଟୁର୍ଣ୍ଣାମେଣ୍ଟ

## ସାଇରାଂଶଙ୍କୁ ଦ୍ୱିମୁକୁଟ




ଭୁବନେଶ୍ୱର,୨୮ ।୩(ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଏଆଇଟିଏ- ଓଟିଏ ଟ୍ୟାଲେଣ୍ଟ ସିରିଜ (ଟିଏସ୍୭) ୧୨ ଓ ୧୪ ବର୍ଷରୁ କମ୍ ବାଳକ ଟେନିସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମ ବଙ୍ଗର ସାଇରାଂଶ ଝା ଦ୍ୱିମୁକୁଟ ହାସଲ କରିଛନ୍ତି । ସେ ୧୪ ବର୍ଷରୁ କମ୍ ବାଳକ ଏକକ ଫାଇନାଲରେ ଓଡ଼ିଶାର ସୂର୍ଯ୍ୟାଂଶ ଥାଟୋଇଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି । ସେହିପରି ସେ ୧୪ ବର୍ଷରୁ କମ ବାଳକ ଯୁଗଳ ପ୍ରତିଯୋଗିତାରେ ନିଜ ରାଜ୍ୟର ଭିଭାନ ଗୁପ୍ତାଙ୍କୁ ସାଥିକରି ଫାଇନାଲରେ ଝାଡଖଣ୍ଡର ସମୟ ଆଗମନ ଓ ଓଡ଼ିଶାର ସେଖ୍ ସରିମ ନବାଜଙ୍କୁ ୬-୨, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି । ଅନ୍ୟପଟେ ୧୨ ବର୍ଷରୁ କମ୍ ବାଳକ ଏକକରେ ଓଡ଼ିଶାର ସୂର୍ଯ୍ୟାଂଶ ଥାଟୋଇ ୬-୧, ୬-୨ ସେଟ୍‌ରେ ନିଜ ରାଜ୍ୟର ଦିବ୍ୟେଶ ବାରିକଙ୍କୁ ପରାସ୍ତ କରି ଟାଇଟଲ ଜିତିଛନ୍ତି । ଓଟିଏ ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ଅସିତ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ଓଟିଏ ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ଉପସ୍ଥିତ ଥିଲେ । ଇତି ପ୍ରଧାନ ଟୁର୍ଣ୍ଣାମେଣ୍ଟ ରେଫରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ବିଜେତା ଓ ଉପ- ବିଜେତା ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍‌ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ରାଜ୍ୟ ଯଥା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଆୟୋଜକ ଓଡ଼ିଶାର ୫୪ ଖେଳାଳି ଅଂଶଗ୍ରହଣ କରିଥିଲେ ।

● ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ

## ୮ ପଦକ ସହ କିଟ୍ ଦ୍ୱିତୀୟ ରନର୍ସଅପ୍



ଭୁବନେଶ୍ୱର, ୨୮ ।୩ (ସମିସ): ଚଣ୍ଡିଗଡ଼ସ୍ଥିତ ସୁଖନା ଲେକ୍‌ରେ ଗତ ୨୧ ତାରିଖରୁ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିଅନସିପ୍‌ରେ କିଟ୍ ମହିଳା ଦଳ ୮ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି । ଯେଉଁଥିରେ ୨ଟି ସ୍ୱର୍ଣ୍ଣ ୩ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି । ଅଂଶିକା ଭାରତୀ ମହିଳା ୨ କିମି ଇଭେଣ୍ଟ ଏବଂ ଅବିନାଶ କୌର ଓ ଅରୁଣପ୍ରୀତ୍ କୌର ୫୦୦ ମିଟର ମହିଳା ଡବଲ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଏଥିସହ କିଟ୍ ମହିଳା ଦଳ ପ୍ରତିଯୋଗିତାରେ ୨ୟ ରନର୍ସଅପ୍ ହେହାଇଛି ।

ଅର୍ଜୁନ ପୁରସ୍କାର ବିଜେତା ତଥା ଅଲିମ୍ପିଆନ ଇନ୍ଦ୍ରପାଲ୍ ସିଂହଙ୍କ ପ୍ରଶିକ୍ଷଣରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଏହି ସଫଳତା ପାଇଛି । ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ପଦକ ବିଜୟୀ ସମସ୍ତ ରୋୟର୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

କଳାହାଣ୍ଡି କପ୍ ୨୦୨୫

## ରାଜକିଶୋରଙ୍କୁ ୭ ୱିକେଟ୍, ସୌରଭ ୧୬୧*

କଟକ,୨୮ ।୩(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ରାଜ୍ୟର ସବୁଠୁ ସମ୍ମାନଜନକ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି । ଶୁକ୍ରବାର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୯ ୱିକେଟରେ ବରଗଡ଼କୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ମାତ୍ର ୨୧ ରନରେ ଅଲଆଉଟ ହୋଇଥିଲା । କେନ୍ଦ୍ରାପଡ଼ାର ରାଜକିଶୋର ଦଳାଇ ଘାତକ ବୋଲିଂ କରିଥିଲେ । ଡାହାଣହାତୀ ମିଡିୟମ ପେସର୍ ରାଜକିଶୋର ୪ଓଭର ବୋଲିଂରେ ୯ରନ ବ୍ୟୟ କରି ୭ଟି ୱିକେଟ ଅକ୍ତିଆର କରିଥିଲେ । ରିତେଶ ପାଣ୍ଡେ ଅବଶିଷ୍ଟ ୩ଟି ୱିକେଟ ଦଖଲ କରିଥିଲେ । ୬ ଓଭରରେ ଗୋଟିଏ ୱିକେଟ ହରାଇ କେନ୍ଦ୍ରାପଡ଼ା ବିଜୟୀ ହୋଇଥିଲା । ରାଜକିଶୋରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।


ପାନକଲ ମୋକ୍ଷିତ


ରାଜକିଶୋର ଦଳାଇ


ସୌରଭ ଗୌଡ଼

ଆଠଗଡ଼ସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୭୬ ରନରେ ପୁରୀକୁ ହରାଇଛି । ସୌରଭ କୁମାର ଗୌଡ଼ଙ୍କ ଅପରାଜିତ ୧୬୧ ରନ ସହାୟତାରେ ଭୁବନେଶ୍ୱର-ଏ ୫ ୱିକେଟ ହରାଇ ୩୧୬ ରନ କରିଥିଲା । ପୁରୀର ପଦ୍ମଲୋଚନ ପଣ୍ଡା ୪ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ରାଜେଶ ବେହେରାଙ୍କ ୭୯ରନ ଏବଂ ବିନୟ ପାଇକରାୟଙ୍କ ୭୬ ରନର ଅର୍ଦ୍ଧଶତକୀୟ ପାଳି ବଳରେ ପୁରୀ ୪ ୱିକେଟ ହରାଇ ୨୪୦ରନ କରିଥିଲା । ଧୁଆଁଧାର ଶତକୀୟ ଇନିଂସ ଖେଳିଥିବା ସୌରଭ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସେହିପରି ଅଡ଼ଶପୁର ଗ୍ରାଉଣ୍ଡରେ ଅନୁଗୋଳ ୨୧୪ ରନରେ ଦେବଗଡ଼କୁ ହରାଇଛି । ରାଜ୍ୟ ଦଳର ଦୁଇ ନିୟମିତ ଖେଳାଳି ପାନକଲ ମୋକ୍ଷିତଙ୍କ ୧୨୭ ଏବଂ ଶ୍ରେୟାଂଶ ଭରଦ୍ୱାଜଙ୍କ ୮୫ ରନ ବଳରେ ଅନୁଗୋଳ ୪ ୱିକେଟ ବିନିମୟରେ ୩୧୮ ରନ କରିଥିଲା । ଦେବଗଡ଼ର ଇନିଂସ୍ ୧୦୪ ରନରେ ସୀମିତ ରହିଥିଲା । ଅନୁଗୋଳ ପକ୍ଷରୁ ସୋହମ ରାଜ ମହାପାତ୍ର ୨୪ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ରେଳବାଇ ଷ୍ଟାଡିୟମ ଗ୍ରାଉଣ୍ଡରେ ମହମ୍ମଦ ଇକ୍ରାମଙ୍କ ୫ ୱିକେଟ ସଫଳତା ବଳରେ ରାଉରକେଲା ୫ ୱିକେଟରେ ବଲାଙ୍ଗିରକୁ ପରାସ୍ତ କରିଥିଲା । ବଲାଙ୍ଗିର ୧୨୯ ରନରେ ଅଲଆଉଟ ହୋଇଥିବା ବେଳେ ଇକ୍ରାମ ୧୯ରନ ବିନିମୟରେ ୫ଟି ୱିକେଟ ହାସଲ କରିଥିଲେ । ୩୩ତମ ଓଭରରେ ରାଉରକେଲା ବିଜୟୀ ହୋଇଥିଲା । ଇକ୍ରାମଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ ସୋନପୁର ୮ ରନ୍‌ରେ ମାଲକାନଗିରିକୁ, ସମ୍ବଲପୁର-ଏ ୩ ରନରେ ଝାରସୁଗୁଡାକୁ, କିଟ ୧୧ରନରେ ସମ୍ବଲପୁର-ବି'କୁ, ଗଞ୍ଜାମ ୮ ୱିକେଟରେ ରାୟଗଡ଼ାକୁ, ଢେଙ୍କାନାଳ ୮୮ ରନରେ କଟକ-ବି'କୁ ପରାସ୍ତ କରିଥିଲା ।

## ଜ୍ୟୋତିଙ୍କୁ ରାଜ୍ୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ୍ ଦଳର ନେତୃତ୍ୱ



ଭୁବନେଶ୍ୱର, ୨୮ ।୩ (ସମିସ): ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୫୩ତମ ସଂସ୍କରଣ ଉତ୍ତରପ୍ରଦେଶର ହାଥରସ୍‌ଠାରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରିବା ଲାଗି ୧୮ ଜଣିଆ ଓଡ଼ିଶା ମହିଳା ହ୍ୟାଣ୍ଡବଲ୍ ଉତ୍ତରପ୍ରଦେଶ ଅଭିମୁଖେ ଗସ୍ତ କରିଛି । ଜ୍ୟୋତି ପାତ୍ରଙ୍କୁ ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି । ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ପକ୍ଷରୁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଦଳକୁ ଶୁଭକାମନା ଓ ଶୁଭେଚ୍ଛା ଜଣାଯାଇଥିଲା । ଏଥିରେ କ୍ରୀଡ଼ାବିଭାଗର ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ହରେଶ ମିଶ୍ର, ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ଇଂ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ପ୍ରଶିକ୍ଷକ ଗୌରୀଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଗୀତାଞ୍ଜଳି ଦାସ ମ୍ୟାନେଜର ଓ ରାମଶିଷ ପ୍ରସାଦ ଜେନା ପ୍ରଶିକ୍ଷକ ଭାବେ ଦଳ ସହ ଗସ୍ତ କରିଛନ୍ତି । ଓଡ଼ିଶା ମହିଳା ହ୍ୟାଣ୍ଡବଲ୍ ଦଳ: ଜ୍ୟୋତି ପାତ୍ର (ଅଧିନାୟିକା), ସନ୍ଧ୍ୟାରାଣୀ ଦାସ, ସ୍ମୃତିରେଖା ବିଶ୍ୱାଳ, ବର୍ଷାରାଣୀ ବେହେରା, ସ୍ମୃତିରେଖା ରାଉତରାୟ, ବର୍ଷା ବେହେରା, ବର୍ଷା ସେଠୀ, ଶୁଭଶ୍ରୀ ସେଠୀ, ମାନସୀ ପ୍ରଧାନ, ସ୍ୱପ୍ନେଶ୍ୱରୀ ଦାସ, ତେଜସ୍ୱିନୀ ସେଠୀ, ଅଦ୍ୟଷା ଦାସ, ସମୀକ୍ଷା ମଣ୍ଡଳ, ବର୍ଷା ପ୍ରିୟଦର୍ଶିନୀ ବାରିକ, ଅର୍ଚ୍ଚନା ବାରିକ, ସାଇନା ବେଗମ, ପୂଜା ସ୍ୱାଇଁ ।

**ଆଇପିଏଲ୍-୧୮**
**ଚେପକ୍‌ରେ ୧୭ ବର୍ଷର ପ୍ରତୀକ୍ଷାର ଅନ୍ତ**

# ଚେନ୍ନାଇକୁ ହରାଇଲା ବେଙ୍ଗାଲୁରୁ

ଚେନ୍ନଇ, ୨୮ ।୩ (ଏଜେନ୍ସି)

ଚଳିତ ଆଇପିଏଲ୍‌ର ୧୮ ତମ ସଂସ୍କରଣରେ ଶୁକ୍ରବାର ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୫୦ ରନରେ ଘରୋଇ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ହରାଇଦେଇଛି । ବେଙ୍ଗାଲୁରୁ ପକ୍ଷରୁ ଧାର୍ଯ୍ୟ ୧୯୭ ରନର ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୬ ରନ କରିଥିଲା । ଏଥିସହ ଦୀର୍ଘ ୧୭ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ବେଙ୍ଗାଲୁରୁ ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ (ଚେପକ୍)ରେ ଘରୋଇ ସୁପର୍ କିଙ୍ଗ୍‌ସ ବିପକ୍ଷରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି । ପ୍ରଥମ ଓ ଶେଷଥର ଲାଗି ଆଇପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୦୮ ମେ ୨୧ରେ ବେଙ୍ଗାଲୁରୁ ଏହି ଭେନ୍ୟୁରେ ୧୪ ରନରେ ଚେନ୍ନାଇକୁ ହରାଇଥିଲା ।

୧୯୭ ରନକୁ ପିଛା କରିଥିବା ସୁପର୍ କିଙ୍ଗ୍‌ସ ପକ୍ଷରୁ ଓପନର୍ ରାଚିନ ରବୀନ୍ଦ୍ର ସର୍ବାଧିକ ୪୧ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ସିଂ ଧୋନି ଅପରାଜିତ ୩୦, ରବୀନ୍ଦ୍ର ଜାଡେଜା ୨୫, ଶିଭମ ଦୁବେ ୧୯ ଓ ରବିଚନ୍ଦ୍ରନ ଅଶ୍ୱିନ ୧୧ ରନ କରିଥିଲେ । ଅଧିନାୟକ ଋତୁରାଜ ଗାଏକୱାଡ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଛନ୍ତି । ବେଙ୍ଗାଲୁରୁ ପକ୍ଷରୁ ସଫଳ ବୋଲର ଭାବେ ଜୋଶ୍ ହାଜଲେଉଡ୍ ୩ ଏବଂ ଯଶ ଦୟାଲ ଓ ଲିଆମ ଲିଭିଂଷ୍ଟୋନ ୨ଟି ଲେଖାଏ ୱିକେଟ୍ ନେଇଛନ୍ତି । ଦ୍ୱିତୀୟ ମ୍ୟାଚରୁ ୨ୟ ବିଜୟ ସହ ବେଙ୍ଗାଲୁରୁ ୪ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହିଛି । ସେହିଭଳି ଚେନ୍ନାଇ ୨ୟ ମ୍ୟାଚରୁ ପ୍ରଥମ ପରାଜୟବରଣ କରିଛି ।

ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବେଙ୍ଗାଲୁରୁ ପାଇଁ ଦୁଇ ଓପନର୍ ବିରାଟ କୋହଲି ଓ ଫିଲ୍ ସଲ୍ଟ ଦମ୍‌ଦାର ଆରମ୍ଭ କରିଥିଲେ । ଉଭୟ ପ୍ରଥମ ୱିକେଟ୍ ଭାଗୀଦାରିରେ ୫ ଓଭରରେ ୪୬ ରନ ଉଠାଇଥିଲେ । ତେବେ ନୁର୍ ଅହମ୍ମଦଙ୍କ ବଲରେ ସଲ୍ଟ (୩୨ ରନ, ୧୬ ବଲ୍)ଙ୍କୁ ଚମତ୍କାର ଭାବେ ଷ୍ଟମ୍ପ ଆଉଟ୍ କରି ମହେନ୍ଦ୍ର ସିଂ ଧୋନି ଦଳକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ । ଏହାପରେ ୩ୟ ସ୍ଥାନରେ ଆସିଥିବା ଦେବଦତ୍ତ ପାଡ଼ିକଲ୍ ମଧ୍ୟ ୨ଟି ଲେଖାଏ ଚୌକା ଓ ଛକା ସହ ୧୪ ବଲରୁ ୨୭ ରନର ଦ୍ରୁତ ପାଳି ଖେଳି ରବିଚନ୍ଦ୍ରନ ଅଶ୍ୱିନଙ୍କ ଶିକାର ବନିଥିଲେ । ସେହିଭଳି ଓପନିଂରୁ ଆସି ଧୈର୍ଯ୍ୟର ଖେଳୁଥିବା କୋହଲି (୩୦ ବଲରୁ ୩୧ ରନ) ମଧ ନୁର୍‌ଙ୍କ ଦ୍ୱିତୀୟ ଶିକାର ବନିଥିଲେ । ଫଳରେ ବେଙ୍ଗାଲୁରୁ୧୩ ଓଭରବେଳକୁ ୧୧୭ ରନରେ ୩ ୱିକେଟ୍ ହରାଇଥିଲା । ତେବେ ଏହି ସମୟରେ ରଜତ ପଟିଦାର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଦଳ ୨୦ ଓଭରରେ ୭ ୱିକେଟ୍‌ରେ ୧୯୬ ରନର ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା । ପଟିଦାର ୩୨ ବଲରୁ ୪ ଚୌକା ଓ ୩ ଛକା ସହାୟତାରେ ୫୧ ରନ କରି ମଥିଶା ପତିରାଣାଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ । ସେହିଭଳି ଅଷ୍ଟ୍ରେଲୀୟ ବ୍ୟାଟର୍ ଟିମ୍ ଡେଭିଡ୍ ମଧ ଶେଷ ଭାଗରେ ୮ ବଲରୁ ଅପରାଜିତ ୨୨ ରନ କରି ଦଳକୁ ବଡ଼ ସ୍କୋର ଦେବାରେ ସହାୟତା କରିଥିଲେ । ବୋଲିଂରେ ଘରୋଇ ସୁପର୍ କିଙ୍ଗ୍‌ସ ପାଇଁ ନୁର୍ ଅହମ୍ମଦ ୩ ଓ ସିଂହଳୀ ଦ୍ରୁତ ବୋଲର ପତିରାଣା ୨ଟି ୱିକେଟ୍ ସଫଳତା ପାଇଥିଲେ ।


ରଜତ ପଟିଦାର

### ସଂକ୍ଷିପ୍ତ ସ୍କୋର

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୯୬/୭, ୨୦ ଓଭର**
(ପଟିଦାର- ୫୧, ସଲ୍ଟ- ୩୨, କୋହଲି- ୩୧, ପାଡ଼ିକଲ୍- ୨୭, ଡେଭିଡ୍- ଅପରାଜିତ ୨୨, ଲିଭିଂଷ୍ଟୋନ- ୧୦, ନୁର୍ ଅହମ୍ମଦ- ୩/୩୬, ପତିରାଣା- ୨/୩୬)

**ଚେନ୍ନାଇ ସୁପର୍ କିଙ୍ଗ୍‌ସ: ୧୪୬/୮, ୨୦ ଓଭର**
(ରାଚିନ- ୪୧, ଧୋନି- ଅପରାଜିତ ୩୦, ଜାଡେଜା- ୨୫, ଦୁବେ- ୧୯, ଗାଏକୱାଡ- ୦, ହାଜଲେଉଡ୍- ୩/୨୧, ଯଶ ଦୟାଲ- ୨/୧୮, ଲିଭିଂଷ୍ଟୋନ- ୨/୨୮)

## ସିଏସ୍‌କେ ବିପକ୍ଷରେ କୋହଲି ଶ୍ରେଷ୍ଠ ବ୍ୟାଟର୍



ଆଇପିଏଲ୍ ଇତିହାସରେ ବିରାଟ କୋହଲି ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ବିପକ୍ଷରେ ସବୁଠୁ ସଫଳ ବ୍ୟାଟର୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଚେନ୍ନାଇ ବିପକ୍ଷରେ ସର୍ବାଧିକ ରନ ଏବେ କୋହଲିଙ୍କ ନାମରେ ଲିପିବଦ୍ଧ ହୋଇଛି । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଏହି ଷ୍ଟାର୍ ବ୍ୟାଟର୍ ସୁପର୍ କିଙ୍ଗ୍‌ସ ବିପକ୍ଷରେ ବର୍ତ୍ତମାନ ସୁଦ୍ଧା ୩୩ ମ୍ୟାଚ୍ ଖେଳି ୧୦୮୪ ରନ ସଂଗ୍ରହ କରିଛନ୍ତି । ଶୁକ୍ରବାର ୩୧ ରନ ପାଳି ଖେଳିବା ଅବସରରେ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି । ଏହି ଅବସରରେ ସେ ଶିଖର ଧାୱନଙ୍କୁ ପଛରେ ପକାଇଦେଇଛନ୍ତି । ଧାୱନ ଚେନ୍ନାଇ ବିପକ୍ଷରେ ୨୯ ମ୍ୟାଚ୍‌ରୁ ୧୦୫୭ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିଭଳି ରୋହିତ୍ ଶର୍ମା (୮୯୬ ରନ), ଦୀନେଶ କାର୍ତ୍ତିକ (୭୨୭ ରନ) ଓ ଡେଭିଡ୍ ୱାର୍ଣ୍ଣର (୬୯୬) ତାଲିକାରେ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି । ଉଲ୍ଲେଖଯୋଗ୍ୟ, ବିରାଟ ଆଇପିଏଲ୍‌ରେ ମଧ୍ୟ ସର୍ବକାଳୀନ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି । ସେ ୨୫୪ ମ୍ୟାଚରୁ ୮୦୯୪ ରନ କରିଛନ୍ତି । ଯେଉଁଥିରେ ୫୬ ଅର୍ଦ୍ଧଶତକ ଓ ୮ ଶତକ ସାମିଲ ରହିଛି ।

### ଆଇପିଏଲ୍‌ରେ ଆଜି

**ଗୁଜରାଟ ବନାମ ମୁମ୍ବାଇ**

ଅହମ୍ମଦାବାଦ୍ / ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍‌ସ / ଜିଓ ହଟଷ୍ଟାର

**ଇଣ୍ଡିଆନ୍ ଗ୍ରାଁପ୍ରି**

## ପ୍ରଜ୍ଞାଙ୍କୁ ରୌପ୍ୟ, ଲାଲୁଙ୍କୁ କାଂସ୍ୟ

ଭୁବନେଶ୍ୱର, ୨୮ ।୩ (ସମିସ): ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ଆନୁକୂଲ୍ୟରେ ବେଙ୍ଗାଲୁରୁରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଇଣ୍ଡିଆନ୍ ଗ୍ରାଁପ୍ରି-୧ର ପ୍ରଥମ ଦିବସରେ ଓଡ଼ିଶାକୁ ପଦକ ସଫଳତା ମିଳିଛି । ଓଡ଼ିଶାର ଉଦୀୟମାନ ଧାବିକା ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ଓ ଲାଲୁ ପ୍ରସାଦ ଭୋଇ କାଂସ୍ୟ ପଦକ ଜିତିଛନ୍ତି ।

ପ୍ରଜ୍ଞା ମହିଳା ୧୦୦ ମିଟର ହର୍ଡଲ୍ସ ଫାଇନାଲରେ ୧୩.୪୪ ସେକେଣ୍ଡ ସମୟ ନେଇ ପୋଡିୟମର ୨ୟ ସ୍ଥାନରେ ରହିଥିଲେ । ପ୍ରଜ୍ଞା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ଆଥ୍‌ଲେଟିକ୍ସ ହାଇପରଫର୍ମାନ୍ସ (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି । ଏହି ଇଭେଣ୍ଟରେ ରିଲାଏନ୍ସ ଏଚ୍‌ପିସିର ଅନ୍ୟତମ ଚର୍ଚ୍ଚିତ ପ୍ରଶିକ୍ଷାର୍ଥୀ ଜ୍ୟୋତି ୟାରାଜୀ ସ୍ୱର୍ଣ୍ଣ ପଦକ ହାତେଇନେଇଛନ୍ତି । ୧୦୦ ମିଟର୍ ହର୍ଡଲ୍ସକୁ ଜ୍ୟୋତି ୧୩.୦୭ ସେକେଣ୍ଡରେ ଫିନିଶ୍ କରିଥିଲେ । ତାମିଲନାଡୁର କେ ନନ୍ଦିନୀ (୧୩.୭୮ ସେକେଣ୍ଡ) କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ ।



ପ୍ରଜ୍ଞା ପ୍ରଶାନ୍ତି

### ଅମ୍ଲାନଙ୍କୁ ସ୍ୱର୍ଣ୍ଣିମ ସଫଳତା

ସେହିଭଳି ଏହି ପ୍ରତିଯୋଗିତାରେ ରିଲାଏନ୍ସ ଏଚ୍‌ପିସିର ଆଉ ଜଣେ ଧାବକ ସ୍ୱର୍ଣ୍ଣପଦକ ଜିତିଛନ୍ତି । ସେ ହେଲେ ଅମ୍ଲାନ ବୋର୍‌ଗୋହେଁ । ପୁରୁଷ ୨୦୦ ମିଟର ରେସ୍‌କୁ ଅମ୍ଲାନ ୨୦.୮୩ ସେକେଣ୍ଡରେ ଶେଷ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ । ଏଚ୍‌ପିସି ଅନ୍ୟ ଦୁଇ ଧାବକ ମଣିକାନ୍ତ ହୋବ୍ଲିଧା (୨୧.୨୦ ସେକେଣ୍ଡ) ରୌପ୍ୟ ଓ ଲାଲୁ ପ୍ରସାଦ ଭୋଇ (୨୧.୨୬ ସେକେଣ୍ଡ) କାଂସ୍ୟ ପଦକ ହାସଲ କରିଛନ୍ତି ।

## ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହେବେ ଶ୍ରେୟସ, ଇଶାନ

ନୂଆଦିଲ୍ଲୀ, ୨୮ ।୩ (ଏଜେନ୍ସି): ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟାର ଓ ୱିକେଟରକ୍ଷକ ବ୍ୟାଟର ଇଶାନ କିଶାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହୋଇପାରନ୍ତି । ଗତବର୍ଷ ଏହି ଦୁଇ ଖେଳାଳିଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାହାର କରିଦିଆଯାଇଥିଲା ଓ ସେତେବେଳେ ଏ ନେଇ ବେଶ୍ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା । ଚାମ୍ପିଅନ୍ସ ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଆୟର ଚୁକ୍ତିରେ ସାମିଲ ହେବା ଏକପ୍ରକାର ନିଶ୍ଚିତ ହୋଇଛି । ସେହିପରି ଇଶାନ ଚଳିତ ଆଇପିଏଲ୍‌ରେ ନିଜର ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ଶତକୀୟ ପାଳି ଖେଳି କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହେବାର ଦାବି ଉପସ୍ଥାପନ କରିଛନ୍ତି । ଶନିବାର ଗୌହାଟୀରେ ବିସିସିଆଇର ବୈଠକ ବସିବ ଓ ଏଥିରେ ସମ୍ପାଦକ ଦେବଜିତ ସାଇକିଆ, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ ପ୍ରଶିକ୍ଷକ ଗୌତମ ଗମ୍ଭୀର ଯୋଗ ଦେଇ ଏ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନେବେ । ଆୟରଙ୍କୁ ଚୁକ୍ତିରେ ଶ୍ରେଷ୍ଠ ବର୍ଗରେ ସାମିଲ କରାଯାଇପାରେ । ତେବେ ଇଶାନଙ୍କୁ ନେଇ ସ୍ଥିତି ସ୍ପଷ୍ଟ ହୋଇନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଚାମ୍ପିଅନ୍ସ ଟ୍ରଫିରେ ଆୟର ୫ଟି ଇନିଂସ ଖେଳି ୭୯.୪୧ ଷ୍ଟ୍ରାଇକ୍‌ରେଟ୍‌ରେ ପାଖାପାଖି ୪୯ ହାରରେ ୨୪୩ ରନକରି ଭାରତକୁ





ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏଥିରେ ତାଙ୍କର ଦୁଇଟି ଅର୍ଦ୍ଧଶତକ ସାମିଲ ରହିଥିଲା । ସେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍କୋରର ବିବେଚିତ ହୋଇଥିଲେ ।

ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଚୁକ୍ତିରେ ଏ+ ବର୍ଗରେ ସ୍ଥାନ ବଜାୟ ରଖିବା ଏକପ୍ରକାର ନିଶ୍ଚିତ । ଏହି ୩ ବରିଷ୍ଠ ଖେଳାଳି ଗତବର୍ଷ ଟି-୨୦ ବିଶ୍ୱକପ୍ ବିଜୟପରେ ଟି-୨୦ ଫର୍ମାଟରୁ ଅବସର ଘୋଷଣା କରିଥିଲେ । ସେହିପରି ଅଭିଷେକ ଶର୍ମା, ନୀତୀଶ ରେଡ୍ଡୀ ଓ ବରୁଣ ଚକ୍ରବର୍ତ୍ତୀ ମଧ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ବରୁଣ ଚାମ୍ପିଅନ୍ସ ଟ୍ରଫିରେ ୯ ୱିକେଟ ନେଇ ଭାରତକୁ ଚାମ୍ପିଅନ କରାଇବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ସେହିପରି ନୀତୀଶ ବର୍ଡର- ଗାଭାସ୍କର ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ଅଭିଷେକ ୨୦୨୪-୨୫ ସିଜିନରେ ୧୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୦୦.୪୮ ଷ୍ଟ୍ରାଇକ୍‌ରେଟ୍ ମୋଟ୍ ୪୧୧ ରନ ସଂଗ୍ରହ କରିଥିଲେ ।

## ଚେନ୍ନାଇ ପାଇଁ ଧୋନି ସର୍ବାଧିକ ସ୍କୋରର୍

ଚେନ୍ନଇ, ୨୮ ।୩ (ଏଜେନ୍ସି): ଆଇପିଏଲ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପାଇଁ ମହେନ୍ଦ୍ର ସିଂ ଧୋନି ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି । ଶୁକ୍ରବାର ରାତିରେ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ଧୋନି ୧୬ ବଲରୁ ୩ ଚୌକା ଓ ୨ ଛକା ସହ ୩୦ ରନର ଅପରାଜିତ ପାଳି ଖେଳିଥିଲେ । ଏଥିସହ ଚେନ୍ନାଇ ପକ୍ଷରୁ ଆଇପିଏଲ୍‌ରେ ଖେଳି ସେ ୪୬୯୯ ରନ ସଂଗ୍ରହ କରିଛନ୍ତି । ଏହିକ୍ରମରେ ସେ ସୁରେଶ ରାଇନାଙ୍କୁ ପଛରେ ପକାଇଦେଇଛନ୍ତି । ରାଇନା ସୁପର୍ କିଙ୍ଗ୍‌ସ ପାଇଁ ୪୬୮୭ ରନ କରି ତାଲିକାର ୨ୟ ସ୍ଥାନରେ ରହିଛନ୍ତି । ସେହିଭଳି ଫାଫ୍ ଡୁ ପ୍ଲେସିସ (୨୭୨୧), ଋତୁରାଜ ଗାଏକୱାଡ (୨୪୩୩) ଓ ରବୀନ୍ଦ୍ର ଜାଡେଜା (୧୯୩୯ ରନ) ଯଥାକ୍ରମେ ତାଲିକାରେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି ।

ଅପରପକ୍ଷରେ ଚେନ୍ନାଇର ଅନ୍ୟତମ ଅଭିଜ୍ଞ ଖେଳାଳି ରବୀନ୍ଦ୍ର ଜାଡେଜା ମଧ୍ୟ ଏହି ମ୍ୟାଚ୍ ଅବସରରେ ଆଇପିଏଲ୍‌ରେ ତାଙ୍କର ୩୦୦୦ ରନ ମାଇଲଖୁଣ୍ଟ ଛୁଇଁଛନ୍ତି । ଜାଡେଜା ବର୍ତ୍ତମାନ ଆଇପିଏଲ୍‌ରେ ୨୪୨ ମ୍ୟାଚ୍ ଖେଳି ୨୭.୨୮ ହାରରେ ୩୦୦୧ ରନ କରିଛନ୍ତି । ଆଇପିଏଲ୍ ଇତିହାସରେ ୨୭ତମ ବ୍ୟାଟର୍ ଭାବେ ସେ ୩୦୦୦ ରନ ଅତିକ୍ରମ କରିଛନ୍ତି ।

**● ଓଡ଼ିଶା ମହିଳା ଫୁଟବଲ୍ ଲିଗ୍**

## କିଟ୍/କିସ୍, ଟାଟାଷ୍ଟିଲ୍ ବିଜୟୀ



ଭୁବନେଶ୍ୱର, ୨୮ ।୩ (ସମିସ): ଚଳିତ ଓଡ଼ିଶା ମହିଳା ଫୁଟବଲ ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ କିଟ୍/କିସ୍ ଓ ଟାଟାଷ୍ଟିଲ୍ ବିଜୟ ହାସଲ କରିଛନ୍ତି । ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଗ୍ରାଉଣ୍ଡରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । କିଟ୍/କିସ୍ ୧୦-୨ ଗୋଲରେ ବକ୍ସି ଜଗବନ୍ଧୁ କ୍ଲବକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଟାଟା ଷ୍ଟିଲ୍ ୧-୦ ଗୋଲ୍‌ରେ ମନୋରମା କ୍ଲବକୁ ହରାଇଛି । କିଟ୍/ କିସ୍ ତରଫରୁ ଜୋସ୍ନା ମୁଣ୍ଡାରୀ ୧୧, ୩୮, ୭୫ ମିନିଟ୍‌ରେ, ସୀମାରାଣୀ ଦେହୁରୀ ୧୪, ୧୬, ୩୭, ୭୯ତମ ମିନିଟ୍‌ରେ, ଅଞ୍ଜଳା ମୁଣ୍ଡାରୀ ୩୯ ଓ ୪୯ତମ ମିନିଟ୍‌ରେ ଏବଂ ସାଲଙ୍ଗା ସୋରେନ ୪୦ତ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ । ଅପରପକ୍ଷରେ ବକ୍ସି ଜଗବନ୍ଧୁ ତରଫରୁ ଲୋଟସ ହଣ୍ଡା ୬୧ ଓ ୭୮ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ । ସେହିପରି ଦ୍ୱିତୀୟ ମୁକାବିଲାରେ ମନୋରମା କ୍ଲବ ବିପକ୍ଷରେ ଟାଟା ପାଇଁ ରଶ୍ମିତା ଲାଗୁରୀ ୫୪ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ ।

**● ଜାତୀୟ ଫେନ୍‌ସିଂ ଉପ-କନିଷ୍ଠ ପ୍ରତିଯୋଗିତା**

## ଲିକ୍ଷିତ ଜିତିଲେ କାଂସ୍ୟ ପଦକ



ଭୁବନେଶ୍ୱର, ୨୮ ।୩ (ସମିସ): କଟକର ଜବାହରଲାଲ ନେହରୁ ଷ୍ଟାଡିୟମରେ ଚାଲିଥିବା ୨୬ତମ ଜାତୀୟ ଫେନ୍‌ସିଂ ଉପ-କନିଷ୍ଠ ପ୍ରତିଯୋଗିତାରେ ଓଡ଼ିଶାର ଲିକ୍ଷିତ କୁମାର ବିଶ୍ୱାଳ କାଂସ୍ୟ ପଦକ ହାସଲ କରିଛନ୍ତି । ଶୁକ୍ରବାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଇପି ଇଭେଣ୍ଟରେ ହରିୟାଣାର ଅଶ୍ୱିନୀ କୁମାରଙ୍କଠାରୁ ୧୨-୧୫ରେ ପରାସ୍ତ ହୋଇ ସେ କାଂସ୍ୟରେ ସନ୍ତୁଷ୍ଟ ହୋଇଛନ୍ତି । ହରିୟାଣା ପ୍ରତିଯୋଗୀ କିନ୍ତୁ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ସହ ମୋଟ୍ ୩ଟି ପଦକ ହାସଲ କରିଛନ୍ତି । ରାଜ୍ୟ ଫେନ୍‌ସିଂ ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପ- ସଭାପତି ରମେଶ ମଲ୍ଲିକ, ସହଦେବ ରାଉତ ଓ ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ଅମ୍ରିତ କୁମାର ସାହୁ ପଦକ ବିତରଣ ଉତ୍ସବରେ ଉପସ୍ଥିତ ରହି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।

## ଜୋକୋଭିଚ୍ ବୟୋଜ୍ୟେଷ୍ଠ ସେମିଫାଇନାଲିଷ୍ଟ

ମିଆମି, ୨୮ ।୩ (ଏଜେନ୍ସି): ମିଆମି ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ସର୍ବିଆର ଅଭିଜ୍ଞ ଖେଳାଳି ନୋଭାକ ଜୋକୋଭିଚ୍ ବୟୋଜ୍ୟେଷ୍ଠ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଶୁକ୍ରବାର ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍ କ୍ୱାର୍ଟରଫାଇନାଲରେ ୬-୩, ୭-୬ ସିଧାସଳଖ ସେଟ୍‌ରେ ଆମେରିକାର ୨୪ତମ ସିଡ୍ ସେବାଷ୍ଟିଆନ କୋର୍ଡାଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି । ୩୭ ବର୍ଷ ୧୦ ମାସରେ ପଦାର୍ପଣ କରିଥିବା ଜୋକୋଭିଚ୍ ଏହି କ୍ରମରେ ସ୍ୱିଜରଲାଣ୍ଡର ରୋଜର ଫେଡରରଙ୍କ ୬ ବର୍ଷର ରେକର୍ଡକୁ ପଛରେ ପକାଇଛନ୍ତି । ୨୦୧୯ରେ ଫେଡେରର ୩୭ ବର୍ଷ ୭ମାସରେ ମିଆମି ଓପନ୍ ସେମିରେ ପ୍ରବେଶ କରିବାର ବୟୋଜ୍ୟେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ୬ଥର ମିଆମି ଟାଇଟଲ ଜିତିଥିବା ଜୋକୋଭିଚ୍ ଶେଷଥର ପାଇଁ ୨୦୧୬ରେ ଏଠାରେ ଚାମ୍ପିଅନ ହୋଇଥିଲେ । ରେକର୍ଡ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ୍ ସେମିରେ ବୁଲଗେରିଆର ୧୪ତମ ସିଡ୍ ଗ୍ରିଗର ଡିମିଟ୍ରୋଭଙ୍କୁ ଭେଟିବେ ।

**ଜାତୀୟ ମହିଳା ହକି ଲିଗ୍**

## ହରିୟାଣା ଚାମ୍ପିଅନ; ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୨୮ ।୩ (ସମିସ)

ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂହ ହକି ଷ୍ଟାଡିୟମରେ ଚାଲିଥିବା ଜାତୀୟ ମହିଳା ହକି ଲିଗ୍ (୨୧ ବର୍ଷରୁ କମ୍)ରେ ଓଡ଼ିଶା ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି । ଫାଇନାଲ ମୁକାବିଲାରେ ହରିୟାଣା ୩-୨ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରି ଚାମ୍ପିଅନ ହୋଇଛି ।

ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଓଡ଼ିଶା ପ୍ରଥମେ ଗୋଲ୍ ଖାତା ଖୋଲିଥିଲା । ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ଅହଲ୍ୟା ଲାକ୍ରା ଏକ ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାକୁ ୧-୦ରେ ଆଗୁଆ କରାଇଥିଲେ । ତେବେ ଏହାର ୪ ମିନିଟ୍ ପରେ ହରିୟାଣାର କାଜଲ ଏହି ଗୋଲଟି ଶୁଝିଦେଇଥିଲେ । ଫଳରେ ପ୍ରଥମ କ୍ୱାର୍ଟର ୧-୧ରେ ବରାବର୍ ରହିଥିଲା । ଦ୍ୱିତୀୟ କ୍ୱାର୍ଟର କିନ୍ତୁ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟର କିନ୍ତୁ ହରିୟାଣା ସପକ୍ଷରେ ଯାଇଥିଲା । ୩୨ତମ ମିନିଟରେ କାଜଲ ଓ ୪୨ତମ ମିନିଟ୍‌ରେ ସାବିଙ୍କ ଗୋଲ୍ ବଳରେ ହରିୟାଣା ୩-୧ରେ ଆଗୁଆ ରହି ଦୃଢ଼ସ୍ଥିତିରେ ରହିଥିଲା । ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଓଡ଼ିଶା ଲଢୁଆ ପ୍ରଦର୍ଶନ କରିଥିଲେ ମଧ ଗୋଟିଏ ଗୋଲ୍ ଦେଇପାରିଥିଲା । ୫୪ତମ ଦୀପିକା ବରୱାଙ୍କ ଗୋଲ୍ ବଳରେ ଓଡ଼ିଶା ୨-୩ ସ୍ଥିତିକୁ ଆସିଥିଲେ ମଧ ପରାଜୟରୁ ବର୍ତ୍ତିପାରି ନ ଥିଲା । ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୭ ମ୍ୟାଚ୍ ଖେଳି ୪ ବିଜୟ, ୨ ପରାଜୟ ଓ ଗୋଟିଏ ସୁଟ୍ ଆଉଟ୍ ବିଜୟ ସହ ୧୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଥିଲା ।



### ଝାଡ଼ଖଣ୍ଡକୁ କାଂସ୍ୟ

ଅପରପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଝାଡ଼ଖଣ୍ଡ ୧-୦ ଗୋଲରେ ମଧ୍ୟପ୍ରଦେଶକୁ ହରାଇ କାଂସ୍ୟ ପଦକ ହାସଲ କରିଛି । ମ୍ୟାଚର ୧୨ତମ ମିନିଟ୍‌ରେ ସୁଇଟି ଡୁଙ୍ଗ୍‌ଡୁଙ୍ଗ୍ ଝାଡ଼ଖଣ୍ଡ ପାଇଁ ବିଜୟସୂଚକ ଗୋଲ୍‌ଟି ଦେଇଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS